
ବର୍ଷ-୨୪, ସଂଖ୍ୟା-୧୮୦
ଭୁବନେଶ୍ୱର
୩୦ ଜୁଲାଇ, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 180
Bhubaneswar
30 July, 2024,Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ପଦକ ଜିତିବାରୁ ଅଳ୍ପକେ ରହିଗଲେ ଅର୍ଜୁନ

# ଅବକାରୀ ବାବୁଙ୍କର ମାଳ ମାଳ ଫ୍ଲାଟ୍ ସାଙ୍ଗକୁ ପ୍ଲଟ୍





## ● ଏବେବି ରହୁଛନ୍ତି ଭଡ଼ାଘରେ, ଯାଉଛନ୍ତି ବାଇକ୍‌ରେ
## ● ୫୨ ପ୍ଲଟ୍, ୬ କୋଠା ଠାବ, ଟଙ୍କା ଓ ସୁନା ଅଳଙ୍କାର ଜବତ
## ● ବରଗଡ଼, ସମ୍ବଲପୁର ଓ ଭୁବନେଶ୍ୱରରେ ରହିଛି ଆପାର୍ଟମେଣ୍ଟ
## ● ସୋନପୁରର ତରଭାରେ ରାଇସ୍ ମିଲ୍ ଓ ସୋନପୁରରେ ଫାର୍ମ ହାଉସ୍

ଭୁବନେଶ୍ୱର,୨୯।୭(ମହାଭାରତ): ରାଜ୍ୟରେ ସରକାର ବଦଳିବା ପରେ ଟାର୍ଗେଟରେ ବଡ଼ ବଡ଼ ବାବୁ। ପ୍ରଥମେ ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କ ପରେ ଏବେ ଭିଜିଲାନ୍ସ ଜାଲରେ ପଡିଛନ୍ତି ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ଅବକାରୀ ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ରଙ୍କ ଏକାଧିକ ଠିକଣା ଉପରେ ଚଢ଼ାଉ କରି କୋଟି କୋଟି ଟଙ୍କା ସମ୍ପତ୍ତି ନେଇ ତଥ୍ୟ ହାତେଇଛି ଭିଜିଲାନ୍ସ। ଅବସର ନେବାକୁ ଆଉ ମାତ୍ର ୮ ମାସ ଥିବା ବେଳେ ଏବେବି ଭଡ଼ାଘରେ ରହୁଥିବା ବେଳେ ବାଇକରେ ଯାତାୟତ କରୁଛନ୍ତି। ହେଲେ ବାବୁ ଠୁଳ କରିଛନ୍ତି ଅମାପ ସମ୍ପତ୍ତି। ରେଡ ବେଳେ ସରକାରୀ ବାବୁଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ବି ତାଜୁବ। ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ତାଙ୍କର ବିଭିନ୍ନ ଠିକଣାରେ ଚଢ଼ାଉ କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ତାଙ୍କର ୫୨ଟି ପ୍ଲଟ୍ ସହିତ ୬ଟି କୋଠା ଓ ୨ଟି ଫ୍ଲାଟ୍ ଥିବା ଜଣାପଡିଛି। ତା ସହିତ ତାଙ୍କର ଗୋଟିଏ ରାଇସ୍ ମିଲ୍ ଅଛି।

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଅବକାରୀ ବିଭାଗ ଜଏଣ୍ଟ କମିଶନରଙ୍କ ଭୁବନେଶ୍ୱର, ସୋନପୁର, ବରଗଡ଼, ବଲାଙ୍ଗୀର ସମେତ ରାଜ୍ୟର ୧୦ଟି ସ୍ଥାନରେ ଏକକାଳୀନ ରେଡ୍ ଚାଲିଥିଲା।। ଚଢ଼ାଉରେ ଭିଜିଲାନ୍ସର ୧୦ ଡିଏସପିଙ୍କ ସମେତ ୧୫ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ। ଖୋଳତାଡରୁ ଜଣାପଡିଥିଲା ଯେ, ଶ୍ରୀ ମିଶ୍ରଙ୍କ ୫୨ଟି ପ୍ଲଟ୍ ମଧ୍ୟରୁ ୨ଟି ସମ୍ବଲପୁରରେ, ୩ଟି ବଲାଙ୍ଗିରରେ ଓ ବାକି ୪୭ଟି ସୁବର୍ଣ୍ଣପୁରରେ ରହିଛି। ସେହିପରି ୬ଟି କୋଠା ମଧ୍ୟରୁ ଭୁବନେଶ୍ୱରର ଆଇଗିଣିଆରେ ତାଙ୍କର ଏକ ଡୁପ୍ଲେକ୍ସ ଅଛି। ବଲାଙ୍ଗିରର ଠିକାଦାରପଡ଼ାରେ ତାଙ୍କର ଦୁଇଟି ତିନି ମହଲା ବିଶିଷ୍ଟ କୋଠା ସହିତ ଗୋଟିଏ ଏକ ମହଲା ବିଶିଷ୍ଟ ଘର ଅଛି। ସମ୍ବଲପୁର ଜିଲ୍ଲାର ବୁର୍ଲାରେ ତାଙ୍କର ଗୋଟିଏ ଦୁଇ ମହଲା ବିଶିଷ୍ଟ କୋଠା ଅଛି। ସୁବର୍ଣ୍ଣପୁରରେ ତାଙ୍କର ଗୋଟିଏ ଏକ ମହଲା ବିଶିଷ୍ଟ କୋଠା ଅଛି। କେବଳ ଏତିକି ନୁହେଁ, ଭୁବନେଶ୍ବରର ଖାରବେଳ ନଗରରେ ଥିବା ଚନ୍ଦ୍ରମା କମ୍ପ୍ଲେକ୍ସରେ ଶ୍ରୀ ମିଶ୍ରଙ୍କର ଏକ ଟୁ-ବିଏଚ୍‌କେ ଫ୍ଲାଟ୍ ଅଛି। ବରଗଡ଼ର ବଦ୍ରିପ୍ରସାଦ ଆପାର୍ଟମେଣ୍ଟରେ ମଧ୍ୟ ତାଙ୍କର ଏକ ଟୁ-ବିଏଚ୍‌କେ ଫ୍ଲାଟ ଅଛି ଭୁବନେଶ୍ୱରରେ ଗୋଟିଏ ଡୁପ୍ଲେକ୍ସ ଓ ଗୋଟିଏ ଫ୍ଲାଟ ଥିଲେ ସୁଦ୍ଧା ସେ ଧର୍ମ ବିହାରରେ ଭଡ଼ା ଘରେ ରହୁଛନ୍ତି।

ସୁବର୍ଣ୍ଣପୁରର ତରଭାରେ ତାଙ୍କର ଗୋଟିଏ ରାଇସ ମିଲ ଅଛି, ଯାହା କାର୍ଯ୍ୟକ୍ଷମ ନାହିଁ। ସୁବର୍ଣ୍ଣପୁରରେ ତାଙ୍କର ଗୋଟିଏ ଫାର୍ମ ହାଉସ୍ ଅଛି। ବ୍ୟାଙ୍କରେ ସେ ୨୨ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତାଙ୍କ ଘରୁ ୨୩୦ ଗ୍ରାମର ସୁନା ଅଳଙ୍କାର ଓ ୩୧୭ ଗ୍ରାମର ରୁପା ଅଳଙ୍କାର ମିଳିଛି। ତାଙ୍କର ୩ଟି ଦୁଇ ଚକିଆ ଯାନ ସହିତ ୧୧.୨୫ ଲକ୍ଷ ଟଙ୍କାର ଘରୋଇ ଆସବାବପତ୍ର ରହିଛି।

ଶ୍ରୀ ମିଶ୍ରଙ୍କର ସମସ୍ତ ପ୍ଲଟ, କୋଠା ଓ ଫ୍ଲାଟର ମୂଲ୍ୟାୟନ ଚାଲିଛି।ସେହିପରି ସେ ମ୍ୟୁଚୁଆଲ ଫଣ୍ଡ ଓ ଅନ୍ୟାନ୍ୟ ସ୍ଥାନରେ ନିବେଶ କରିଛନ୍ତି ସେ ସବୁର ଗଣତି ଜାରି ରହିଛି। ଅବକାରୀ ବିଭାଗରେ ସବ୍ ଇନିସପେକ୍ଟର ଭାବେ ଚାକିରି ଆରମ୍ଭ କରିଥିଲେ। ଏହା ଭିତରେ ୩୦ ବର୍ଷ ବିତି ଯାଇଛି। ସେ ଜଏଣ୍ଟ କମିଶନର ହୋଇଯାଇଛନ୍ତି। ଚାକିରି ଆଉ ୮ ମାସ ଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ି ଯାଇଛନ୍ତି। ଏକାଧିକ ବ୍ୟାଙ୍କରେ ରହିଛି ମୋଟା ଅଙ୍କର ଜମା ରାଶି।

# ରତ୍ନଭଣ୍ଡାର ଅଳଙ୍କାର ଗଣତି ନୁହେଁ, ମରାମତି ଉପରେ ଗୁରୁତ୍ୱ : ଜଷ୍ଟିସ ରଥ



ପୁରୀ,୨୯।୭(ମହାଭାରତ): ରତ୍ନଭଣ୍ଡାର ତଦାରଖ କମିଟିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି। ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଉପସ୍ଥିତ ଥିଲେ ଅନ୍ୟ କମିଟି ସଦସ୍ୟଙ୍କ ସହ ଏଏସଆଇ ବୈଷୟିକ କମିଟି ସଦସ୍ୟ।

ବୈଠକ ଶେଷ ହେବା ପରେ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ଆଜି ରତ୍ନଭଣ୍ଡାର ଅଳଙ୍କାର ଗଣତି ନେଇ କୌଣସି ଆଲୋଚନା ହୋଇନାହିଁ ବରଂ ଆଜି ରତ୍ନଭଣ୍ଡାର ମରାମତି ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ ଯେପରି ଶ୍ରୀମନ୍ଦିର ଢାଞ୍ଚା ଉପରେ କୌଣସି ପ୍ରଶ୍ନ ପ୍ରଶ୍ନବାଚୀ ସୃଷ୍ଟି ନହେବ, ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ବିଭ୍ରାଟ ସୃଷ୍ଟି ନହେବ ଏବଂ ଦର୍ଶନାର୍ଥୀଙ୍କ ଦର୍ଶନରେ କୌଣସି ସମସ୍ୟା ନହେବ, ସେସବୁକୁ ଦୃଷ୍ଟିରେ ରଖି କିପରି ରତ୍ନଭଣ୍ଡାର ଭିତରର ମରାମତି କାମ ହେବ ଏହା ଉପରେ ବୈଠକରେ ଆଲୋଚନା ହୋଇଛି। ଏଣେ ଅତ୍ୟାଧୁନିକ ଉପକରଣ ବ୍ୟବହାର କରାଯାଇ ଦୀର୍ଘ ସମୟ ପାଇଁ ମରାମତି କାମ କରାଯିବ। ଭଣ୍ଡାର ବାହାର ଓ ଭିତର ଭଣ୍ଡାର ମରାମତିରେ ସବୁଠୁ ଉତ୍କୃଷ୍ଟ ଓ ଉପାଦେୟ ଉପକରଣ ବ୍ୟବହାର କରାଯିବ। ଏନେଇ ଏଏସଆଇ ଟେକ୍ନିକାଲ କମିଟି ମେମ୍ବର୍ସ ସରକାରଙ୍କ ସହ ଆଲୋଚନା କରିବା ପରେ କାମକୁ ତ୍ୱରାନ୍ୱିତ କରାଯିବ। ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାର ସମସ୍ତ ଉପାଦେୟ ତଥ୍ୟ ସମୟ କ୍ରମେ ପ୍ରକାଶ କରାଯିବ। ଏନେଇ କୌଣସି ସନ୍ଦେହଜନକ ଖବର ପ୍ରସାରଣ ନକରିବାକୁ ଗଣମାଧ୍ୟମକୁ ନିବେଦନ କରିଛନ୍ତି ଜଷ୍ଟିସ୍ ବିଶ୍ୱନାଥ ରଥ।

ସେ ଆହୁରି କହିଛନ୍ତି, ପ୍ରଥମେ ରତ୍ନଭଣ୍ଡାର ଭିତରେ ଥିବା ଖାଲି ଆଲମିରାକୁ କଢ଼ାଯିବ। ମନ୍ଦିର ପ୍ରଶାସନ ରୁମ୍ ନିର୍ଦ୍ଧାରଣ କରିସାରିଛି, ସ୍ଥାନାନ୍ତରିତ ହେବୟ ଏହା ଏସଓପିରେ ନ ଥିଲା, ସରକାରଙ୍କୁ ଜଣାଇଛୁ।

## ଶିମିଳିପାଳରେ କଳାବାଘ ସଫାରୀ ପ୍ରକ୍ରିୟା ଆଗେଇଲା

ଭୁବନେଶ୍ବର,୨୯।୭(ମହାଭାରତ): ଶିମିଳିପାଳରେ କଳାବାଘ ସଫାରୀ ପ୍ରକ୍ରିୟା ଆଉ ପାଦେ ଆଗେଇଲା। ସେଣ୍ଟ୍ରାଲ ଜୁ ଅଥରିଟି (ସିଜେଡ୍ଏ)ରୁ ମିଳିଲା ଅନୁମତି। ଏନଟିସିଏ ପରେ ସେଣ୍ଟ୍ରାଲ ଜୁ ଅଥରିଟିରୁ ଅନୁମତି ମିଳିଥିବା ସୂଚନା ଦେଇଛନ୍ତି ବନ୍ୟପ୍ରାଣୀ ପିସିସିଏଫ। ବାରିପଦାରୁ ୧୦କିମି ଦୂରରେ ୧୦୦ ଏକର ଜାଗାରେ ମଞ୍ଚିଆପଡାରେ କଳାବାଘ ସଫାରୀ ହେବୟ ନନ୍ଦନକାନନରେ କଳା ଜିନ ଥିବା ବାଘକୁ ନେଇ ସେଠାରେ ଛଡାଯିବ। ଚଳିତ ବର୍ଷ ଶେଷ ସୁଦ୍ଧା ଏହା ପର୍ଯ୍ୟଟକଙ୍କ ପାଇଁ ଖୋଲା ଯିବ। ସେଠାରେ ବାଘ ଙ୍କ ପାଇଁ ଏକ ହସ୍ପିଟାଲ ମଧ୍ୟ ତିଆରି ହେବ ବୋଲି କହିଛନ୍ତି ବନ୍ୟ ପ୍ରାଣୀ ପିସିସିଏଫ୍।ବାଘଙ୍କ ପାଇଁ ସୁରକ୍ଷିତ ନୀବାସ ହେଉଛି ଓଡ଼ିଶା। ହଜାର ହଜାର କିମି ଅତିକ୍ରମ କରି ଓଡ଼ିଶା ମୁହାଁ ହେଉଛନ୍ତି ମହାବଳ ବାଘ। ୨୦୧୩ରେ ନନ୍ଦନକାନନକୁ ଆସିଥିବା ବାଘ ନନ୍ଦନ ସେଣ୍ଟ୍ରାଲ ଇଣ୍ଡିଆ। ଲେଣ୍ଡସ୍କେପରୁ ଆସିଥିବା ଜେନେଟିକ ଷ୍ଟଡିରୁ ଜଣାପଡିଛି। ନିକଟ ଅତୀତରେ ଦୁଇଟି ବାଘ ସେଣ୍ଟ୍ରାଲ ଇଣ୍ଡିଆ। ଲେଣ୍ଡ ସ୍କେପରୁ ଆସି ଓଡ଼ିଶାରେ ରହୁଛନ୍ତି। ରାଜ୍ୟରେ ବାଘ ସଂଖ୍ୟା ବଢୁଥିବା ବେଳେ ଏହା ଦ୍ୱାରା ଆହୁରି ବୃଦ୍ଧି ପାଇବ ବୋଲି କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ।

# ଚିଠି ଲେଖାରେ ବିଶ୍ୱାସ କରେନି : ମୋହନ

ଭୁବନେଶ୍ୱର,୨୯।୭(ମହାଭାରତ): ରାଜ୍ୟରେ ଉପୁଜିଥିବା ଆଳୁ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁହଁ ଖୋଲିଛନ୍ତି। ଚିଠି ଲେଖିବାରେ ବିଶ୍ୱାସ କରେ ନାହିଁ। ଦିଲ୍ଲୀରେ ସିଧାସଳଖ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ୬ ଆଳୁ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଛି ଓ ଖୁବଶୀଘ୍ର ଏହାର ସମାଧାନ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି।





ଆଜି ନୂଆଦିଲ୍ଲୀରୁ ଫେରିବା ପରେ ବିମାନ ବନ୍ଦରରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ମାଝୀ କହିଛନ୍ତି ଯେ, ଆଳୁ ସମସ୍ୟା ପ୍ରସଙ୍ଗରେ ମମତା ବାନାର୍ଜୀଙ୍କ ସହ ଆଲୋଚନାବେଳେ ଦୁଇ ରାଜ୍ୟର ମୁଖ୍ୟ ସଚିବ ମଧ୍ୟ ଉପସ୍ଥିତ ଥିଲେ। ପରିସ୍ଥିତି ସ୍ୱାଭାବିକ ହେବା ଆରମ୍ଭ କରିଛି ଖୁବଶୀଘ୍ର ସମାଧାନ ହେବ। ସେହିପରି ପୋଲାଭରମ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ନୀତି ଆୟୋଗ ବୈଠକରେ ଏହି ପ୍ରସଙ୍ଗରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁଙ୍କ ସହ ଆଲୋଚନା କରିଛି। ପୋଲାଭରମ ଉପରେ ଆମର ଯାହାସବୁ ଦାବି ରହିଛି ସେକଥା ଦୋହରାଇଥିଲୁ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀସ୍ତରୀୟ ବୈଠକ ପାଇଁ ପ୍ରସ୍ତାବ ଦେଇଛି ଓ ନାଇଡୁ ମଧ୍ୟ ଏଥିରେ ରାଜି ଅଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି। ସେହିପରି ନୀତି ଆୟୋଗ ବୈଠକ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଓଡ଼ିଶାର ବିକାଶ ପାଇଁ ଯାହାସବୁ ଗୁରୁତ୍ୱପୂର୍ଣ୍ଣ ସେ ଦାବି ଉପସ୍ଥାପନ କରିଛି। ୨୦୩୬ ମସିହା ପାଇଁ ଆସନ୍ତା ୧୨ବର୍ଷ ମଧ୍ୟରୁ ପ୍ରଥମ ୫ବର୍ଷ ଆମ ପାଇଁ ଗୁରୁଦାୟିତ୍ୱ ରହିଛି। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଯୋଜନାରେ ଓଡ଼ିଶା ପ୍ରଥମ ଗୁରୁତ୍ୱ ବହନ କରୁଛି। ଡବଲ ଇଞ୍ଜିନର ଯେଉଁ ବଗି କଥା କୁହାଯାଉଛି, ସେଥିରେ ଓଡ଼ିଶା ହେବ ପ୍ରଥମ ବଗି। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଉଛନ୍ତି। ତେଣୁ ନୀତି ଆୟୋଗ ବୈଠକରେ ଯେଉଁସବୁ ପ୍ରସ୍ତାବ ଦିଆଯାଇଛି ସେଗୁଡ଼ିକ କାର୍ଯ୍ୟକାରୀ ହେବ ଓ ଆଗାମୀ ୫ବର୍ଷ ମଧ୍ୟରେ ଓଡ଼ିଶାରେ ନିଶ୍ଚିତ ବିରାଟ ପରିବର୍ତ୍ତନ ଆସିବ। ଓଡ଼ିଶାର ବିକାଶ ପାଇଁ ୪୮୦କିମି ବେଳାଭୂମିର ବିକାଶ, ବନ୍ଦରଭିତ୍ତିକ ଶିଳ୍ପ, ପର୍ଯ୍ୟଟନର ବିକାଶ, ଆଇଟି କ୍ଷେତ୍ରରେ ବିକାଶ, ଜନଜାତିମାନଙ୍କ ବିକାଶ ଉପରେ ପ୍ରଧାନମନ୍ତ୍ରୀଙ୍କ ଫୋକସ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଆଜି ନୂଆଦିଲ୍ଲୀରୁ ଫେରିବା ପରେ ବିମାନ ବନ୍ଦରରେ ଶ୍ରୀ ମାଝୀଙ୍କୁ ବିଜେପି ବିଧାୟକମାନେ ସ୍ୱାଗତ କରିଥିଲେ।

## ବାରାମୂଲାରେ ବିସ୍ଫୋରଣ, ୪ ମୃତ

ନୂଆଦିଲ୍ଲୀ,୨୯।୬: ଜମ୍ମୁ-କଶ୍ମୀରର ବାରମୁଲା ଜିଲ୍ଲାର ସୋପୋର ଅଞ୍ଚଳରେ ଆଜି ବିସ୍ଫୋରଣ ଘଟି ୪ ଜଣଙ୍କ ମୃତ୍ୟୁ ଘଟିଛି। ଶେର କଲୋନୀରେ ଜଣେ ସ୍କ୍ରାପ୍ ଡିଲର ଏକ ଟ୍ରକକୁ ସାମଗ୍ରୀ ଉଠାଉଥିବା ବେଳେ ଦୋକାନ ଭିତରେ ଏହି ଘଟଣା ଘଟିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ସୋପୋର ସହରର ଶେର କଲୋନିରେ ଥିବା ଜଣେ ସ୍କ୍ରାପ୍ ବିକ୍ରେତାଙ୍କ ଦୋକାନ ଭିତରେ ଏହି ବିସ୍ଫୋରଣ ଘଟିଛି। ଫଳରେ ଘଟଣାସ୍ଥଳରେ ୨ ଜଣଙ୍କମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ନଜିର ଅହମ୍ମଦ ନାଡ୍ରୁ (୪୦), ଅଜିମ ଅଶରଫ ମୀର (୨୦), ଆଦିଲ ରସିଦ ଭଟ୍ଟ (୨୩) ଓ ମହମ୍ମଦ ଆଝାର (୨୫)। ସମସ୍ତ ମୃତକ ଶେର କଲୋନୀର ବାସିନ୍ଦା ଥିଲେ।

# ରାହୁଲଙ୍କ 'ଚକ୍ରବ୍ୟୂହ' ଉପାଖ୍ୟାନ

ନୂଆଦିଲ୍ଲୀ,୨୯।୭(ମହାଭାରତ): ଲୋକସଭାରେ କେନ୍ଦ୍ରକୁ ଘେରିଲେ ରାହୁଲ । କେନ୍ଦ୍ର ସରକାରଙ୍କ ଉପରେ ତୀବ୍ର ଭାବେ ବର୍ଷିବା ସହ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି । ବିଜେପି ଭାରତୀୟ ଜନତାଙ୍କୁ ଚକ୍ରବ୍ୟୁହରେ ଫସାଇଥିବା ଗୃହ ମଧ୍ୟରେ କହିଛନ୍ତି ରାହୁଲ ଗାନ୍ଧି । ସେ କହିଛନ୍ତି ମହାଭାରତରେ ଯାହା ଅନେକ ବର୍ଷ ପୂର୍ବରୁ ଅଭିମନ୍ୟୁ ସହ ହୋଇଥିଲା, ଆଜି ତାହା ଭାରତର ଜନତାଙ୍କ ସହ କରାଯାଉଛି । ପଦ୍ମଫୁଲ ସଦୃଶ ଏହି ଚକ୍ରବ୍ୟୁହ । ବଜେଟ ପ୍ରସଙ୍ଗରେ କହିବା ଅବସରସରରେ କେନ୍ଦ୍ର ସରକାରଙ୍କୁ ଇ□ର୍ଣ୍ଣସିପ ଯୋଜନାରୁ ଆରମ୍ଭ କରି ପେପର ଲିକ୍ ଘଟଣା ନେଇ ଘେରିଥିଲେ । ଦେଶରେ ଟାକ୍ସ ଟେରରିଜମ ଚାଲିଛି ବୋଲି କହିଥିଲେ ରାହୁଲ । ଦେଶରେ ଭୟର ବାତାବରଣ ରହିଛି। କେନ୍ଦ୍ରର ମନ୍ତ୍ରୀ ଓ ବିଜେପି ନେତା ମଧ୍ୟ ଭୟଭୀତ ହୋଇ ରହିଛନ୍ତି । ବଜେଟରେ କେବଳ ଶିଳ୍ପପତି ଏବଂ କେନ୍ଦ୍ରୀୟ ଏଜେନ୍ସିକୁ ମଜଭୁତ କରିବାକୁ ବ୍ୟବସ୍ଥା କରାଯାଇଛି । ଦେଶରେ କର ଆତଙ୍କବାଦ ସ୍ଥିତି ରହିଛି । ଏହାକୁ ରୋକିବାକୁ ବଜେଟରେ କୌଣସି ବ୍ୟବସ୍ଥା କରାଯାଇନି । ଅର୍ଥମନ୍ତ୍ରୀ ବଜେଟରେ ପେପର ଲିକ୍ ପ୍ରସଙ୍ଗ ନେଇ ଗୋଟିଏ ପଦ ବି କହିନାହାନ୍ତି । ଶିକ୍ଷା କ୍ଷେତ୍ରରେ ୨୦ ବର୍ଷ ଭିତରେ ସବୁଠାରୁ କମ ଅର୍ଥ ବ୍ୟୟବରାଦ କରାଯାଇଛି । ବଜେଟରେ ମଧ୍ୟମବର୍ଗଙ୍କୁ ସରକାର ଧୋକା ଦେଇଛନ୍ତି। ଏବେ ମଧ୍ୟମ ବର୍ଗ ସରକାରଙ୍କ ସାଥ ଛାଡ଼ି ଇଣ୍ଡିଆ ମେ□ ସାଥିରେ ରହିଛି ବୋଲି କହିଛନ୍ତି ରହାଲୁ । କୃଷକଙ୍କୁ ବ□ମାନ ସୁଦ୍ଧା ମିଳିନାହିଁ ଆଇନଗତ ଗ୍ୟାରେ□ । ବଜେଟରେ ଅନ୍ନଦାତାଙ୍କ ଲାଗି କିଛି ବ୍ୟବସ୍ଥା ନାହିଁ ।କୃଷକଙ୍କ ସମ୍ପର୍କରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ନୁହଁନ୍ତି । ଗୃହରେ ରାହୁଲଙ୍କ ବୟାନ ନେଇ ବିଜେପି ସଦସ୍ୟ ଅନେକ ପ୍ରଶ୍ନ ମଧ୍ୟ ଉଠାଇଥିଲେ । ଏହାକୁ ନେଇ ଗୃହରେ ଦୁଇ ପକ୍ଷରୁ ପ୍ରବଳ ହଙ୍ଗାମା ହୋଇଥିଲା ।

## ସିଏମଓରେ ଦାୟିତ୍ୱ ପ୍ରଦାନ

ଭୁବନେଶ୍ୱର,୨୯।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଫିସରମାନଙ୍କୁ ବିଭିନ୍ନ ବିଭାଗ ବଂଟନ କରିଛନ୍ତି।

ସୂଚନା ଅନୁଯାୟୀ, ଆଇଏଏସ୍ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଂଜ ବିହାରୀ ଧଳଙ୍କୁ ଗୃହ, ଅର୍ଥ, ସାଧାରଣ ପ୍ରଶାସନ, ଶିଳ୍ପ , ଆଇନ୍, ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅରିନ୍ଦମ ଡାକୁଆଙ୍କୁ ପଂଚାୟତିରାଜ, ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ, ପୂର୍ତ୍ତ. ବାଣିଜ୍ୟ ଓ ପରିବହନ, ଶକ୍ତି , ଇସ୍ପାତ ଓ ଖଣି, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ଏବଂ ହସ୍ତଶିଳ୍ପ ବିଭାଗର ଦାୟିତ୍ୱ ଦିଆଯାଇଛି। ଆଇଏଏସ୍ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଅନୁପମ ଶାହାଙ୍କୁ ରାଜସ୍ୱ, ସୂଚନା ଓ ଲୋକସମ୍ପର୍କ, ଗଣଶିକ୍ଷା ଓ ଉଚ୍ଚଶିକ୍ଷା,ଦକ୍ଷତା ବିକାଶ , ସ୍ୱାସ୍ଥ୍ୟ, ଆଇଟି, କ୍ରୀଡା ଆଦି ବିଭାଗର ଦାୟିତ୍ୱ ମିଳିଛି। ସେହିପରି ଓଏଏସ୍ ଅଧିକାରୀ ପ୍ରସନ୍ନ ଷଡ଼ଙ୍ଗୀଙ୍କୁ ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ଅବକାରୀ ବିଭାଗ, ଚିତ୍ରସେନ ରାଉତଙ୍କୁ କୃଷି,ମତ୍ସ୍ୟ ସମ୍ପଦ, ସମବାୟ, ଖାଦ୍ୟ ଯୋଗାଣ ଏବଂ ଉମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ ଦାୟିତ୍ୱ ମିଳିଛି।

# ଗେମ୍ ଚେଞ୍ଜର ନୁହେଁ, ନେମ୍ ଚେଞ୍ଜର ବଜେଟ୍ : ନବୀନ

ଭୁବନେଶ୍ୱର,୨୯।୭(ମହାଭାରତ): ଚଳିତ ବଜେଟ୍ ଗେମ୍ ଚେଞ୍ଜର ନୁହେଁ, ନେମ୍ ଚେଞ୍ଜର ବୋଲି କହି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବଜେଟ ଆଲୋଚନାରେ ଭାଗ ନେଇ ନବୀନ କହିଛନ୍ତି ନୂଆ ସରକାରକୁ ଧନ୍ୟବାଦ ଯେ, ନୂଆ ସରକାର ବିଜେଡି ସରକାରର ୮୦% ରୁ ଅଧିକ ଯୋଜନାକୁ ଆପଣେଇଛନ୍ତି। ବଜେଟରେ ପରିବର୍ତ୍ତନ ଦେଖୁଛି। ଯେପରି ନାଁ ପରିବର୍ତ୍ତନ। ଏହା ଗେମ୍ ଚେଞ୍ଜର ନୁହେଁ, ନେମ୍ ଚେଞ୍ଜର। ଏହି ଯୋଜନାଗୁଡିକର ରୂପରେଖ ବିଜେଡି ପ୍ରସ୍ତୁତ କରିଥିଲା। ବାକି ୨୦% ସରକାର ପ୍ରତିଶୃତି ଉପରେ କହୁଛନ୍ତି।

ସୁଭଦ୍ରା ଯୋଜନା ପାଇଁ ପ୍ରତିଶୃତି ପୂରଣ କରିବାକୁ ୧ ଲକ୍ଷ କୋଟି ଦରକାର। ହେଲେ ୧୦ ହଜାର କୋଟି ବଜେଟରେ ଅଛି। ୨ କୋଟିରୁ ଅଧିକ ମହିଳା ଅଛନ୍ତି। ଏତିକି ବଜେଟ୍ ରେ ଯାହା କେବଳ ୧୦ ପ୍ରତିଶତ ମହିଳାଙ୍କୁ ସୁବିଧା ଦେବ। ବାକି ମହିଳାଙ୍କ କଣ ହେବ ବୋଲି ପ୍ରଶ୍ନ କରିଛନ୍ତି ନବୀନ। ସେ କହିଛନ୍ତି-ନୂଆ ସରକାରଙ୍କ ଯୋଜନା ଅନୁସାରେ ୮୦ ବର୍ଷରୁ ଅଧିକ ଲୋକ ପାଇବେ ବର୍ଦ୍ଧିତ ଭତା। ହେଲେ ୬୦ରୁ ୮୦ ବର୍ଷ ଲୋକଙ୍କ କଣ ହେବ। ଏଥିପାଇଁ ୨୧ ହଜାର କୋଟି ଦରକାର। ଧାନର ଏମଏସପି ୩୧୦୦ ଟଙ୍କା କରିବାକୁ କହିଛନ୍ତି ସରକାର। ବଜେଟରେ ୩୦% ଚାଷୀ ବି ସୁବିଧା ପାଇବେନି। ବାକି ଚାଷୀଙ୍କ କଣ ହେବ। ଲୋକେ ଜୁଲାଇରୁ ମାଗଣା ବିଜୁଳି ଅପେକ୍ଷାରେ ଅଛନ୍ତି। ୨୦୨୭ ବେଳକୁ ୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ପ୍ରତିଶୃତି ଦେଇଛନ୍ତି । ଏହାକୁ କାର୍ଯ୍ୟକାରି କରିବାପାଇଁ୨୦,୦୦୦ କୋଟି ଟଙ୍କା ଆବଶ୍ୟକ ପଡିବ। କିନ୍ତୁ ଚଳିତ ବଜେଟ ରେ ମାତ୍ର ୧୦୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଗୃହରେ ପରବର୍ତୀ ସମୟରେ ଲକ୍ଷପତି ଦିଦି ମାନଙ୍କର ଏକ ତାଲିକା ବିସ୍ତୃତ ତଥ୍ୟ ସହ ଉପସ୍ଥାପିତ କରିବାପାଇଁ ଦାବୀ ଜଣାଉଛି। ୨୦୩୬ ସୁଦ୍ଧା ଏକ ବିକଶିତ ଓଡିଶାର ପ୍ରତିଶ୍ରୁତି ଦେଇଛନ୍ତି । ରାଉଲକେଲା- ସମ୍ବଲପୁର – ପାରାଦ୍ୱୀପ-ଧାମରା କୁ ସଂଯୁକ୍ତ କରୁଥିବା ଶିଳ୍ପ କରିଡର ପାଇଁ ମାତ୍ର ୨୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ।

# କେଜ୍ରିୱାଲଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କଲା ସିବିଆଇ

ନୂଆଦିଲ୍ଲୀ,୨୯।୮(ମହାଭାରତ): ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଆକ୍ସନ ମୁଡ୍ରେ ରହିଛି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ତଥା ସିବିଆଇ। ଏହି ମାମଲାରେ ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି। ରାଉସ ଆଭେନ୍ୟୁ କୋର୍ଟରେ ଏହି ଚାର୍ଜଶିଟ୍ ଦାଖଲ ହୋଇଛି। କେଜ୍ରିୱାଲଙ୍କ ଜାମିନ ଆବେଦନର ଶୁଣାଣି ହାଇକୋର୍ଟରେ ଥିବା ବେଳେ ସିବିଆଇ ଏହି ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ କେଜ୍ରିୱାଲଙ୍କୁ ସିବିଆଇ ମୁଖ୍ୟ ଅଭିଯୁକ୍ତ ବୋଲି ଦର୍ଶାଇଛି। ଏଜେନ୍ସି କହିଛି ଯେ ଆପ୍ ପୂର୍ବତନ ମିଡିଆ ଦାୟିତ୍ୱରେ ଥିବା ତଥା କେଜ୍ରିୱାଲଙ୍କ ଘନିଷ୍ଠ ସହଯୋଗୀ ବିଜୟ ନାୟାର ଅନେକ ମଦ ଉତ୍ପାଦକ ଏବଂ ବ୍ୟବସାୟୀଙ୍କ ସହ ଯୋଗାଯୋଗରେ ଥିଲେ। ମଦ ଦୁର୍ନୀତି ମାମଲାର ମୁଖ୍ୟ ଷଡଯନ୍ତ୍ରକାରୀ ହେଉଛନ୍ତି ଅରବିନ୍ଦ କେଜ୍ରିୱାଲ। ଦିଲ୍ଲୀର ସମସ୍ତ ସରକାରୀ ନିଷ୍ପତ୍ତି କେବଳ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଆଯାଇଛି। ଆମ୍ ଆଦମୀ ପାର୍ଟି ଏଥିପାଇଁ ୧୦୦ କୋଟି ଟଙ୍କା ଲାଞ୍ଚ ଆକାରରେ ନେଇଛି ବୋଲି କୋର୍ଟରେ ଶୁଣାଣି ପୂର୍ବରୁ ସିବିଆଇ କହିଛି।

# ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲା କଂଗ୍ରେସ

ଭୁବନେଶ୍ୱର,୨୯।୭(ମହାଭାରତ): ବିଧାନସଭା ଅଧିବେଶନ ଷଷ୍ଠ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛି କଂଗ୍ରେସ। ଆଜି ବିଧାନସଭା ଶୂନ୍ୟକାଳରେ ଅଗ୍ନିବୀରଙ୍କ ପାଇଁ ସଂରକ୍ଷଣ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଘୋଷଣା କରିଥିଲେ। ହେଲେ ଏହାକୁ ଗୃହରେ ପ୍ରକାଶ ପୂର୍ବରୁ

## ବିଧାନସଭାରେ ଶାସକ-ବିରୋଧୀ ମୁହାଁମୁହିଁ

ମୁଖ୍ୟମନ୍ତ୍ରୀ ଗଣମାଧ୍ୟମରେ ଘୋଷଣା କରିଥିଲେ। ଯାହାକୁ ନେଇ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛି।

କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି, ଏହା ଦୁର୍ଭାଗ୍ୟଜନକ କଥା ଗୃହ ବାହାରେ ମୁଖ୍ୟମନ୍ତ୍ରୀଙ୍କ କରିଥିବା ଘୋଷଣାକୁ ଗୃହ ଭିତରେ ସଂସଦୀୟ ମନ୍ତ୍ରୀ ଦୁଇ ଦିନ ପରେ ଘୋଷଣା କରିଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ଏହାକୁ ଗୃହରେ କାହିଁକି ଘୋଷଣା କଲେନାହିଁ ? ଗୃହକୁ ବିଶ୍ୱାସକୁ ନେଲେ ନାହିଁ ମୁଖ୍ୟମନ୍ତ୍ରୀ, ଗୃହର ମର୍ଯ୍ୟାଦା ଭଙ୍ଗ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ବିଧାନସଭା ଇତିହାସରେ ଏକ କଳଙ୍କିତ ଅଧ୍ୟାୟ। ତେଣୁ ସ୍ୱାଧିକାରକୁ ଗ୍ରହଣ କରିବାକୁ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ ତାରା ବାହିନୀପତି।



କେବଳ କଂଗ୍ରେସ ନୁହେଁ ବିରୋଧୀ ଦଳ ବିଜେଡି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏଭଳି କାର୍ଯ୍ୟକୁ ନେଇ ହଟ୍ଟଗୋଳ କରିଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଗୃହ ଚାଲିଥିବା ସମୟରେ ଯାହା ସରକାର ଘୋଷଣା କରନ୍ତି, ତାହା ଗୃହରେ ହୁଏ ମୁଖ୍ୟମନ୍ତ୍ରୀ ଗୃହକୁ ବିଶ୍ୱାସକୁ ନ ନେଇ ଘୋଷଣା କରିଛନ୍ତି କଣ ପାଇଁ। ଗୃହକୁ ବିଶ୍ୱାସ ନନେଇ କାହିଁକି ମୁଖ୍ୟମନ୍ତ୍ରୀ ବାହାରେ ଘୋଷଣା କଲେ ଏନେଇ ମୁଖ୍ୟମନ୍ତ୍ରୀ ଗୃହକୁ ଆସି କ୍ଷମା ମାଗନ୍ତୁ।

ହେଲେ ଏହାପରେ ଶାସକ ବିଜେପି ମଧ୍ୟ କଂଗ୍ରେସ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ ଆଣିଛି। ବିଜେପି ବିଧାୟକ ଇରାଶିଷ ଆର୍ଚ୍ଚ୍ୟ କହିଛନ୍ତି ଯେ ସେ କଂଗ୍ରେସ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ ଦେଇଛନ୍ତି। ନିୟମ ଅନୁସାରେ ବିନା ବାଚସ୍ପତିଙ୍କୁ ଅନୁମତିରେ ସ୍ୱାଧୀକାର ଭଙ୍ଗ ନୋଟିସ ଆଣିବା ପୂର୍ବରୁ ଗଣମାଧ୍ୟମକୁ ଯାଇ ପାରିବ ନାହିଁ। ହେଲେ କଂଗ୍ରେସ ଗତକାଲି କିପରି ଏହା କରିଲା। ଏହା ଗୃହର ମର୍ଯ୍ୟାଦାକ୍ଷୁର୍ଣ୍ଣ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ବିରୋଧୀଙ୍କ ହଟ୍ଟଗୋଳ ପରେ ବାଚସ୍ପତି ସ୍ୱାଧୀକାର ଭଙ୍ଗ ନୋଟିସକୁ ଗ୍ରହଣ କରିଛନ୍ତି। ସମସ୍ତ ସ୍ୱାଧୀକାର ଭଙ୍ଗ ନୋଟିସକୁ ତର୍ଜମା କରିବେ ବୋଲି ବାଚସ୍ପତି ଘୋଷଣା କରିଛନ୍ତି। ଏହାପରେ ମଧ୍ୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହ ମଧ୍ୟ ଭାଗରେ ଦାବି ଦୋହରାଇବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭାଙ୍ଗ ପ୍ରିଭିଲେଜ କମିଟିକୁ ପଠାଇବା ପାଇଁ ଦାବି କରିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବି ଘୋଷଣା କରିଛନ୍ତି।

# ଫୁଲୁଛି ମହାନଦୀ, ତଳିଆ ଅଞ୍ଚଳରେ ଛନକା

ସମ୍ବଲପୁର,୨୯।୭(ମହାଭାରତ): ଗତକାଲି ହୀରାକୁଦ ଡ୍ୟାମର ୨୦ଟି ଗେଟ୍ ଖୋଲିବା ପରେ ବଢୁଛି ମହାନଦୀ ଜଳସ୍ତର। କଟକ ମୁଣ୍ଡଳୀରେ ମହାନଦୀରେ ଜଳସ୍ତର କ୍ରମଗାତ ବୃଦ୍ଧି ପାଇବାକୁ ଲାଗିଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଗଲାଣି।



ଆଜି ହୀରାକୁଦ ଡ୍ୟାମ ର ଜଳ ପତ୍ତନ ୬୧୮ ଫୁଟ ରହିଛି। ଏବେ ଡ୍ୟାମ ମଧ୍ୟକୁ ସେକେଣ୍ଡ କୁ ୨ ଲକ୍ଷ ୫୭ ହଜାର ୫୫ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ୩ ଲକ୍ଷ ୪୭ ହଜାର ୬୨୮ ଘନଫୁଟ ଜଳ ନିଷ୍କାସିତ ହେଉଛି।

ହୀରାକୁଦରୁ ବନ୍ୟାଜଳ ପ୍ରଥମେ ଖଇରାମାଳ ଓ ପରେ ବରମୂଳ ଦେଇ ଆସି ମୁଣ୍ଡଳିରେ ପହଞ୍ଚିବ।ଆଜି ସନ୍ଧ୍ୟା ସୁଦ୍ଧା ବନ୍ୟା ଜଳ ମୁଣ୍ଡଳୀରେ ପହଞ୍ଚି ପାରେ ବୋଲି ସୂଚନା ମିଳିଛି। ସେତେବେଳେ ମୁଣ୍ଡଳିରେ ପ୍ରାୟ ୫ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେବା ନେଇ ଅନୁମାନ କରାଯାଉଛି। ମାତ୍ର ଆଜି ସକାଳ ୬ଟା ସୁଦ୍ଧା ମୁଣ୍ଡୁଳି ଦେଇ ନିଷ୍କାସିତ ହେଉଛି ୨ ଲକ୍ଷ କ୍ୟୁସେକ ବନ୍ୟା ପାଣି।

ବନ୍ୟା ଆଶଙ୍କା ନଥିଲେ ବି ମହାନଦୀ ଅବବାହିକାର ତଳମୁଣ୍ଡରେ ଥିବା ସମ୍ବଲପୁର, ସୋନପୁର, ନୟାଗଡ଼, ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏସଆରସି। ପୂର୍ବ ସତର୍କତା ସ୍ୱରୂପ ମହାନଦୀ ଭିତରକୁ ଲୋକ ପ୍ରବେଶ ନ କରିବା ସହ ଗୋରୁଗାଈ ଆଦି ଗୃହପାଳିତ ପଶୁଙ୍କୁ ଛାଡ଼ିବା ଉପରେ ବାରଣ କରାଯାଇଛି।

ଗତକାଲି ୨୦ଟି ଗେଟ୍ ଖୋଲାଯାଇଥିବା ବେଳେ ଅଧିକ ଗେଟ୍ ଖୋଲାଗଲେ ତଳିଅର ଅଞ୍ଚଳରେ ପାଣି ପଶିବାର ଆଶଙ୍କା ଦେଖା ଦେଇଛି। ଫଳରେ କଟକର ତଳି ଅଞ୍ଚଳ ବାଙ୍କୀ, ଆଠଗଡ଼ , ନରସିଂହପୁର, ବଡ଼ମ୍ବା ଆଦି ଅଞ୍ଚଳ ଜଳମଗ୍ନ ହୋଇପାରେ।

ଏବେ ହୀରାକୁଦ ଡ୍ୟାମ୍ର ଗେଟ୍ ଖୋଲାଯାଉଥିବାରୁ ମୁଣ୍ଡଳୀ, ନରାଜ ଓ ଯୋବ୍ରାରେ କଣ୍ଟ୍ରୋଲ ରୁମକୁ ଆକ୍ଟିଭ କରାଯାଇଛି। ଅଧିକାରୀମାନେ ଜଳସ୍ତର ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ପ୍ରତି ଦୁଇ ଘଣ୍ଟାରେ ଥରେ ବନ୍ୟାଜଳ ନିଷ୍କାସନ ସମ୍ପର୍କରେ ସରକାରଙ୍କୁ ଖବର ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ।

**ପ୍ରସ୍ତୁତ ପ୍ରଣାଳୀ :**

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ । ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ । ଏବେ ଧୀରେ ଧୀରେ ବେସନ ଦିଅନ୍ତୁ । ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ। ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ । ଏବେ ଆଞ୍ଚ କମ କରିଦିଅନ୍ତୁ। ଆଉ ୨ରୁ ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ। ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ। ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାର୍ନିସିଙ୍ଗ କରନ୍ତୁ।



..... ଖବର .....

# ସିନେମା ହଲରେ ଦର୍ଶକଙ୍କୁ ଆକର୍ଶିତ କରୁଛି ଡେଡପୁଲ ଆଣ୍ଡ ୱ୍ଲଭେରିନ



ମାର୍ଭେଲର ଫିଲ୍ମ ଡେଡପୁଲ ଆଣ୍ଡ ୱ୍ୋଲଭେରିନ ସିନେମା ପରଦାରେ ମୁକ୍ତି ଲାଭ କରିବାର ପ୍ରଥମ ଦିନରେ ବହୁତ ଭଲ ରୋଜଗାର କରିଛି । ଏହି ଫିଲ୍ମରେ ରାୟନ ରେନାଲ୍ଡଙ୍କ ସହିତ ହ୍ୟୁଗ୍ ଜ୍ୟାକମେନଙ୍କୁ ଦେଖିବା ପାଇଁ ମିଳିଛି ।ଏହି ୨ଜଣ ବଡ କଳାକାର ଡେଡପୁଲ ଆଣ୍ଡ ୱ୍ୋଲଭେରିନ ଚରିତ୍ରରେ ଭାରତ ତଥା ବିଦେଶର ଦର୍ଶକମାନଙ୍କୁ ବହୁତ ଆର୍କଶିତ କରୁଛନ୍ତି। ଭାରତରେ ଫିଲ୍ମର ପ୍ରଥମ ଦିନର ରୋଜଗାର ବହୁତ ଭଲ ରହିଛି ।ନିର୍ଦ୍ଦେଶକ ଶନ୍ ଲେଭିଙ୍କ ନିର୍ମିତ ଡେଡପୁଲ ଆଣ୍ଡ ୱ୍ୋଲଭେରିନ ଫିଲ୍ମ ୨୬ ଜୁଲାଇ ୨୦୨୪ ତଥା ଗତ ଶୁକ୍ରବା ବକ୍ସ ଅଫିସରେ ମୁକ୍ତି ଲାଭ କରିଥିଲା ।ଏହି ଫିଲ୍ମ କୁ ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ମୁକ୍ତି ଲାଭ କରଯାଇଥିଲା । ଶୁକ୍ରବାର ଦିନ ଦେଶର ବିଭିନ୍ନ ସ୍ଥାନରୁ ଲୋକମାନେ ଏହି ଚଳଚିତ୍ରକୁ ଦେଖିବା ପାଇଁ ବିଭିନ୍ନ ପ୍ରେକ୍ଷାଳୟକୁ ଯାଇଥିଲେ । ଏହି ଫିଲ୍ମ ଭାରତରେ ପ୍ରଥମ ଦିନରେ ଚମତ୍କାର ରୋଜଗାର କରିଛି ।ସୂଚନା ଅନୁସାରେ ରେନାଲ୍ଡ ଏବଂ ଜ୍ୟାକମେନଙ୍କ ଚଳଚିତ୍ର ସମସ୍ତ ଭାଷାରେ ଭାରତୀୟ ବକ୍ସ ଅଫିସରେ ୨୨.୩ କୋଟି ଟଙ୍କା ସଂଗ୍ରହ କରିଛି । ଇଂରାଜୀରେ ୧୧.୯ କୋଟି , ହିନ୍ଦୀ ୮,୧ କୋଟି , ତେଲୁଗୁ ୧.୨ କୋଟି ଏବଂ ତାମିଲରେ ୧.୧ କୋଟି ଟଙ୍କା ମୁକ୍ତି ଲାଭର ପ୍ରଥମ ଦିନରେ ସଂଗ୍ରହ କରିଛି ।ଭାରତର ବକ୍ସ ଅଫିସରେ ପ୍ରଥମ ଦିନରେ ସବୁଠାରୁ ଅଧିକ ରୋଜଗାର କରିଥିବା ଷଷ୍ଠ ଚଳଚିତ୍ର ଡେଡପୁଲ ଆଣ୍ଡ ୱ୍ୋଲଭେରିନ । ଏହି ଫିଲ୍ମ ସିନେମା ପରଦାକୁ ଆସିବା ପୂର୍ବରୁ ଆଭେଞ୍ଜର୍ସ ଏଣ୍ଡଗେମ୍ ପ୍ରଥମଦିନରେ ୫୩.୧୦ କୋଟି ଟଙ୍କା ରୋଜଗାର କରିଥିଲା, ଅବତାର ମଧ ୪୦ କୋଟି , ସ୍ପାଇଡରମ୍ୟାନ ନୋ ବେ ହୋମ୍ ୩୨.୬୭ କୋଟି, ଏଭେଞ୍ଜର୍ସ ଇନଫିନିଟି ୱାର ୩୧.୩୦ କୋଟି ଏବଂ ଡଃ ଷ୍ଟେଜ୍ ମଲ୍ଟିଭର୍ ଅଫ୍ ମ୍ୟାଡନେସ୍ର ନମ୍ବର ଆସିପାରେ ବୋଲି ଆକଳନ କରାଯାଉଛି ।ଆଶା କରାଯାଉଛି ସୋମବାର ସୁଦ୍ଧା ଡେଡପୁଲ ଆଣ୍ଡ ୱ୍ୋଲଭେରିନ ୨୦୨୪ର ସବୁଠାରୁ ବଡ ଓପନିଂ ଚଳଚିତ୍ର ହେବ ବୋଲି ।ଡିଜ୍ନି ଦ୍ୱାରା ନିର୍ମିତ ପ୍ରଥମ ଆର-ରେଟେଡ ଚଳଚିତ୍ର ଡେଡପୁଲ ଆଣ୍ଡ ୱ୍ୋଲଭେରିନ ।ଅନେକ ବର୍ଷପରେ ହ୍ୟୁଗ୍ ଜ୍ୟାକମେନ ତାଙ୍କ ୱ୍ୋଲଭେରିନ ଭୂମିକାରେ ଫେରିଛନ୍ତି ଏଥି ପାଇଁ ଦର୍ଶକମାନେ ଅତ୍ୟନ୍ତ ଖୁସି ଅଛନ୍ତି ।

## ଫ୍ରିଜରେ ରଖନ୍ତୁ ନାହିଁ ଏହି ଜିନିଷ

ଆମେ ସମସ୍ତେ ଭଲ ଭାବେ ଜାଣିଛନ୍ତି ଯେ ଦ୍ରବ୍ୟକୁ ଫ୍ରିଜରେ ସୁରକ୍ଷିତ ଭାବେ ରଖାଯାଇପାରିବେ,କିନ୍ତୁ ଏହାର ମାନେ ନୁହେଁ ଯେ ସମସ୍ତ ଦ୍ରବ୍ୟକୁ ଫ୍ରିଜରେ ରଖାଯିବ। ବେଳେବେଳେ ଆମକୁ ସୁହାଉଥିବା ଭଳି ଅଭ୍ୟାସ ମଧ୍ୟ ଆମ ଅଜଣାତରେ ନୂଆ ସମସ୍ୟା ସୃଷ୍ଟି କରିଥାଏ । କେଉଁ ଦ୍ରବ୍ୟକୁ ଫ୍ରିଜରେ ରଖାଗଲେ ଆମ ସ୍ୱାସ୍ଥ୍ୟ ପ୍ରଭାବିତ ହେବ ସେ ସଂପର୍କରେ ଆସନ୍ତୁ ଜାଣିନେବା ।

ଅଧିକାଂଶ ଲୋକ ଫ୍ରିଜରେ ଟମାଟୋ ରଖନ୍ତି । ଟମାଟୋ ଏକ ପରିବା ନୁହେଁ ଏହା ଏକ ଫଳ । ଏହା ଅଧିକ ଗରମ ଏବଂ ପାଣି ଲୋଡ଼ିଥାଏ। ପାଗ ଥଣ୍ଡା ହେଲେ ଏହା ସମ୍ଭାଳି ପାରିନଥାଏ । ଶୀଘ୍ର ପଚିଯାଏ । ଭିନେଗାର ଓ ସୋୟା ସସକୁ ଫ୍ରିଜରେ ରଖନ୍ତୁ ନାହିଁ। ଏହାକୁ ସୁରକ୍ଷିତ ପାଇଁ ଫ୍ରିଜର ଆବଶ୍ୟକତା ନଥାଏ । କେତେକ ଗୃହିଣୀ କାଟିଲା ବେଳେ ଆଖିରୁ ଲୁହ ବାହାରିବନି ବୋଲି ଜାଣି ପିଆଜକୁ ଫ୍ରିଜରେ ରଖନ୍ତି । ପିଆଜ ଫ୍ରିଜରେ ରହିଲେ ଶୀଘ୍ର ପଚିବାର ସମ୍ଭାବନା ରହିଛି । ପିଆଜ ରହୁଥିବା ଫ୍ରିଜରୁ ଦୁର୍ଗନ୍ଧ ହୁଏ । କାକୁଡ଼ିକୁ ଫ୍ରିଜରେ ରଖିଲେ ଏଥିରେ ଥିବା ଆଣ୍ଟିଅକ୍ସିଡ଼େଣ୍ଟ ନଷ୍ଟ ହୋଇଥାଏ । ମହୁକୁ ଫ୍ରିଜରେ ରହିଲେ ଏହା ଦାନା ବାନ୍ଧି ଯାଏ । ସ୍ୱାଦ ବଦଳିଯାଏ ।ରଙ୍ଗରେ ପରିବର୍ତ୍ତନ ଘଟିଥାଏ । ଆଳୁକୁ ଫ୍ରିଜରେ ରଖିଲେ ଏହାର ସ୍ୱାଦ ମିଠା ହୋଇଥାଏ ଏବଂ ପଚିଯାଏ । ଏହା ପାଖରେ ଥିବା ଅନ୍ୟ ଫଳ ଓ ପରିବାକୁ ନଷ୍ଟ କରିଦିଏ । କଫିକୁ କେବେ ବି ଫ୍ରିଜରେ ରଖନ୍ତୁ ନାହିଁ। ସ୍ୱାଦ ଓ ସୁଗନ୍ଧ ବଦଳିଯିବ ।



# ଶରୀର ପାଇଁ ଉପକାରୀ 'ବୁଲେଟ୍ କଫି'




- କିଛି ଲୋକଙ୍କ ପାଚନ କ୍ରିୟାକୁ କଫି ଖରାପ କରିଥାଏ । ଖାଲି ପେଟରେ କଫି ପିଇଲେ ପେଟରେ ଥିବା ଏନଜାଇମ୍ ବିଶୃଙ୍ଖଳିତ ହୋଇଯାଉଥିବାରୁ ଏଭଳି ସ୍ଥିତି ଉପୁଜିଥାଏ । କିନ୍ତୁ ଏହି ସମସ୍ୟା ଥିବା ବ୍ୟକ୍ତି କଫିରେ ଘିଅ ମିଶାଇ ପିଇଲେ କୌଣସି ଅସୁବିଧା ହୋଇନଥାଏ । ଘିଅ ଏସିଡିଟିକୁ କମ୍ କରିଥାଏ। ଏଥିରେ ଥିବା ବ୍ୟୁଟିରିକ୍ ଏସିଡ୍ ଓ ଓମେଗା-୩ ଫ୍ୟାଟି ଏସିଡ୍ ଖାଦ୍ୟନଳୀ ଓ ମେଟାବୋଲିଜିମ୍ ପାଇଁ ବହୁତ ଭଲ ।
- ଓଜନ କମ୍ କରିବା ପାଇଁ ଫ୍ୟାଟଜାତୀୟ ଖାଦ୍ୟକୁ ସମ୍ପୂର୍ଣ୍ଣ ଛାଡିବା ଉଚିତ୍ ନୁହେଁ । ତେଣୁ ସ୍ମାର୍ଟ ଉପାୟରେ ଫ୍ୟାଟ ଗ୍ରହଣ କରିପାରିବେ,ଯେମିତିକି ଏହା ଓଜନ ବଢାଇବା ନାହିଁ । ତେଣୁ କଫିରେ ଘିଅ ମିଶାଇ ପିଅନ୍ତୁ । ଘିଅରେ ଫ୍ୟାଟ୍ ରହିଥିବାରୁ କମ୍ ଭୋକ ହୋଇଥାଏ । ତେଣୁ ଖାଇବାକୁ ଇଚ୍ଛା ହୁଏ ନାହିଁ। ଏହାଦ୍ୱାରା ଆପଣଙ୍କ ଓଜନ କମ୍ ହୋଇଥାଏ ।
- ଯଦି ସକାଳେ ଆପଣ କେବଳ କଫି ପିଉଛନ୍ତି,ତେବେ ମନେ ରଖନ୍ତୁ ଆପଣ କେବଳ କ୍ୟାଲୋରୀ ହିଁ ନେଉଛନ୍ତି । ଏଥିପାଇଁ କଫିରେ ଘିଅ ମିଶାଇ ପିଅନ୍ତି । ଏହା ଆପଣଙ୍କ ପାଚନ କ୍ରିୟା ପାଇଁ ଭଲ ଏବଂ ଏହାଦ୍ୱାରା ଆପଣଙ୍କ ଶରୀରକୁ ଶକ୍ତି ମଧ୍ୟ ମିଳିଥାଏ ।
- ଘିଅରେ ଥିବା ଫ୍ୟାଟ ମସ୍ତିଷ୍କ ପାଇଁ ଭାରି ଭଲ। କଫିରେ ଘିଅ ମିଶାଇ ପିଇଲେ ମୁଡ୍ ଠିକ୍ ରଖୁଥିବା ହରମୋନ୍ ରିଲିଜ୍ ହୋଇଥାଏ । ଫଳରେର ମନ ବି ଶାନ୍ତ ରହେ ।

# ଗ୍ରହ ଦୋଷ ପାଇଁ ରତ୍ନ ଧାରଣ କରୁଛନ୍ତି କି ? ଦୋଷଯୁକ୍ତ ରତ୍ନ ସୃଷ୍ଟି କରିଥାଏ ସମସ୍ୟା




ଜ୍ୟୋତିଷଶାସ୍ତ୍ରରେ ଗ୍ରହ ଦୋଷ ପାଇଁ ଅନେକ ଉପାୟ ରହିଛି। ନବ ଗ୍ରହ ଉପାୟ ପାଇଁ ନବ ରତ୍ନ ଓ ବିଭିନ୍ନ ଉପରତ୍ନ ସମ୍ପର୍କରେ ମଧ ବର୍ଣନା ରହିଛି। ଏହି ନବ ରତ୍ନ ମଧ୍ୟରୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଲା ହୀରା, ମାଣିକ, ପୋଖରାଜ, ନିଲମ ଓ ପାନ୍ନା। ପ୍ରତ୍ୟେକ ଗ୍ରହ ପାଇଁ ଭିନ୍ନ ଭିନ୍ନ ରତ୍ନ ରହିଛି। ମଙ୍ଗଳଙ୍କ ପାଇଁ ରତ୍ନ ହେଲା ମୁଙ୍ଗା। ଏହା କୋରାଲ ରିଫରୁ ତିଆରି ହୁଏ। ଚନ୍ଦ୍ରମା ପାଇଁ ଧାରଣ କରାଯାଏ ମୋତି। ମୋତି ସମୁଦ୍ରରୁ ଶାମୁକା ଭିତରୁ ମିଳିଥାଏ। ଶାମୁକାର ଜୈବ ଗଠନରୁ ମୋତି ନିର୍ମାଣ ହୋଇଥାଏ। ଆଂଶିକ ଗ୍ରହ ଦୋଷ ଥିଲେ ମୁଙ୍ଗା ଓ ମୋତି ଧାରଣ କରାଯାଇପାରେ। ହୀରା, ମାଣିକ, ପୋଖରାଜ, ନିଲମ ଓ ପାନ୍ନା ପୃଥିବୀରେ ବିଭିନ୍ନ ଧାତୁ ସହ ସମାନ। ଏଥିରେ ରେଖା, ଘର ଥାଏ। ଉଚ୍ଚମାନର ରତ୍ନ କଟ, ରଙ୍ଗ ଓ କ୍ୱାଲିଟିରେ ଫାଇନ୍ ଥାଏ। ହୀରା, ପୋଖରାଜ ଓ ମାଣିକ ଉପରେ ଗମ୍ଭୀରତାର ସହ ବିଚାର କରାଯାଏ। ହୀରା ଶୁକ୍ର ଗ୍ରହ ପାଇଁ ଧାରଣ କରାଯାଏ। ପୋଖରାଜ ବୃହସ୍ପତିଙ୍କ ପାଇଁ ଓ ମାଣିକ ସୂର୍ଯ୍ୟଙ୍କ ପାଇଁ। ପାନ୍ନା ବୁଧଙ୍କ ରତ୍ନ। ବୁଧ ଦୋଷ ଥିଲେ ପାନ୍ନା ଧାରଣ କରିବାକୁ ପରାମର୍ଶ ଦିଆଯାଇଥାଏ। ଏହାକୁ ଗଭୀର ଭାବେ ପରଖି କିଣାଯିବା ଉଚିତ। ଯୋଗ୍ୟ ବିଦ୍ୱାନଙ୍କ ଯାଞ୍ଚ ବିନା ଦୋଷପୂର୍ଣ୍ଣ ରତ୍ନ ଧାରଣ କରିବା ଦ୍ୱାରା ବ୍ୟକ୍ତିଙ୍କୁ ଲାଭ ଅପେକ୍ଷା ଅଧିକ କ୍ଷତି ହୋଇଥାଏ। ବିଶେଷକରି ନିଲମ ଓ ପୋଖରାଜ ଉପରେ ଅଧିକ ଦୃଷ୍ଟି ଦେବା ଆବଶ୍ୟକ। ଦୋଷଯୁକ୍ତ ପୋଖରାଜ ଯୋଗୁଁ ଧନହାନୀ ଅଥବା ପଦ ପ୍ରତିଷ୍ଠା ସ୍ଥିତି ଉପରେ ପ୍ରଭାବ ପଡିଥାଏ। ନିଲମରେ ଦୋଷ ଥିଲେ ଆକସ୍ମିକ ଘଟଣା ହେବାର ଆଶଙ୍କା ଥାଏ। ସେହି ଭୟରେ ଅଧିକାଂଶ ଲୋକ ନିଲମ ଧାରଣ କରିନଥାନ୍ତି। ସେଥିପାଇଁ ରତ୍ନ ଧାରଣ କରିବା ପୂର୍ବରୁ ବିଦ୍ୱାନଙ୍କୁ ପରାମର୍ଶ କରିବା ଉଚିତ। ରତ୍ନରେ କଳା, ଲାଲ ଓ ହଳଦିଆ ଚିହ୍ନ ମଧ ଥାଏ।



## ଘରେ ଲାଗିଥିବା ବୁଢିଆଣି ଜାଲକୁ ସଫା କରନ୍ତୁ

ଘରକୁ ସୁନ୍ଦର ରଖିବା ପାଇଁ ଏହାର ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧାନ ଦେବା ଆବଶ୍ୟକ। ଯଦି ଘରେ ବୁଢିଆଣି ଜାଲ ଲାଗିଥାଏ ତେବେ ତାହାକୁ ତୁରନ୍ତ ସଫା କରିବା ଉଚିତ। ବାସ୍ତୁ ଅନୁସାରେ ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ। ଏହା ଘରେ ନକାରାତ୍ମକ ଶକ୍ତି ଆଣିଥାଏ। ଏଥି ସହିତ, ଅନେକ ସମସ୍ୟାର ସାମ୍ନା କରିବାକୁ ମଧ୍ୟ ପଡିଥାଏ ,ଯେପରିକି



୧. ଘରକୁ ଭଲ ଭାବରେ ସଫା କରିବା ଅତ୍ୟନ୍ତ ଜରୁରୀ। ଏହା ଦ୍ୱାରା ଦେବୀ ଲକ୍ଷ୍ମୀଙ୍କର ଆଶୀର୍ବାଦ ରହିଥାଏ। ଏପରି ଘରେ, ଯେଉଁଠାରେ ମଇଳା ଏବଂ ବୁଢିଆଣି ଜାଲ ରହଥାଏ ସେଠାରେ ଟଙ୍କା ରହେ ନାହିଁ। ଏହା ସହିତ ଅର୍ଥ ସମ୍ବନ୍ଧୀୟ ସମସ୍ୟାର ସାମ୍ନା ସୃଷ୍ଟି କରିଥାଏ।

୨. ଯେଉଁ ଘରର କାନ୍ଥ ଏବଂ ଛାତଗୁଡିକରେ ବୁଢିଆଣି ଜାଲ ରହିଥାଏ ସେଠାରେ ନକାରାତ୍ମକ ଶକ୍ତି ବଢିଥାଏ । ଏହା ବ୍ୟତୀତ ଘରର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ ଖରାପ ପ୍ରଭାବ ପକାଇଥାଏ ।

୩. ଅନେକ ଦିନ ଧରି ଘରେ ବୁଢିଆଣି ଜାଲ ରହିବା ଅତ୍ୟନ୍ତ ଅଶୁଭ ବୋଲି ବିବେଚନା କରାଯାଏ । ଏହା ଘରର ସଦସ୍ୟମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଥାଏ ।

୪. ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଯେଉଁ ଘରେ ବୁଢିଆଣି ଜାଲ ଦେଖାଯାଏ ସେହି ଘରେ ସବୁବେଳେ ସଙ୍କଟ ଘେରି ରହିଥାଏ । ସେହି ଘରର ସଦସ୍ୟମାନଙ୍କୁ ସର୍ବଦା କୌଣସି ନା କୌଣସି ଅସୁବିଧାର ସମ୍ମୁଖୀନ ହୋବାକୁ ପଡିଥାଏ । ଏହା ସହିତ, ବାରମ୍ବାର ବିଫଳତା ମଧ ହାସଲ ହୋଇଥାଏ।

୫. ଯେତେବେଳେ ବି ଘରେ ବୁଢିଆଣି ଜାଲ ହୋଇଥାଏ ଏହାକୁ ତୁରନ୍ତ ସଫା କରିବା ଉଚିତ। ନଚେତ ବିଫଳତା ସହିତ ଦୁର୍ଭାଗ୍ୟ ଏବଂ ଅର୍ଥର ଅଭାବ ସୃଷ୍ଟି କରିଥାଏ।

# କିଟ୍ ବିଶ୍ୱବିଦ୍ୟାଳୟକୁ ଜାତିସଂଘର ସ୍ୱତନ୍ତ୍ର ମାନ୍ୟତା



ଭୁବନେଶ୍ୱର, ୨୯।୭ (ମହାଭାରତ): କିଟ୍ ବିଶ୍ୱବିଦ୍ୟାଳୟକୁ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦ (ୟୁଏନ୍ ଇକୋସୋକ୍)ଦ୍ୱାରା ସ୍ୱତନ୍ତ୍ର ପରାମର୍ଶଦାତା (ସ୍ପେସିଆଲ୍ କନ୍‌ସଲ୍‌ଟେଟିଭ୍) ମାନ୍ୟତା ପ୍ରଦାନ କରାଯାଇଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ମହତ୍ୱପୂର୍ଣ୍ଣ ଯୋଗଦାନକୁ ଦୃଷ୍ଟିରେ ରଖି କିଟ୍‌କୁ ଏହି ସମ୍ମାନଜନକ ମାନ୍ୟତା ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ମାନ୍ୟତା ପାଇବାରେ ସମଗ୍ର ଭାରତରେ କିଟ୍ ହେଉଛି ଏକମାତ୍ର ବିଶ୍ୱବିଦ୍ୟାଳୟ। ଏଥିପାଇଁ ସମଗ୍ର ବିଶ୍ୱରୁ ୪୭୬ ଆବେଦନ ମଧ୍ୟରୁ କିଟ୍ ବିଶ୍ୱବିଦ୍ୟାଳୟ ସମେତ ୧୯ଟି ଅନୁଷ୍ଠାନ ଏହି ପ୍ରତିଷ୍ଠିତ ସମ୍ମାନ ନିମନ୍ତେ ମନୋନୀତ ହୋଇଛନ୍ତି। ଚଳିତ ମାସ ୨୩ ତାରିଖରେ ନିଉୟର୍କସ୍ଥିତ ଜାତିସଂଘର ମୁଖ୍ୟାଳୟଠାରେ ଅନୁଷ୍ଠିତ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦର ପରିଚାଳନା କମିଟି ବୈଠକରେ କିଟ୍‌କୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହି ସ୍ୱୀକୃତି ଜାତିସଂଘର ଏଜେଣ୍ଡା ୨୦୩୦ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ କ୍ଷେତ୍ରରେ କିଟ୍‌ର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଏହି ସ୍ୱତନ୍ତ୍ର ପରାମର୍ଶଦାତା ମାନ୍ୟତା କିଟ୍ ବିଶ୍ୱବିଦ୍ୟାଳୟକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚାଇଥିବା ବେଳେ କିଟ୍ ଏହି ସମ୍ମାନ ପାଇଥିବା ବିଶ୍ୱର ମନୋନୀତ ବିଶ୍ୱବିଦ୍ୟାଳୟ ଗୋଷ୍ଠୀରେ ସାମିଲ ହେବାର ଗୌରବ ଅର୍ଜନ କରିଛି।

ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଭାରତର ଏକମାତ୍ର ବୈଷୟିକ ଓ ବୃତ୍ତିଗତ ବିଶ୍ୱବିଦ୍ୟାଳୟ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ସମ୍ମାନଜନକ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦର ସ୍ୱତନ୍ତ୍ର ପରାମର୍ଶଦାତା ମାନ୍ୟତା ପାଇବା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ଉଭୟ କିଟ୍ ଓ କିସ୍ ଏହି ସମ୍ମାନ ପାଇବାର ଗୌରବର ଅର୍ଜନ କରିଛନ୍ତି। ପୂର୍ବରୁ ୨୦୧୫ ମସିହାରେ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦର ସ୍ୱତନ୍ତ୍ର ପରାମର୍ଶଦାତା ମାନ୍ୟତା ପାଇଥିବା କିସ୍‌ର ଏହି ମାନ୍ୟତା ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରିଆସୁଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଛାତ୍ରଛାତ୍ରୀଙ୍କୁ ଜାତିସଂଘର ବିଭିନ୍ନ ସଂସ୍ଥାରେ ଇଣ୍ଟର୍ଣ୍ଣସିପ୍ କରିବା ନିମନ୍ତେ ୟୁଏନ୍‌ଭି ମାନ୍ୟତା ପାଇବାରେ କିଟ୍ ହେଉଛି ଦକ୍ଷିଣ ଏସିଆର ଏକମାତ୍ର ବିଶ୍ୱବିଦ୍ୟାଳୟ। ସେହିପରି ଏସିଓ୍ୱାଇପିଏଲ୍‌ର ସହଭାଗିତା କିଟ୍ ପାଇଁ ଏକ ସମ୍ମାନଜନକ କଥା ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହାଦ୍ୱାରା ସମଗ୍ର ବିଶ୍ୱରୁ ରାଜନେତା ଓ କୂଟନୀତିଜ୍ଞ କିଟ୍ ଓ କିସ୍ ପରିଦର୍ଶନରେ ଆସିବା ସହ ଏଠାରେ ଇଣ୍ଟର୍ଣ୍ଣସିପ୍ କରିବା କେବଳ କିଟ୍ ଓ କିସ୍ ନୁହେଁ ଓଡ଼ିଶା ପାଇଁ ସମ୍ମାନର ବିଷୟ ବୋଲି ସେ କହିଛନ୍ତି।

# ଦ୍ୱିତୀୟ ଶ୍ରାବଣ ସୋମବାରରେ ଚଳଚଂଚଳ ଶୈବପୀଠ



ଭୁବନେଶ୍ୱର, ୨୯।୭ (ମହାଭାରତ): ଆଜି ଦ୍ୱିତୀୟ ଶ୍ରାବଣ ସୋମବାର। ଏଥିପାଇଁ ଚଳଚଂଚଳ ହୋଇଉଠିଛି ରାଜ୍ୟର ପ୍ରମୁଖ ଶୈବପୀଠ। ସକାଳୁ ସକାଳୁ ବିଭିନ୍ନ ଶିବମନ୍ଦିରରେ ଲାଗିଛି କାଉଡ଼ିଆଙ୍କ ଲମ୍ବା ଧାଡ଼ି। ଶିବଲିଙ୍ଗରେ ଜଳାଭିଷେକ କରିଛନ୍ତି ହଜାର ହଜାର ଭକ୍ତ । କଟକର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠ, ଲିଙ୍ଗରାଜଙ୍କ ଲୋକନାଥ, କପିଳାସ, ଆଖଣ୍ଡଳମଣି, ଲଡୁବାବା, ଗୁପ୍ତେଶ୍ୱର ଆଦି ପୀଠରେ କାଉଡିଆଙ୍କ ଭିଡ ଜମିଛି ।

# ପୋଲିସ କବ୍‌ଜାରେ ବନ୍ଧୁକ ସପ୍ଲାଇ ଗ୍ୟାଙ୍ଗ




ଭୁବନେଶ୍ୱର, ୨୯।୭ (ମହାଭାରତ): କମିଶନରେଟ୍ ପୋଲିସ କବ୍‌ଜାରେ ପଡିଛନ୍ତି ବନ୍ଧୁକ ସପ୍ଲାଇ ଗ୍ୟାଙ୍ଗର ୬ ଜଣ ସଦସ୍ୟ। ବାଲିଅନ୍ତା ପୋଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍ ଟିମ୍ ଚଢାଉ କରି ୬ ଜଣ ମାଫିଆଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନିକଟରୁ ୫ଟି ବନ୍ଧୁକ ଓ ୯ଟି ଗୁଳି ଜବତ କରିଛି। ସେମାନେ ବିହାରରୁ ବନ୍ଧୁକ ଆଣି ବିକୁଥିଲେ ଓ ଅପରାଧ ଘଟାଉଥିଲେ। ବାଲିଘାଟ ନିଲାମିରେ ଟେଣ୍ଡର ଫିକ୍ସ କରୁଥିଲେ ବୋଲି ଜଣାପଡିଛି। ଏହି ଗ୍ୟାଙ୍ଗ ସହ ଏକାଧିକ ଗ୍ୟାଙ୍ଗଷ୍ଟରଙ୍କ ଲିଙ୍କ ଅଛି। ରଶ୍ମିରଞ୍ଜନ ସ୍ୱାଇଁ ବନ୍ଧୁକ ବେପାରୀ ଗ୍ୟାଙ୍ଗର ମୁଖ୍ୟ। ପୂର୍ବରୁ ଗ୍ୟାଙ୍ଗ ନାଁରେ ଭୁବନେଶ୍ୱରରେ ୮ଟି ମାମଲା ରହିଛି। ଖୋର୍ଦ୍ଧା ପୋଲିସର ଓ୍ୱାଂଟେଡ ଲିଷ୍ଟରେ ଥିଲା ଏହି ଗ୍ୟାଙ୍ଗ। ଗ୍ୟାଙ୍ଗର ଅନ୍ୟ ଅଭିଯୁକ୍ତଙ୍କ ନାଁରେ ହତ୍ୟା ଅଭିଯୋଗ ମଧ୍ୟ ରହିଛି। କମିଶନରେଟ୍ ପୋଲିସ୍ ସେମାନଙ୍କୁ ରିମାଣ୍ଡରେ ଆଣି ଜେରା କରିବ।

# ଭୁବନେଶ୍ୱର-ପଲାସା ରେଳ ସେକ୍ସନ ନୀରିକ୍ଷଣ

ଭୁବନେଶ୍ୱର, ୨୯।୭ (ମହାଭାରତ): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କଓ୍ୱାଲ ଇତିମଧ୍ୟରେ ଭୁବନେଶ୍ୱର-ପଲାସା ରେଳ ସେକ୍ସନକୁ ବିସ୍ତୃତ ଭାବେ ନୀରିକ୍ଷଣ କରିଛନ୍ତି ତାଙ୍କ ସହିତ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ପ୍ରକଳ୍ପ କାର୍ଯ୍ୟର ନିର୍ମାଣକାରୀ ଦଳ ଏବଂ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏଚ୍ ଏସ ବାଜଓ୍ୱାଙ୍କ ନେତୃତ୍ୱରେ ମଣ୍ଡଳ ସ୍ତରର ଅଧିକାରୀମାନେ ଯୋଗ ଦେଇଥିଲେ ।



ନୀରିକ୍ଷଣ ସମୟରେ ଶ୍ରୀ ଫୁଙ୍କଓ୍ୱାଲ ଅମୃତ ଷ୍ଟେସନ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରି ଧାର୍ଯ୍ୟ ସମୟସୀମା ମଧରେ କାର୍ଯ୍ୟ ସମ୍ପାଦନ କରିବା ସପକ୍ଷରେ ଗୁରୁତ୍ୱାରୋପ କରିଥିଲେ ଅମୃତ ଷ୍ଟେସନ ପ୍ରକଳ୍ପ ଓ ନୀରିକ୍ଷଣ କରାଯାଇଥିବା ଷ୍ଟେସନ ଗୁଡିକ ହେଉଛି ଭୁବନେଶ୍ୱର, ବାଲୁଗାଁ, ବ୍ରହ୍ମପୁର, ଛତ୍ରପୁର, ଖୋର୍ଦ୍ଧା ରୋଡ୍, ଲିଙ୍ଗରାଜ ଷ୍ଟେସନ ରୋଡ୍, ପଲାସା ଏବଂ ଇଛାପୁରମ୍ ଅନ୍ତର୍ଭୁକ୍ତ ଏହି ଷ୍ଟେସନଗୁଡିକରେ ଚାଲିଥିବା ନିର୍ମାଣ କାର୍ଯ୍ୟର ବର୍ତ୍ତମାନର ସ୍ଥିତିକୁ ମଧ ମହାପ୍ରବନ୍ଧକଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା ଏହା ସହିତ ଶ୍ରୀ ଫୁଙ୍କଓ୍ୱାଲ ବିଭିନ୍ନ ରେଳ ଷ୍ଟେସନରେ ଟ୍ରାଫିକ୍ ସୁବିଧା ଏବଂ ଯାତ୍ରୀମାନଙ୍କ ସୁବିଧା ସମ୍ବନ୍ଧୀୟ ଭିତ୍ତିଭୂମି ଏବଂ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ମଧ ନିରୀକ୍ଷଣ କରିଥିଲେ ଯାତ୍ରୀମାନଙ୍କୁ ଉନ୍ନତ ସେବା ଏବଂ ସୁବିଧା ଯୋଗାଇବାର ଗୁରୁତ୍ୱକୁ ଦର୍ଶାଇ ଏହି ପ୍ରକଳ୍ପର ଶୀଘ୍ର ସମାପ୍ତ ହେବା ସୁନିଶ୍ଚିତ କରିବାକୁ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଟୟୋଟା କିର୍ଲୋସ୍କର ମୋଟରକୁ ଇଇପିସି ରପ୍ତାନି ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର, ୨୯।୭ (ମହାଭାରତ): ନିକଟରେ ଆୟୋଜିତ ହୋଇଥିବା ଇଇପିସି ଇଣ୍ଡିଆ(ଭାରତୀୟ ଇଞ୍ଜିନିୟରିଂ ରପ୍ତାନି ପ୍ରୋତ୍ସାହନ ପରିଷଦ)ର ଦକ୍ଷିଣ ଅଂଚଳ ରପ୍ତାନି ପୁରସ୍କାର ଉତ୍ସବରେ ଦୁଇଟି ସମ୍ମାନଜନକ ପୁରସ୍କାର ସହିତ ଟୟୋଟା କିର୍ଲୋସ୍କର ମୋଟର(ଟିକେଏମ)କୁ ଉଲ୍ଲେଖନୀୟ ରପ୍ତାନି ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି। ୨୦୧୯-୨୧ ପାଇଁ ଟିକେଏମକୁ 'ଇଞ୍ଜିନ ଏବଂ ଟର୍ବାଇନ ଏବଂ ଏହାର ଅଂଶ'- ବୃହତ ଏଂଟ୍ରପ୍ରାଇଜ ପୁରସ୍କାର ଏବଂ ୨୦୨୦-୨୧ରେ ଇଞ୍ଜିନିୟରିଂ ଉତ୍ପାଦଗୁଡିକରେ ରପ୍ତାନି ଉତ୍କର୍ଷତା ହାସଲ କରିବା ପାଇଁ ବଣିକ ରପ୍ତାନିକାରୀ ବର୍ଗ ଅଧୀନରେ ଶୀର୍ଷ ରପ୍ତାନିକାରୀଙ୍କ ପାଇଁ 'ଗୋଲ୍ଡ ଟ୍ରଫି'ପ୍ରଦାନ କରାଯାଇଥିଲା। ଏହି ପୁରସ୍କାରଗୁଡ଼ିକ ଭାରତର ଇଞ୍ଜିନିୟରିଂ ରପ୍ତାନିକୁ ଅଗ୍ରଗତି କରିବା ପାଇଁ କମ୍ପାନୀର ଉତ୍ସର୍ଗୀକୃତତାକୁ ପ୍ରତିଫଳିତ କରିଥାଏ। ଇଞ୍ଜିନିୟରିଂ କ୍ଷେତ୍ର ହେଉଛି ବ୍ୟାପକ ଉତ୍ପାଦନ କ୍ଷେତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ସାମଗ୍ରିକ ଉତ୍ପାଦନ ଉତ୍ପାଦନରେ ଇଞ୍ଜିନିୟରିଂ ଉତ୍ପାଦର ଅଂଶ ଯଥେଷ୍ଟ ମହତ୍ୱପୂର୍ଣ୍ଣ। ଏହି ପୁରସ୍କାରଗୁଡ଼ିକୁ ଭାରତ ସରକାରଙ୍କ ବାଣିଜ୍ୟ ବିଭାଗ ଯୁଗ୍ମ ସଚିବ ବିମଲ ଆନନ୍ଦ ଇଇପିସି ଚେୟାରମ୍ୟାନ ଅରୁଣ କୁମାର ଗାରୋଡିଆ, ଇଇପିସି ଡେପୁଟି ଆଂଚଳିକ ଚେୟାରମ୍ୟାନ ଶଶି କିରଣ ଲୁଇସ, ଇଇପିସିର ଆଂଚଳିକ ଚେୟାରମ୍ୟାନ ରମଣ ରଘୁ ପ୍ରମୁଖଙ୍କ ଉପସ୍ଥିତିରେ ପୁଡୁଚେରୀରେ ଆୟୋଜିତ ଏକ ସମାରୋହରେ ପ୍ରଦାନ କରିଥିଲା। ଇଇପିସି ଇଣ୍ଡିଆ ହେଉଛି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ବାଣିଜ୍ୟ ଏବଂ ନିବେଶ ପ୍ରୋତ୍ସାହନ ସଂଗଠନ। ଏହା ଭାରତୀୟ ଇଞ୍ଜିନିୟରିଂ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

### ଜାତୀୟ ଶିକ୍ଷା ନୀତି -୨୦୨୦ କାର୍ଯ୍ୟକାରିତାର ୪ ବର୍ଷ ପୂର୍ତ୍ତି

# ଜାତୀୟ ଶିକ୍ଷା ନୀତି ଆଶାର ପ୍ରତୀକ : ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୭ (ମହାଭାରତ): ଜାତୀୟ ଶିକ୍ଷା ନୀତି ଆମର ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ଆମ ଜନସଂଖ୍ୟାକୁ ସଶକ୍ତ କରିବା ତଥା ଦେଶର ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଆଶାର ପ୍ରତୀକ ଭାବରେ ଉଭା ହୋଇଛି ବୋଲି ଜାତୀୟ ଶିକ୍ଷା ନୀତି -୨୦୨୦ କ୍ରିୟାନ୍ୱୟନର ୪ ବର୍ଷ ପୂର୍ତ୍ତି ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ଦେଶର ଛାତ୍ରଛାତ୍ରୀ ସମୂହ, ଅଭିଭାବକ, ଶିକ୍ଷା ପରିବାରକୁ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ ତାଙ୍କ ବାର୍ତାରେ କହିଛନ୍ତି ଯେ ନୂଆପିଢ଼ିର ବିଦ୍ୟାର୍ଥୀଙ୍କୁ ସଶକ୍ତ କରିବା ସହ ଆମ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଦିଗରେ ଆରମ୍ଭ ହୋଇଥିବା ଯାତ୍ରାକୁ ୪ ବର୍ଷ ପୂରଣ ହୋଇଛି। ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା ଆମର ଶିକ୍ଷାକୁ ଅଧିକ ଜୀବନ୍ତ କରିଛି। ଭାରତର ଶିକ୍ଷାକୁ ଭବିଷ୍ୟତବାଦୀ କରିବା, ରୁଟେଡ୍, ବିଶ୍ୱସ୍ତରୀୟ ଏବଂ ଆଉଟକମ୍ ଆଧାରିତ କରିବା ପାଇଁ ଭାରତ ସରକାରଙ୍କ ପ୍ରଚେଷ୍ଟାକୁ ଶିକ୍ଷା ନୀତି ମାର୍ଗଦର୍ଶନ ଦେଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଆଧାରିତ ଅର୍ଥନୀତିରେ ପରିଣତ କରିବା ପାଇଁ ଜାତୀୟ ଶିକ୍ଷା ନୀତିକୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଅପରପକ୍ଷରେ ଜାତୀୟ ଶିକ୍ଷା ନୀତିର ୪ ବର୍ଷ ପୂର୍ତ୍ତି ଅବସରରେ ଆଜି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ "ଅଖିଳ ଭାରତୀୟ ଶିକ୍ଷା ସମାଗମ – ୨୦୨୪"(ଏବିଏସଏସ) ପାଳନ ହୋଇଛି। ଏହି ଅବସରରେ କେନ୍ଦ୍ର ରାଷ୍ଟ୍ର ଶିକ୍ଷା ମନ୍ତ୍ରୀ ଜୟନ୍ତ ଚୌଧୁରୀ, ଡାଃ ସୁକାନ୍ତ ମଜୁମଦାରଙ୍କ କରକମଳରେ ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉପକ୍ରମ ଶୁଭାରମ୍ଭ କରାଯାଇଛି । ବିଭିନ୍ନ ଭାରତୀୟ ଭାଷା ଶିଖିବା ପାଇଁ ଟିଭି ଚ୍ୟାନେଲ, ଶିକ୍ଷାକୁ ମଜାଦାର କରିବା ପାଇଁ କାର୍ଯ୍ୟକ୍ରମ, କ୍ୟାରିୟର ଗାଇଡେନ୍ସ ଗାଇଡଲାଇନ, ୫୦୦ରୁ ଅଧିକ ଜବ୍ କାର୍ଡର ଏକ ବିଶାଳ ଲାଇବ୍ରେରୀ, ବ୍ରେଲି ଏବଂ ଅଡିଓ ପୁସ୍ତକରେ ଏନ୍ ଏମ୍ଏମ୍ (ନ୍ୟାସନାଲ୍ ମିଶନ ଫର୍ ମେଂଟରିଂ) ଓ ନ୍ୟାସନାଲ୍ ପ୍ରଫେସନାଲ ଷ୍ଟାଣ୍ଡାର୍ଡସ୍ ଫର୍ ଟିଚର୍ସ (ଏନ୍ ପିଏସ୍ ଟି), ଏଆଇସିଟିଇ, ନୀତି ଆୟୋଗ ଏବଂ ଏଆଇଏମ୍ ଦ୍ୱାରା ସ୍କୁଲ ଇନୋଭେସନ ମାରାଥନ ଏବଂ ଗ୍ରାଜୁଏସନ୍ ଆଟରିବୁଟ୍ସ ଏବଂ ପ୍ରେଫେସନାଲ କମ୍ପିଟେନସିସ୍ ଉପରେ ଏକ ପୁସ୍ତକର ଶୁଭାରମ୍ଭ ହୋଇଛି।

# ସଚିବଙ୍କୁ ଭେଟିଲେ ମୂକବଧୀର କ୍ରିକେଟ୍ ଦଳର ଖେଳାଳି

ଭୁବନେଶ୍ୱର, ୨୯।୭ (ମହାଭାରତ): ଆଇଡିସିଏ, ମୂକବଧୀରଙ୍କ ପାଇଁ ପଂଚମ ଏକଦିବସୀୟ ଜାତୀୟ ଜୋନ୍ କ୍ରିକେଟ୍ ଚମ୍ପିଅନସିପ୍'ରେ ପୂର୍ବାଂଚଳ ମୂକବଧୀର କ୍ରିକେଟ୍ ଦଳ ରନର୍ସ କପ୍ ବିଜେତା ହୋଇଛି। ବିଭିନ୍ନ ପ୍ରତିକୂଳତା ଏବଂ ଆହ୍ୱାନ ସତ୍ୱେ ଭିନ୍ନକ୍ଷମ ଖେଳାଳୀମାନେ ଉଲ୍ଲେଖନୀୟ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରି ଏହି ରନର୍ସ କପ୍ ହାସଲ କରିଥିବାରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋମବାର ପୂର୍ବାଂଚଳ ମୂକବଧୀର କ୍ରିକେଟ୍ ଦଳର ଖେଳାଳୀମାନେ ପ୍ରମୁଖ ଶାସନ ବିଷ୍ଣୁପଦ ସେଠୀଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଖେଳାଳିମାନେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଓଡ଼ିଶା ମୂକବଧୀର କ୍ରିକେଟ ସଂଘକୁ ସହାୟତାର ହାତ ବଢ଼ାଇଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଚମ୍ପିଅନସିପ୍ ରେ ଉତରାଂଚଳ ଜୋନ୍, ଦକ୍ଷିଣାଂଚଳ ଜୋନ୍, ପଶ୍ଚିମାଂଚଳ ଜୋନ୍, କେନ୍ଦ୍ରାଂଚଳ ଜୋନ୍ ଏବଂ ପୂର୍ବାଂଚଳ ଜୋନ୍ ଅଂଶଗ୍ରହଣ କରିଥିଲେ।



# ବାର୍ଦ୍ଧକ୍ୟ ଭତ୍ତା ମାସିକ ୩ ହଜାର କରିବାକୁ ଦାବି

ଭୁବନେଶ୍ୱର, ୨୯।୭ (ମହାଭାରତ): ରାଜ୍ୟ ସରକାର ଗତ ସାଧାରଣ ନିର୍ବାଚନ ପୂର୍ବରୁ ଗରିବ, ଅସହାୟ, ବୃଦ୍ଧ, ବୃଦ୍ଧା ମାନଙ୍କୁ ବାର୍ଦ୍ଧକ୍ୟ ଭତା ମାସିକ ୩ ହଜାର ଟଙ୍କା ଦିଆଯିବା ନିମନ୍ତେ ଘୋଷଣା କରିଥିବାରୁ ରାଜ୍ୟ ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ମହାସଂଘ ପକ୍ଷରୁ ସାକ୍ଷାତ କରାଯାଇ ବିଷଦ ଭାବେ ପ୍ରାଥମିକ ସ୍ତରରେ ଆଲୋଚନା କରାଯାଇଥିଲା। ସମସ୍ତ ବିଧାନସଭା ସଦସ୍ୟସଦସ୍ୟା ମାନଙ୍କୁ ସଂଘ ପକ୍ଷରୁ ଖୁବ୍ ଶୀଘ୍ର ସାକ୍ଷାତ କରାଯାଇ ଅନୁରୋଧ କରାଯିବ। ସରକାର ଯଥାଶୀଘ୍ର ୩ ହଜାର ଟଙ୍କା ମାସିକ ଭତ୍ତା ପ୍ରଦାନ କରିବା ନିମନ୍ତେ ଦାବି କରାଯିବ । ଓଡ଼ିଶାର ୩୦ଗୋଟି ଜିଲ୍ଲା, ୩୧୪ ଗୋଟି ବ୍ଲକ୍ ଏବଂ ୮ ହଜାର ଗ୍ରାମ ପଂଚାୟତ, ମୁନିସିପାଲ୍ କର୍ପୋରେସନ୍ ଏବଂ ବିଜ୍ଞାପିତ ଅ ଳରେ ବସବାସ କରୁଥିବା ଗରିବ, ଅସହାୟ, ବାର୍ଦ୍ଧକ୍ୟ ଲୋକମାନେ ବହୁତ ଅସୁବିଧାରେ ଦିନ କଟାଉଥିବା ବେଳେ ମାସକୁ ୩ହଜାର ଟଙ୍କା ପାଇବା ଅନେକ ପରିବାର ପୋଷଣରେ ସାହାଯ୍ୟ କରିବ ଏବଂ ଗରିବ ଅସହାୟଙ୍କ ସାହା ଭରସା ଭାବେ କାର୍ଯ୍ୟରେ ଲାଗିବ। ଯଥାଶୀଘ୍ର ବିଧାନସଭାରେ ଆଲୋଚନା କରାଯାଇ ଘୋଷଣା କରାଯିବା ନିମନ୍ତେ ମହାସଂଘର ରାଜ୍ୟ ସଭାପତି ଦିଗମ୍ବର ଜେନା ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ପାରାଦୀପ ବନ୍ଦରରେ ଟ୍ରମା ଆଣ୍ଡ ବର୍ଣ୍ଣ କେୟାର କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୭ (ମହାଭାରତ): ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସଚିବ ଟି କେ ରାମଚନ୍ଦ୍ରନ ପାରାଦୀପ ବନ୍ଦର କର୍ତୃପକ୍ଷ (ପିପିଏ)କୁ ପ୍ରଥମ ଥର ପାଇଁ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ ୧୩ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ। ପାରାଦୀପ ବନ୍ଦର ହସ୍ପିଟାଲର ନବନିର୍ମିତ ଆନେକ୍ସ ବିଲ୍ଡିଂରେ ଟ୍ରମା ଆଣ୍ଡ ବର୍ଣ୍ଣ କେୟାର (ଟିବିସି) କେନ୍ଦ୍ରକୁ ସେ ଉଦ୍ ଘାଟନ କରିଥିଲେ। ୨ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ର ପାରାଦୀପ ଓ ଏହାର ଆଖପାଖ ଅଂଚଳରେ ଟ୍ରମା ଓ ପୋଡ଼ିଯାଇଥିବା ପୀଡ଼ିତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବ। ସଚିବ ରାମଚନ୍ଦ୍ରନ ପିପିଏର ଜଳ ବିଶୋଧନ ପ୍ଲାଂଟର ଶିଳାନ୍ୟାସ କରିଥିଲେ। ୧୦.୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ ତାଳଦଣ୍ଡା କେନାଲ ଜରିଆରେ ଶୁଦ୍ଧ ପାଣି ମିଳିବ ଏବଂ ଦୈନିକ ୧୬ ନିୟୁତ ଲିଟର ପାଣି ଫିଲ୍ଟର କରିବାର କ୍ଷମତା ରହିବ। ପାରାଦୀପ ବନ୍ଦରର ଜଳ ଭିତିଭୂମିରେ ଉନ୍ନତି ଆଣିବା ଏବଂ ପୋର୍ଟ ଟାଉନସିପ୍ ର ନାଗରିକମାନଙ୍କୁ ଗୁଣାତ୍ମକ ପାନୀୟ ଜଳ ଯୋଗାଣ ପାଇଁ ୨୦୨୪ ଡିସେମ୍ବର ସୁଦ୍ଧା ଏହି କାରଖାନା ଶେଷ ହେବ ବୋଲି ଆଶା କରାଯାଉଛି।



ଶ୍ରୀରାମଚନ୍ଦ୍ରନ ପିପିଏ କାର୍ଯ୍ୟର ସମୀକ୍ଷା କରିବା ସହ ବିଭାଗୀୟ ମୁଖ୍ୟ ଓ ଉପମୁଖ୍ୟଙ୍କ ସହ ଆଲୋଚନା କରିଥିଲେ। ସେ ଯାନ୍ତ୍ରିକ କୋଇଲା ପରିଚାଳନା ପ୍ଲାଂଟରେ ବନ୍ଦର ପରିଚାଳନା, ଯୋଜନା ଏବଂ ସମ୍ପ୍ରସାରଣ, ଜେଏସଡବ୍ଲୁ ପିଟିପିଏଲର ଟ୍ୱିନ୍ ଓ୍ୱାଗନ୍ ଟିପ୍ପଲର ଏବଂ କେଆଇସିଟି ସାଇଲୋର ଯାଂଚ ଏବଂ ସମୀକ୍ଷା କରିଥିଲେ। ଉତ୍ପାଦକତା ବୃଦ୍ଧି ପାଇଁ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ସେ ପରାମର୍ଶ ଦେଇଥିଲେ। ବନ୍ଦର କାର୍ଯ୍ୟର ସାମଗ୍ରିକ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ସଚିବ ଅନେକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ସୁପାରିସଗୁଡ଼ିକ ପାରାଦୀପ ବନ୍ଦରର ଦୀର୍ଘମିଆଦୀ ଅଭିବୃଦ୍ଧି ଓ ସଫଳତାରେ ସହାୟକ ହେବା ସହ କାର୍ଯ୍ୟପ୍ରବାହକୁ ସୁବ୍ୟବସ୍ଥିତ କରିବ ବୋଲି ଆଶା କରାଯାଉଛି। ଓଡ଼ିଶାର ପାରାଦୀପ ବନ୍ଦର ହେଉଛି ଦେଶର ସର୍ବୋଚ୍ଚ ମାଲ ପରିବହନ କରୁଥିବା ପ୍ରମୁଖ ବନ୍ଦର। ୨୦୨୩-୨୪ ଆର୍ଥିକ ବର୍ଷରେ ପିପିଏ ୧୪୫.୩୮ ନିୟୁତ ମେଟ୍ରିକ୍ ଟନ୍ (ଏମଏମଟି) ମାଲ ପରିବହନ କରି ସର୍ବୋଚ୍ଚ କାର୍ଗୋ ହ୍ୟାଣ୍ଡଲିଂ ବନ୍ଦରରେ ପରିଣତ ହୋଇଛି। ଭିଜନ ୨୦୪୭ ଅଧୀନରେ ବନ୍ଦର ପରିଚାଳନା କ୍ଷମତାକୁ ୧୦,୦୦୦ ଏମଟିପିଏକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଖୁବଶୀଘ୍ର ଏହି ଯୋଜନାର ରୂପରେଖ ଘୋଷଣା କରାଯିବ। ଘରୋଇ ଅଂଶଗ୍ରହଣ ପାଇଁ ରାସ୍ତା ରହିବ ଯାହା ଉପରେ କାମ କରାଯାଉଛି। ୨୦୪୭ ସୁଦ୍ଧା ବୃହତ୍ ବନ୍ଦରରେ ପରିଣତ ହେବା ପାଇଁ ସମସ୍ତ ବନ୍ଦର ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଛନ୍ତି। ବନ୍ଦର ଭିତିଭୂମି ଓ ସୁବିଧାରେ ଉନ୍ନତି ଆଣିବା, କାର୍ଯ୍ୟ ସମୟ ହ୍ରାସ କରିବା ଏବଂ ପରିଚାଳନା କ୍ଷମତା ବୃଦ୍ଧି କରିବା ୨୦୪୭ ଲକ୍ଷ୍ୟର ମୂଳଦୁଆ ହେବ।

ସଦ୍ୟତମ ଲକ୍ଷ୍ୟ ବର୍ତମାନ ଚାଲିଥିବା ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଯଥେଷ୍ଟ ଅଧିକ ଯାହା ବନ୍ଦର କ୍ଷମତାକୁ ୮୦୦ ଏମଏମଟିପିଏ ବୃଦ୍ଧି କରି ୨୦୩୫ ସୁଦ୍ଧା ସମୁଦାୟ ୩୫୦୦ ଏମଏମଟିପିଏକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ୨୦୧୫-୨୦୩୫ ମଧ୍ୟରେ ୫.୫ ଲକ୍ଷ କୋଟି ଟଙ୍କା ବ୍ୟୟରେ ୮୦୦ରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଚିହ୍ନଟ କରାଯାଇଛି। ମେରିଟାଇମ୍ ଇଣ୍ଡିଆ ଭିଜନ (ଏମଆଇଭି) ୨୦୩୦ ରେ ଭାରତରେ ବିଶ୍ୱସ୍ତରୀୟ ବନ୍ଦରର ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏମଆଇଭି ୨୦୩୦ ରେ ଭାରତୀୟ ବନ୍ଦରଗୁଡିକରେ କ୍ଷମତା ବୃଦ୍ଧି ଏବଂ ଭିତିଭୂମି ବିକାଶ ପାଇଁ ୧ ଲକ୍ଷ କୋଟିରୁ ୧.୨୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ବୋଲି ଆକଳନ କରାଯାଇଛି।

## ଗାଦିକୁ ଫେରିଲେ ହେମନ୍ତ

ଗତ ଜାନୁଆରୀ ୩୧ରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଇଡି ଦ୍ୱାରା ଜମି ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗରେ ଗିରଫ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ତାଙ୍କ ସ୍ଥାନରେ ଜେଏମଏମର ବରିଷ୍ଠ ନେତା ଚମ୍ପାଇ ସୋରେନ ହୋଇଥିଲେ ମୁଖ୍ୟମନ୍ତ୍ରୀ । ହେମନ୍ତ ଗତ ମାସ ୨୮ରେ ହାଇକୋର୍ଟରୁ ଜାମିନ ପାଇ ଜେଲରୁ ମୁକୁଳିବା ପରେ ଚମ୍ପାଇ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଏହାକୁ କହନ୍ତି ଗଣତନ୍ତ୍ର ପ୍ରତି ଉପହାସ । ଜେଏମଏମ ବିଧାୟକ ଦଳର କିଏ ନେତା ହେବ, ତାହା ସେହି ଦଳର ଆଭ୍ୟନ୍ତରୀଣ ବ୍ୟାପାର । ସେଥିରେ କେହି କିଛି ଆପତ୍ତି ବା ମନ୍ତବ୍ୟ ଦେବାର ଆବଶ୍ୟକତା ନାହିଁ । କିନ୍ତୁ ହେମନ୍ତ କେବଳ କୋର୍ଟରୁ ଜାମିନ ପାଇଛନ୍ତି । ସେ ଦୋଷମୁକ୍ତ ହୋଇ ନାହାଁନ୍ତି । କାଲି ଯଦି ସିବିଆଇ ତାଙ୍କୁ ପୁନର୍ବାର ଗିରଫ କରିବ ତେବେ ସେ କ'ଣ ପୁନର୍ବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଆଉ କାହାକୁ ଡମି ମୁଖ୍ୟମନ୍ତ୍ରୀ କରିବେ ? ଦେଶର ଅଧିକାଂଶ ଆଞ୍ଚଳିକ ଦଳ ଗୋଟିଏ ଗୋଟିଏ ପରିବାର ଦ୍ୱାରା ପରିଚାଳିତ ଏବଂ ଏହିସବୁ ଦଳର ନେତୃତ୍ୱ କେବଳ ସେହି ପରିବାରର ବ୍ୟକ୍ତି ହିଁ ନେଇପାରିବେ । ସମାଜବାଦୀ ପାର୍ଟୀ କହିଲେ ଅଖିଳେଶ ଯାଦବ, ବିଏସପି କହିଲେ ମାୟାବତୀ, ଟିଏମସି କହିଲେ ମମତା ବାନାର୍ଜୀ, ଆରଜେଡି କହିଲେ ଲାଲୁ ଯାଦବଙ୍କ ପରିବାର, ଜେଡିଏସ କହିଲେ ଦେବଗୌଡ଼ାଙ୍କ ପରିବାର, ଟିଡିପି କହିଲେ ଚନ୍ଦ୍ରବାବୁ ନାଇଡୁ, ଏନସିପି କହିଲେ ଶରଦ ପାୱାରଙ୍କ ପରିବାର, ବିଆରଏସ କହିଲେ କେ ଚନ୍ଦ୍ରଶେଖର ରାଓ, ଡିଏମକେ କହିଲେ ଏମ କେ ଷ୍ଟାଲିନ ବା କରୁଣାନିଧିଙ୍କ ପରିବାରକୁ ବୁଝାଉଛି । କଂଗ୍ରେସଠାରୁ ଏହିସବୁ ଦଳ ଏପରି ପରିବାରବାଦ ଶିଖିଛନ୍ତି । ଏଥିପାଇଁ ସେମାନଙ୍କୁ ଦୋଷ ଦେବାର ଯଥାର୍ଥତା ନାହିଁ । ଆମେ ସାଧାରଣ ମତଦାତା ମାନେ ସେମାନଙ୍କୁ ଭୋଟ ଦେଉଛୁ । ସମ୍ପୃକ୍ତ ଦଳର ପରିବାରବାଦକୁ ପରୋକ୍ଷରେ ସମର୍ଥନ କରୁଛୁ । ତେଣୁ ଭାରତୀୟ ରାଜନୀତିରେ ଏଭଳି ନୈତିକତାହୀନ ରାଜନୀତି କାୟା ବିସ୍ତାର କରିଚାଲିଛି । ଜେଏମଏମ ମଧ୍ୟ ଏହି ତାଲିକାରେ ରହିଛି । ଶିବୁ ସୋରେନ ଏହି ଦଳର ପ୍ରତିଷ୍ଠାତା । ସେ ଝାଡ଼ଖଣ୍ଡର ପ୍ରଥମ ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କ ପରେ ତାଙ୍କ ପୁଅ ହେମନ୍ତ ସୋରେନ ଦଳର ନେତୃତ୍ୱ ନେବା ସହିତ ମୁଖ୍ୟମନ୍ତ୍ରୀ ହେଲେ । ଯେତେବେଳେ ହେମନ୍ତ ସୋରେନ ଜେଲ ଗଲେ ସେତେବେଳେ ଶୁଣାଗଲା ତାଙ୍କ ପତ୍ନୀ କଳ୍ପନା ସୋରେନ ମୁଖ୍ୟମନ୍ତ୍ରୀ ହେବେ । କୌଣସି ପ୍ରକାରେ ଏହି ପ୍ରସ୍ତାବ କାଟ ଖାଇଗଲା । ଶେଷରେ ଚମ୍ପାଇ ସୋରେନ ହେଲେ ମୁଖ୍ୟମନ୍ତ୍ରୀ । ଏବେ ସେ ମାଲିକଙ୍କ ପାଇଁ ଆସନ ଛାଡ଼ିଦେଲେ । କିନ୍ତୁ ଏହା କେତେଦିନ ଚାଲିବ ? ପଞ୍ଜାବରେ ପ୍ରକାଶ ସିଂହ ବାଦଲଙ୍କ ଦ୍ୱାରା ପ୍ରତିଷ୍ଠିତ ଶିରୋମଣୀ ଅକାଳି ଦଳ ଗତ ନିର୍ବାଚନରେ ପରାଜିତ ହେବା ପରେ ଦଳ ଭିତରେ ସୁଖବୀର ବାଦଲଙ୍କ ବିରୋଧରେ ବିଦ୍ରୋହର ସ୍ୱର ଉଠିଛି । ସୁଖବୀର ହେଉଛନ୍ତି ପ୍ରକାଶ ସିଂହ ବାଦଲଙ୍କ ପୁଅ । ପ୍ରକାଶ ସିଂହ ବାଦଲଙ୍କ ଦେହାନ୍ତ ପରେ ଦଳ ଏବେ ସୁଖବୀରଙ୍କ ନିୟନ୍ତ୍ରଣରେ ରହିଛି । କିନ୍ତୁ ତାଙ୍କ ନେତୃତ୍ୱକୁ ରାଜ୍ୟବାସୀ ଗ୍ରହଣ କରିପାରୁନାହାଁନ୍ତି । ସେଥିପାଇଁ ଲଗାତର ଦୁଇ ଦୁଇଟି ନିର୍ବାଚନରେ ଦଳକୁ ପରାଜୟର ସାମନା କରିବାକୁ ପଡ଼ିଲା । ଏବେ ଦଳର ଅନେକ ନେତା ଅକାଳି ଦଳର ପରାଜୟ ନିମନ୍ତେ ସୁଖବୀରଙ୍କ ନେତୃତ୍ୱକୁ ଦାୟୀ କରୁଛନ୍ତି ଏବଂ ନେତୃତ୍ୱ ପରିବର୍ତ୍ତନ ଲାଗି ସ୍ୱର ଉତ୍ତୋଳନ କରୁଛନ୍ତି । ଏଥିରୁ ଅନ୍ୟ ଆଞ୍ଚଳିକ ଦଳମାନେ ଶିକ୍ଷା ଲାଭ କରିବା ଉଚିତ । ଯେ ପର୍ଯ୍ୟନ୍ତ ଦଳ ନିର୍ବାଚନୀ ସଫଳତା ହାସଲ କରୁଥିବ ସେ ପର୍ଯ୍ୟନ୍ତ ସବୁ କିଛି ଠିକ ଅଛି । ଯେତେବେଳେ ଗୋଟିଏ ଦଳ ନିର୍ବାଚନରେ ବାରମ୍ବାର ପରାଜିତ ହେବ ସେତେବେଳେ ଦଳର ନେତୃତ୍ୱ ପ୍ରତି ଆହ୍ୱାନ ସୃଷ୍ଟି ହେବ ।

# ଗ୍ରାମୀଣ ଭାରତର ଗ୍ରାହକ


॥ ଗିରିଧାରୀ ସାମଲ ॥


'ଫାଷ୍ଟ ମୁଭିଂ କନଜ୍ୟୁମର ଗୁଡ଼୍‌ସ' ବା ଏଫଏମ୍‌ସିଜି - ଯାହାକୁ ଆମେ ଓଡ଼ିଆରେ କହିପାରିବା ଦ୍ରୁତ ବିକ୍ରୟଶୀଳ ଦ୍ରବ୍ୟ ବିକ୍ରିରେ ଗ୍ରାମୀଣ ଭାରତରେ ଯେଉଁ ଅଭିବୃଦ୍ଧି ୨୦୨୨ରେ ଲକ୍ଷ୍ୟ କରାଯାଇଛି ତାହା ସହରରେ ଏଫଏମ୍‌ସିଜି ବିକ୍ରିରେ ହୋଇଥିବା ଅଭିବୃଦ୍ଧିର ପ୍ରାୟ ଦୁଇଗୁଣ । ପୂର୍ବେ ଯେଉଁ ଧାରଣାଟିଏ ଥିଲା ଯେ ଏଫଏମ୍‌ସିଜି ସାମଗ୍ରୀର ବଜାର ଗାଁରେ ବିଶେଷ ନାହିଁ, ସେ ଧାରଣା ଏବେ ବଦଳିବା ଆରମ୍ଭ କରିଛି ।

ଏହା ଅବଶ୍ୟ ସତ ଯେ ଭାରତରେ ଏଫଏମ୍‌ସିଜି ବିକ୍ରୟ କ୍ଷେତ୍ରରେ ଗାଁର ଭାଗ ସହରର ଏକ ତୃତୀୟାଂଶ, ତେବେ ଖୁବ୍ ଶୀଘ୍ର ଏ ବ୍ୟବଧାନ ପୂରଣ ହୋଇଯିବାର ସମ୍ଭାବନା ଦିଶିଲାଣି । ଏକ ଅନୁଶୀଳନରୁ ଜଣାପଡ଼ିଛି ଯେ ଯଦି ମୂଲ୍ୟ, ଦ୍ରବ୍ୟର ଆକାର ଏବଂ ପ୍ୟାକିଂ ଠିକ୍ ରହେ, ତେବେ ଗ୍ରାମୀଣ ଉପଭୋକ୍ତା ସହରୀ ଗ୍ରାହକମାନଙ୍କ ଠାରୁ ପଛରେ ରହିବେ ନାହିଁ । ତେଣୁ ଏବେ ବଡ଼ ବଡ଼ ଏଫଏମସିଜି କମ୍ପାନୀମାନେ ଭାରତର ବିଶାଳ ଗ୍ରାମୀଣ ଉପଭୋକ୍ତାମାନଙ୍କୁ ଆକର୍ଷିତ କରିବା ଲାଗି ବିଭିନ୍ନ ପ୍ରକାର ଉପାୟ ଆପଣାଇବା କଥା ଚିନ୍ତା କଲେଣି ।

୨୦୨୦ ଏବଂ ୨୦୨୧ରେ ଏଫ୍‌ଏମ୍‌ସିଜି ବିକ୍ରୟ କ୍ଷେତ୍ରରେ ଗ୍ରାମୀଣ ଭାରତରେ ଏକ ପ୍ରକାର ସ୍ଥାଣୁତା ଦେଖିବାକୁ ମିଳିଥିଲା । ବରଂ ଏହା ବିଯୁକ୍ତାତ୍ମକ ଥିଲା । ୨୦୨୦ ଏବଂ ୨୦୨୧ରେ ପୂର୍ବ ବର୍ଷ ତୁଳନାରେ ବୃଦ୍ଧିର ହାର ଥିଲା ଯଥାକ୍ରମେ -୦.୫ ପ୍ରତିଶତ ଏବଂ -୩.୫ ପ୍ରତିଶତ । କିନ୍ତୁ ୨୦୧୫ରେ ସେଇ ଧାରାରେ ବିରାମ ଲାଗି ଏଫ୍‌ଏମ୍‌ସିଜି ବିକ୍ରୟରେ ବିରାଟ ବୃଦ୍ଧି ଲକ୍ଷ୍ୟ କରାଯାଇଛି । ଆଗେ ଅଧିକାଂଶ ଭାବୁଥିଲେ ଯେ ଗ୍ରାମୀଣ ଉପଭୋକ୍ତା ଏକ ପାରମ୍ପରିକ କ୍ଷେତ୍ରରେ ହିଁ କିଣାକିଣି କରନ୍ତି । କିନ୍ତୁ ବଜାର ସର୍ବେକ୍ଷଣ ସଂସ୍ଥା ଆଇଏମ୍‌ଆରବି ଦ୍ୱାରା କରାଯାଇଥିବା ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ୨୦୨୨ରେ ଗ୍ରାମୀଣ ଭାରତରେ ଏଫ୍‌ଏମ୍‌ସିଜିର ଚାହିଦାରେ ୫.୬ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ସହରରେ ଅଭିବୃଦ୍ଧିର ହାର ହେଉଛି ୨.୯ ପ୍ରତିଶତ । ଏହି ଧାରା ଜାରି ରହିଲେ ଖୁବ୍ ଶୀଘ୍ର ଏଫଏମ୍‌ସିଜି ଦ୍ରବ୍ୟର ବିକ୍ରିରେ ଗାଁ ଗହଳିର ଉପଭୋକ୍ତାଙ୍କ ଭାଗ ୪୫ ପ୍ରତିଶତ ହୋଇଯିବ । ଭାରତୀୟମାନଙ୍କ ଆୟ ବଢ଼ିଛି । ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି । ଏହା ସହିତ ଟଙ୍କା ଖର୍ଚ୍ଚକୁ ନେଇ ରହି ଆସିଥିବା ପୁରୁଣା ଭାରତୀୟ ଆଭିମୁଖ୍ୟରେ ବି ପରିବର୍ତ୍ତନ ଦେଖାଦେଇଛି । ସଂପ୍ରତି ଅନେକ ବହୁ ରାଷ୍ଟ୍ରୀୟ କମ୍ପାନୀ ସମଗ୍ର ବିଶ୍ୱରେ ଭାରତୀୟ ଗ୍ରାହକ ବଜାରକୁ ବଡ଼ ବଜାର ଭାବେ ଦେଖି ଅନେକ ପ୍ରୋତ୍ସାହନ ମୂଳକ ସୁବିଧା ଦେବା ସହ ଲୋକମାନଙ୍କୁ ସେମାନଙ୍କ ଆର୍ଥିକ ସାମର୍ଥ୍ୟକୁ ଦେଖି ସେମାନଙ୍କ ସାମଗ୍ରୀର ଦର ରଖୁଛନ୍ତି । ଯାହାକି ଭାରତୀୟ ଗ୍ରାହକଙ୍କ ପକେଟ ସୁହାଉଛି ।

ଭାରତୀୟ ବଜାର ସମଗ୍ର ବିଶ୍ୱରେ ବିଶ୍ୱସ୍ଥ ଓ ବଡ଼ ବଜାର କ୍ଷେତ୍ରରେ ପଞ୍ଚମ ସ୍ଥାନରେ ରହିଛି ଏହା ନିଶ୍ଚିନ୍ତ ଭାବରେ ଖୁସିର କଥା । ଏ କ୍ଷେତ୍ରରେ ଚୀନର ଏକଚାଟିଆ ବଜାର ମାମଲତି କମି ଯାଇଛି । ସରକାର ମଧ୍ୟ ବହୁ ରାଷ୍ଟ୍ରୀୟ କମ୍ପାନୀକୁ ଭାରତ ଆସି ସେମାନଙ୍କ ବେପାର ବଣିଜକୁ ବ୍ୟାପକ କରିବା ପାଇଁ ଉଚ୍ଚ ହାରର ଟିକସକୁ କମାଇଛନ୍ତି । ପୂର୍ବର ମିତବ୍ୟୟୀ ଭାରତ ଏବେ ତୁଳନାତ୍ମକ ଭାବେ ଅଧିକ ଖର୍ଚ୍ଚ ହେବାର ଲକ୍ଷଣ ପ୍ରଦର୍ଶନ କଲାଣି ।

ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍‌ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି । ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି । ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍‌ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ । ଏହାର କାରଣ ହେଲା ଏକ ଅନୁକୂଳ ମୌସୁମୀର ପ୍ରାକ୍ ସୂଚନା ମିଳିଛି, ଯାହା କୃଷି କ୍ଷେତ୍ରରେ ଉନ୍ନତି ଆଣିବ ଏବଂ ଗତ ଦୁଇବର୍ଷର ହତାଶାକୁ ଦୂର କରିବ, ଦ୍ୱିତୀୟରେ ସରକାର ଗ୍ରାମରେ କୃଷିର ବିକାଶ ତଥା ରୋଜଗାର ବୃଦ୍ଧି ଲାଗି ନେଇଥିବା ପଦକ୍ଷେପ । ତୃତୀୟରେ ସପ୍ତମ ବେତନ କମିସନର ସୁପାରିସ ହେତୁ ସରକାରୀ କର୍ମଚାରୀଙ୍କ ଦରମାରେ ଏକ ବଡ଼ ଧରଣର ବୃଦ୍ଧିର ଆଶା ।

ତେଣୁ ଚଳିତ ବର୍ଷ ଏ ଅଭିବୃଦ୍ଧି ଆହୁରି ଉଚ୍ଚା ହେବ ବୋଲି ଏକ ବଜାରରେ ଆଭାସ ମିଳିଲାଣି । ସଂପ୍ରତି ବଜାରରେ ଦରଦାମର ଉଚ୍ଚ ମୂଲ୍ୟ ରହୁଥିବା ବେଳେ ସରକାରୀ ଓ ବେସରକାରୀ ସଂଗଠନରେ ଅଧିକାଂଶ କ୍ଷେତ୍ରରେ ଦରମା ଓ ଅର୍ଥନୈତିକ ସୁବିଧା ସୁଯୋଗ ବଢ଼ିଛି । ତେବେ ଅନେକ ସରକାରୀ କର୍ମଚାରୀ, ବେତନ ଭୋଗୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କର ଆର୍ଥିକ ସ୍ଥିତି ଉଚ୍ଚାର ରହିପାରୁନାହିଁ । ଏହାର ବଡ଼ କାରଣ ହେଉଛି ସେମାନଙ୍କର ପୂର୍ବ ଋଣ ବା ବ୍ୟାଙ୍କରୁ ନେଇଥିବା ଆର୍ଥିକ ସହଯୋଗ । ଏହାକୁ ନିର୍ଦ୍ଦିଷ୍ଟ ଅବଧି ଭିତରେ ପରିଶୋଧ ନକଲେ ଚଢ଼ା ଦରରେ ଏକ ପ୍ରକାର ଚକ୍ରହାର ସୁଧରେ ସେମାନେ ଆର୍ଥିକ କ୍ଷତିକୁ ସହି ଥାଆନ୍ତି । ତେବେ ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଭାରତର କିଛି ବଡ଼ ବଡ଼ କମ୍ପାନୀ ସେମାନେ ନିର୍ଦ୍ଦିଷ୍ଟ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଉପରେ ବ୍ୟାପକ ସୁବିଧା ଓ ସବସିଡି ପ୍ରଦାନ କରିବା ସହ ମାସିକ କିସ୍ତି ବ୍ୟବସ୍ଥା କରୁଛନ୍ତି ।

ଯାହାକି ବେତନଭୋଗୀ କର୍ମଚାରୀ ଓ ସମାଜର ସବୁଠାରୁ ବଡ଼ ଗ୍ରୁପ କୁହାଯାଉଥିବା ମଧ୍ୟବର୍ତ୍ତି ମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେଉଛି । ସେମାନେ ବ୍ୟାପକ କିଣାବିକା କରିବା ସହ ଭାରତୀୟ ଅର୍ଥନୀତି ମଧ୍ୟ ବଡ଼ ଆକାରରେ ବଜାରରେ କାୟା ମେଲାଇ ଲୋକଙ୍କୁ ବ୍ୟାପକ ସୁବିଧା ପ୍ରଦାନ କରୁଛି । ସରକାର ମଧ୍ୟ ମଝିରେ ମଝିରେ ସେମାନଙ୍କ କର୍ମଚାରୀଙ୍କ ପାଇଁ ଆର୍ଥିକ ସୁବିଧା, ପ୍ରୋତ୍ସାହନ ଓ ବ୍ୟାଙ୍କ ଋଣ ସୁବିଧାର ସୁବନ୍ଦୋବସ୍ତ କରିଛନ୍ତି । ଏ କ୍ଷେତ୍ରରେ ଖୋଲା ହାତ ଖର୍ଚ୍ଚ ନକରି ମିତବ୍ୟୟୀ ହେବା ମଧ୍ୟ ଜରୁରୀ । କାରଣ ଅନେକ କ୍ଷେତ୍ରରେ ଦେଖାଯାଏ ଖୋଲା ଖର୍ଚ୍ଚପଣିଆ ଜଣଙ୍କ ପାଇଁ ପରବର୍ତ୍ତୀ ସମୟରେ ଆର୍ଥିକ ଦୁଃସ୍ଥିତିର ବଡ଼ କାରଣ ହୋଇଥାଏ । ଏମିତି ହେଲେ ଭାରତୀୟ ଅର୍ଥନୀତି ଚଳଚଞ୍ଚଳ ରହିବ ଯାହା ଭାରତୀୟ ଅର୍ଥନୀତି ଲାଗି ଶୁଭଙ୍କର ହେବ ।


ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪



;ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍‌ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି । ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି । ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍‌ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ ।


# ପ୍ରକୃତି, ପରିବେଶ ଓ ମାଆ


॥ ଡ଼ଃ.ଅରୁନ୍ଧତୀ ଦେବୀ ॥


ମାମାକୁ ତା' ମାଆ କହିଲେ, 'ତୁ ଟିକେ ରୋଷେଇ ଘରୁ ଚିନି ଡ଼ବାଟା ଆଣିଲୁ' । ମାମା ଶୁଣିଲା ନାହିଁ । ପୁଣି ଥରେ ନିଜ କଣ୍ଠସ୍ୱର ଉଚ୍ଚକରି କହିଲେ । ତଥାପି ମାମା ହୁଙ୍କିଲା ନାହିଁ । ଏଥର ଚିତ୍କାର କରି କହିଲେ, କିନ୍ତୁ ମାମା ଶୁଣି ନଶୁଣିଲା ପରି ଶୋଇବା ଘରକୁ ଚାଲିଗଲା । ଶେଷରେ ତା'ର ମାଆ ମାମା ଚୁଟିଝିଙ୍କ ତା ପିଠିରେ ଦୁମ୍‌କିନା ବିଧାଟାଏ କଷିଦେଲେ । ମାମା ଜୋରରେ କାନ୍ଦିଲା । କିଛି ଉତ୍ତର ନକଲେ ବି ମନମାରି ବସିଗଲା । ନା ପାଠ ପଢ଼ିଲା ନା ଆଉ କିଛି କାମ କଲା । ଏଥିରୁ ଜଣାପଡ଼ିଲା ମାମାର ମାଆ ତାକୁ କେମିତି ଶିକ୍ଷା-ଦୀକ୍ଷା ବା ସଂସ୍କାର ଦେଇଛନ୍ତି ? ଅବଶ୍ୟ ତା'ମାଆଙ୍କୁ ସମ୍ପୂର୍ଣ୍ଣ ଦୋଷାରୋପ କରିବା ଠିକ୍ ନୁହେଁ । ମାମାର ଜନ୍ମଗତ ପ୍ରକୃତି ଏବଂ ସେ ରହୁଥିବା ପରିବେଶ ବି ଏଥିପାଇଁ ଦାୟୀ । କିନ୍ତୁ ଶିଶୁଟିଏର ବୋଧଶକ୍ତି ଆସିବା ଆରମ୍ଭରୁ ଯଦି ତା'ର ମାଆ ତାକୁ କେତୋଟି ପ୍ରାଥମିକ ଚଳଣି, ବ୍ୟବହାର ଏବଂ ହାବଭାବ ଶିଖାନ୍ତି ତାହେଲେ ସେ ଅନ୍ତତଃ ସେହିସବୁକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତା ।

ସ୍ନେହ ଦେଇ ଶିଶୁଙ୍କୁ ଆପଣାର କରିହୁଏ । କିନ୍ତୁ ସେହି ସ୍ନେହ ମାପଚୁପି ବିତରଣ କରିବା ଉଚିତ । ପୁଣି ଭୟ ଦେଖାଇବା ଆଉ ଏକ ଅସ୍ତ୍ର, ଯାହା ମାଆ ଶିଶୁଟିର ବେପରୁଆ ନୀତିକୁ ଲଗାମ୍ ଲଗାଏ । ଏମିତିରେ ପ୍ରତିଟି କଥାରେ ଭଲ-ଖରାପ ବାଛି ଶିଶୁକୁ ସେ ବିଷୟରେ ସଚେତନ କରିବା ମାଆଙ୍କର ଗୁରୁ ଦାୟିତ୍ୱ । ତେବେ ଶିଶୁଟିର ଜନ୍ମଗତ ପ୍ରକୃତି ଯଦି ବେପରୁଆ ଜଣାପଡ଼େ, ମାଆ ତା'ପ୍ରତି ଅଙ୍କୁଶ ଲଗାଇବା ବିଧେୟ । ଶିଶୁର କେତେକ ସ୍ୱଭାବ ଭଲ ଅର୍ଥାତ୍ ଗଠନାତ୍ମକ ହୋଇଥିବାବେଳେ, କେତେକ ସ୍ୱଭାବ ନକରାତ୍ମକ ହୋଇଥାଏ । ତେବେ ନକରାତମକ ସ୍ୱଭାବ ତା ପାଇଁ ତଥା ବଂଶର ବଦନାମ ପାଇଁ ଦାନା ଯୋଗାଇଥାଏ, ଏପରି ସ୍ୱଭାବକୁ ତାର ମାଆ ଗୋଟି ଗୋଟି କରି ନିବୃତ୍ତ କରିବା ଉଚିତ । ଯଦି କୌଣସି ନା କୌଣସି ଯୁକ୍ତାତ୍ମକ ସ୍ୱଭାବ ଲକ୍ଷ୍ୟ କରୁଥାନ୍ତି ତାହେଲେ ସେଭଳି ସ୍ୱଭାବପ୍ରତି ତାକୁ ଉତ୍ସାହିତ କରିବା ଉଚିତ । ପିଲାଟି ଭଲ କଥା କହୁଛି । ଭଲ କାମ କରୁଛି । ଭଲ ବିଷୟ ପ୍ରତି ଆଗ୍ରହ ପ୍ରକାଶ କରୁଛି, ଭଲ ପିଲାଙ୍କ ସହ ମିଶିବାକୁ ଚାହୁଁଛି, କୌଣସି ଭଲ କଥାକୁ ସହଜରେ ଗ୍ରହଣ କରୁଛି ଓ ମନେ ରଖି ପାରୁଛି । ପରଉପକାରୀ ବା ସାହାଯ୍ୟ ମନୋଭାବର । ପୁଣି ପ୍ରଖର ଧୀଶକ୍ତି, ଭଲ କାମକୁ ଅନୁକରଣ, କୌଣସି ଭଲ କାମ ପାଇଁ ମନଯୋଗ କିମ୍ବା ସକରାତ୍ମକ ଦିଗରେ ତା'ର ଉତ୍ସାହ ଦେଖିଲେ ତାର ମାଆ ତାକୁ ସାହାଯ୍ୟ, ସହଯୋଗ ଏବଂ ସମର୍ଥନ ଦେବା ଉଚିତ୍ ।

କେତେକ କ୍ଷେତ୍ରରେ ଶିଶୁର କିଛି ବଳବତ୍ତର ପ୍ରକୃତି ପରିଲକ୍ଷିତ ହୁଏ ଯାହା ତାର ମାଆଙ୍କୁ ଭଲ ଲାଗେ, ଖରାପ ବି ଲାଗେ । କାରଣ କିଛି ଅଶୋଭନୀୟ କଥାରେ ଯଦି ଶିଶୁ ଜିଦ୍ କରିବସେ ସେଥିରୁ ମାଆ ବାରଣ କରିଥାନ୍ତି । ଏତେବେଳେ ଶିଶୁ ଓ ମାଆ ମଧ୍ୟରେ ପାଚେରି ଗଢ଼ି ଉଠେ । ପିଲା ଚାହେଁ ତାହା କରିବାକୁ; କିନ୍ତୁ ମାଆ ତାକୁ ବାରଣ କରେ । ଧୀରେ ଧୀରେ ଶିଶୁ ଅନୁଭବ କରେ ତା' ମାଆ ତାର ବିରୋଧୀ । ତଥାପି ମାଆ ସବୁ କଥାରେ ଆଦୌ ବୁଝାମଣା କରିବା ଅନୁଚିତ । ଭୟରେ ନହେଲେ ସ୍ନେହରେ, କିମ୍ବା ସ୍ନେହରେ ନହେଲେ ଭ୍ରରେ ତାକୁ ସେସବୁ ନକାରାତ୍ମକ ଦିଗରୁ ମାଆ ନିବୃତ୍ତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ ।

ପରିବେଶ ଅନୁସାରେ ପିଲାଟି କେତେକ ନକରିବା କଥା କରିବସେ । ପୁଣି ପରିବେଶ ପ୍ରଭାବରେ ସେ ଉପସ୍ଥିତ ବୁଦ୍ଧି ସମ୍ପନ୍ନ, ପ୍ରତ୍ୟୁତ୍ପନ୍ନମତି, ଚତୁର ଏବଂ ସାହାସୀ ହୋଇଥାଏ । କେତେକ ବାସ୍ତୁ, ବ୍ୟକ୍ତି ଏବଂ ଆଚାର ବ୍ୟବହାର ତାକୁ ଅନେକ କଥା ଜାଣିବାରେ ସାହାଯ୍ୟ କରେ । ଅନ୍ୟକୁ ଅନୁକରଣ କରିବା ପ୍ରାୟ ଶିଶୁଟି ଏଇ ପରିବେଶରୁ ହିଁ ଶିଖିଥାଏ । କିନ୍ତୁ ଏଇ ପରିବେଶ ବି ପିଲାଟିକୁ ବିପଥଗାମୀ କରାଏ । କାରଣ ପରିବେଶ ପ୍ରଭାବରେ ସେ ନିଜର ଉତ୍ତମ ସ୍ୱଭାବ ଏବଂ ମାଆର ସୁଶିକ୍ଷାକୁ ଧୀରେ ଧୀରେ ଭୁଲିବାକୁ ବସେ । ଯେତେବେଳେ ସେ ସମ୍ପୂର୍ଣ୍ଣ ପରିବେଶର ସମର୍ଥକ ହୋଇଯାଏ, ସେତେବେଳେ ତାକୁ ସ୍ୱ-ପ୍ରକୃତି ବା ମାଆଙ୍କ ଶିକ୍ଷା-ଦୀକ୍ଷାକୁ ବିଚ୍ୟୁତ ହେବାକୁ ପଡ଼େ । ତେଣୁ ପିଲାଟିକୁ ପୂରାପୂରି ପରିବେଶର ଅଧୀନ କରିବା ଅନୁଚିତ । ବରଂ ତାର ଏକାକୀତ୍ୱ ଅନୁଭବ ଦୂର କରିବାକୁ ପରିବେଶ ସହ କେବେ କେବେ ମିଶିବାର ସୁଯୋଗ ଦେବା ଠିକ୍ । ଯଦି କୌଣସି ପରିବେଶରେ ପିଲାଟି ବିଶୃଙ୍ଖଳିତ, ବେପରୁଆ କି ବିପଥଗାମୀ ହୋଇ ଯାଉଛି, ତାହେଲେ ଯଥାଶୀଘ୍ର ତାକୁ ସେଠାରୁ ଦୂରେଇ ନିଅନ୍ତୁ । ପରିବେଶ ଯେ ପିଲାର ବିରୋଧୀ ହୁ. ତାନୁହେଁ - ବେଳେ ବେଳେ ମାଆ ବାପାଙ୍କୁ ଯେଉଁ ପରିବେଶରେ ସୁହାଉନଥାଏ, ସେ ପରିବେଶରେ ପିଲାଟି ଖାପଖୁଆଇ ପାରେ । ପିଲାକୁ ଯେଉଁ ପରିବେଶରେ ରଖୁଛନ୍ତି ସେ ପରିବେଶରେ ସେ ସମର୍ଥକ କି ନୁହେଁ, ଅନୁଧ୍ୟାନ କରନ୍ତୁ । ନତୁବା ତାକୁ ସୁହାଉନଥିବା ପରିବେଶ ତାର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ଅନ୍ତରାୟ ହୋଇପାରେ । ଯେଉଁ ପିଲା ଯେପରି ହେବା କଥା ସେପରି ହେବ । ଅବଶ୍ୟ ଏଭଳି ଲୋକ ବିଶ୍ୱାସ ଭୁଲନୁହେଁ । କାହିଁକି ନା ମଫସଲ ଅଞ୍ଚଳରେ ରହି ପିଲାଟି ସେଠିକାର ଅନୁନ୍ନତ ପରିବେଶରେ ମଧ୍ୟ ନିଜାର ଶାରୀରିକ ଓ ମାନସିକ ବିକାଶ କରିପାରୁଛି । ସେହି ପିଲାମାନଙ୍କ ମଧ୍ୟରୁ କିଏ ସୈନିକ ହେଉଛନ୍ତି ତ କଏ ପାଠପଢ଼ି ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ ଏପରିକି ଆଇଏଏସ, ଆଇପିଏସ କିମ୍ବା ଓଏଏସ୍ ହୋଇ ପାରୁଛନ୍ତି । କିନ୍ତୁ ସହର ପରିବେଶରେ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ବି ପିଲାମାନେ ସେମିତି କିଛି ଆଖିଦୃଶିଆ ଦିଗରେ ଓସ୍ତାଦ ହୋଇ ପାରୁନାହାନ୍ତି । ତେଣୁ ଯିଏ ଯେମିତି ହେବା କଥା ସେମିତି ହେବ' କଥାଟି ଏଭଳି କ୍ଷେତ୍ରରେ ପ୍ରଯୁଜ୍ୟ । ପିଲାଟିର ଜନ୍ମଗତ ପ୍ରକୃତି, ପରିବେଶ ଓ ମାଆଙ୍କ ଯତ୍ନ ହିଁ ତାକୁ ପରିପୂର୍ଣ୍ଣ କରିପାରେ । ପିଲାର ମନସ୍ତତ୍ତ୍ୱକୁ ଠିକ୍ ଠିକ୍ ପଢ଼ନ୍ତୁ । ଏଥିପାଇଁ ମାଆ ହିଁ ବେଶୀ ଦାୟୀ । ନହେଲେ ଆପଣଙ୍କ ସ୍ୱପ୍ନ ସାକାର ହୋଇନପାରେ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଜୀବନର ସଂଜ୍ଞା


॥ ଅନୀତା ପଟ୍ଟନାୟକ ॥


ଥରେ ଜଣେ ମାଲିକଙ୍କ ଘରେ ଗୁଡ଼ିଏ ଘୋଡ଼ା ଥିଲେ । ମାଲିକଙ୍କର ଘରେ ବିଭିନ୍ନ ପ୍ରକୋଷ୍ଠରେ ଘଣ୍ଟାମାନ ସୁସଜ୍ଜିତ ହୋଇ ରହିଥିଲା । ଦିନେ ଘୋଡ଼ା ଘର ଭିତରେ ଘଣ୍ଟାକୁ ଦେଖି ଘଣ୍ଟାକୁ କହିଲା ତୋର ଜୀବନ ନାହିଁ ଚେତନ ଶକ୍ତିର ବ୍ୟବହାର କରି ବଞ୍ଚିବା ଆବଶ୍ୟକ । ନଚେତ ପରେ ଲାଗିବ ଆମେ ଜୀବନରେ କିଛି ମୂଲ୍ୟବାନ ହରାଇ ଦେଇଛେ । ଜୀବନ ତୋ ଭଳିଆ ଯନ୍ତ୍ରବତ ହେବା ଉଚିତ ନୁହେଁ । ମଣିଷର ଜୀବନ ଦୌଡୁଥିବା ଏକ ରାସ୍ତା ପରି । ଜୀବନ ଏକ ଚିରାଚରିତ ପ୍ରଥା ନୁହେଁ, ଜୀବନ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ ।

ଘୋଡ଼ା ଓ ଘଣ୍ଟାର ଏପରି କଥୋପକଥନକୁ ବୁଝି ପାରୁଥିବା ଜଣେ ସାଧୁ ଆସିଲେ । ସେମାନଙ୍କ କଥା ଶୁଣି କହିଲେ ଜୀବନକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା - ସାମାଜିକ ଓ ଆଧ୍ୟାତ୍ମିକ । ଜନ୍ମ ମୃତ୍ୟୁର ମଧ୍ୟଭାଗକୁ ଜୀବନ କୁହାଯାଏ । ଆଧ୍ୟାତ୍ମିକ ଜଗତରେ ଜନ୍ମ ଓ ମୃତ୍ୟୁ କିଛି ନାହିଁ । ଘୋଡ଼ା କହିଲା ଜୀବନ ଯାହା ନିରନ୍ତର ଚାଲିଥାଏ ଶରୀରର ଉତ୍ପତ୍ତିକୁ ଜନ୍ମ ଓ ବିଲୟକୁ ମୃତ୍ୟୁ କୁହାଯାଏ । ପ୍ରାଣ ଚିରନ୍ତନ, ଶାଶ୍ୱତ ଓ ଲକ୍ଷ୍ୟ ସ୍ଥଳକୁ ଏକ ଯାତ୍ରା ହେଲେ ଏ ଘଣ୍ଟାଟା ପ୍ରାଣ ନୁହେଁ କେବଳ ମୁନୀବଙ୍କ ଘରେ ଶୋଭା ପାଉଛି ବୋଲି ତାର କେତେ ବହପ । ସାଧୁ କହିଲେ କାହାରିକୁ କୁସ୍ୱରଚନା କରନାହିଁ । ତୁମେ ମାନବର ଜୀବନକୁ ଦେଖ । ଅନେକଙ୍କର ରାଜନୈତିକ ଲକ୍ଷ୍ୟ ଥାଏ । ସେମାନେ ଉଚ୍ଚପଦବୀ ଚାହାଁନ୍ତି । ଅନେକଙ୍କର ଅର୍ଥନୈତିକ ଲକ୍ଷ୍ୟଥାଏ ଯଥା - ଧନବାନ ହେବା, ଲକ୍ଷ ପତି ହେବା, କୋଟିପତି ହେବା । ଅନେକଙ୍କର ବିଦ୍ୟାଅର୍ଜନ କରିବାର ଲକ୍ଷ୍ୟ ଥାଏ ଯଥା ଡିଗ୍ରୀ ହାସଲ କରିବା ଓ ଜ୍ଞାନ ଆହରଣ କରିବା ଇତ୍ୟାଦି । ସମସ୍ତଙ୍କର ଏକ ଲକ୍ଷ୍ୟ ଅଛି ଓ ସମସ୍ତେ ସେହି ପଥର ଯାତ୍ରୀ । କିଏ କିଏ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି କେହି କେହି ଅଧାରାସ୍ତାରେ ଦିଗହରା ହୁଅନ୍ତି ଓ କେହି କେହି ଲକ୍ଷ୍ୟ ପରିତ୍ୟାଗ କରନ୍ତି । କାଳର କରାଳରେ କେହି କେହି ଲକ୍ଷ୍ୟ ବିଚ୍ୟୁତ ମଧ୍ୟ ହୁଅନ୍ତି । ସେ ଯାହା ହେଉନା କାହିଁକି ଜୀବନ ଲକ୍ଷ୍ୟ ସ୍ଥଳ ଆଡ଼କୁ ଗତି କରୁଥିବା ଏକ ଯାତ୍ରା । ଘଣ୍ଟା କାଳର ପ୍ରତୀକ । ତେଣୁ ସେ ମୂଲ୍ୟବାନ ଘୋଡ଼ା କହିଲା ମହାନୁଭବ ମୋ ମତରେ ଜୀବନ ଏକ ଅନୁସନ୍ଧାନ ତେଣୁ ଖୋଜ ରଖିବାକୁ ପଡ଼ିବ ବାହାର କରିବାକୁ ପଡ଼ିବ । ଉଦ୍ୟମ ଜାରି ରଖିବାକୁ ପଡ଼ିବ । ଜଣେ ଚେଷ୍ଟିତ ହେବା ଆବଶ୍ୟକ ଓ ନିଜକୁ ପଚାରି ବୁଝିବା ଦରକାର ସେ ଜୀବନରେ ଚାହେଁ କଣ ? ପ୍ରତ୍ୟେକଙ୍କର ଚାହିଦାରେ ଫରକ ଥାଏ । ଆମର ଚାହିଦା ଇଚ୍ଛା ଓ ଶକ୍ତି ମୁତାବକ ଆମେ ଜୀବନରେ ଯାହା ଚାହୁଁଛୁ ତାହା କରିବା ଦରକାର । ଘଣ୍ଟାର ଏସବୁ କିଛି ନାହିଁ ।

ସାଧୁ କହିଲେ ଜୀବନ ଏକ ଯୁଦ୍ଧକ୍ଷେତ୍ର । ଯେ ଉତ୍ତମ ସେ ବଞ୍ଚେ । ବଞ୍ଚିବା ପାଇଁ ସଂଘର୍ଷ ଆବଶ୍ୟକ । ଏ ଜଗତରେ ସବଳ ବଞ୍ଚେ ଓ ଦୁର୍ବଳ ପ୍ରାଣ ହରାଏ । ଏହା ଜୀବନର ରୀତି । ସବୁ ମଞ୍ଜି ବଞ୍ଚି ପାରନ୍ତି ନାହିଁ ବା ଦ୍ରୁମରେ ପରିଣତ ହୋଇପାରନ୍ତି ନାହିଁ । ଜନ ବିସ୍ଫୋରଣ ହୋଇଥିବା ସମାଜରେ ଗୋଟିଏ ପଦବୀ ପାଇଁ ଅନେକ ପ୍ରାର୍ଥୀ ଓ ପ୍ରତିଯୋଗିତା ଅଧିକ । ଜୀବନ ଏକ ପ୍ରତିଯୋଗିତା, ସଂଘର୍ଷ ସର୍ବଶ୍ରେଷ୍ଠ ଉତ୍ତମ ହିଁ ବିଜୟୀ ହୁଏ । ବିଦେଶରେ ଦୁର୍ବଳର ସ୍ଥାନ ନାହିଁ ଯୋଗ୍ୟ ବ୍ୟକ୍ତି ଓ ତୁମପରି ଘୋଡ଼ା ଜୀବନରେ ସଂଘର୍ଷ କରି ପ୍ରତିଷ୍ଠିତ ହୁଅନ୍ତି । ଘଣ୍ଟା କହିଲା ହେ ମହାନୁଭବ ! ଘୋଡ଼ାକୁ ବୁଝାନ୍ତୁ ଜୀବନ ଘଣ୍ଟାର ପେଣ୍ଡୁଲମ ସଦୃଶ । ଏହା ଏକ ଦିଗରୁ ଅନ୍ୟ ଦିଗକୁ ଝୁଲୁଥାଏ । ପେଣ୍ଡୁଲମ ଝୁଲୁ ନାହିଁ ଘଣ୍ଟା ଖରାପ ଆନନ୍ଦ ଓ ନିରାନନ୍ଦ ମଧ୍ୟରେ ଜୀବନ ଝୁଲୁଥାଏ ତେଣୁ ଦୁଇଟି ଦୁଃଖର ମଧ୍ୟ ସ୍ଥଳକୁ ଆନନ୍ଦ ବା ସୁଖ କୁହାଯାଏ । ଜୀବନରେ ଅନେକ କିଛି ଗ୍ରହଣ କରୁ ଓ ଅନେକ କିଛି ତ୍ୟାଗ କରୁ । ଯାହା ଜୀବନରେ ଆସିଲା ତାହାକୁ ଗ୍ରହଣ କରିପାରିବା ନାହିଁ । ଆମର ଚାହିଦା ଓ ଇଚ୍ଛା ଶକ୍ତି ପ୍ରୟୋଗ କରି ଆମେ ଯାହା ଚାହୁଁଛେ ତାକୁ ଗ୍ରହଣ କରିବା ଉଚିତ ।

ଘୋଡ଼ାଟି ଏସବୁ ଶୁଣି ଆଲୋଚନାକୁ ଆଗେଇ ନେଇ କହିଲା ମୁଁ ଦେଖୁଛି ମଣିଷର ଜୀବନ ଉପର ତଳରେ ଭରପୁର । ଜୀବନ ସ୍ଥିର ନୁହେଁ । ପାହାଡ଼ ପରିବେଷ୍ଟନୀ ମଧ୍ୟରେ ଉପତ୍ୟକା ଥାଏ ଏହା ସମତଳ ଭୂମି । କିନ୍ତୁ ପାହାଡ଼ର ଶରୀର ଉପରତଳ ଉଚ୍ଚାନିଚ୍ଚା । ତେଣୁ ଜୀବନ ସିଧା ଖୁଣ୍ଟି ସଦୃଶ ନୁହେଁ । ଉପର ତଳରେ ସୁନ୍ଦରତା ଥାଏ । ଏହି ସତ୍ୟକୁ ଯେତେ ଶୀଘ୍ର ବୁଝିବା ସେତେ ଭଲ । ଉତ୍ତାପରେ ୧୦୦ ଡିଗ୍ରୀ ଅଛି ୦ଡିଗ୍ରୀ ଅଛି । ଘଣ୍ଟା କହିଲା ଦିନ ଅଛି ରାତି ଅଛି କିନ୍ତୁ ଏହା ମିଶିଲେ ସଂପୂର୍ଣ୍ଣ ଦିନ ହୋଇଥାଏ । ଏହି ସୁନ୍ଦରତାକୁ ଆମେ ବୁଝିବା ଦରକାର । ଦୃଷ୍ଟିଶକ୍ତିର ଯେପରି ଏକ ସୀମା ଅଛି ଜୀବନର ମଧ୍ୟ ସେହିପରି ସୀମା ଅଛି । ଏହାକୁ ବୁଝିବାକୁ ଶୃଙ୍ଖଳାର ଆବଶ୍ୟକତା ଥାଏ । ଦୁଇ ଗୋଡ଼ ଶୃଙ୍ଖଳାର ସହ ଚାଲେ । ଦୁଇ ଆଖି ଶୃଙ୍ଖଳାର ସହ ଦେଖେ । ମଣିଷର ଶରୀର ଶୃଙ୍ଖଳାରେ ଗଲେ ଯେଉଁ ଘୋଡ଼ା ଯୁଦ୍ଧ କ୍ଷେତ୍ରରେ ଦୌଡ଼ିପାରେ ନା, ଯେଉଁ ଭଗବାନ ଆମର ନାଯୋଚିତ ଆଶା ପୂରଣ କରିବାରେ ବିଫଳ ଓ ଯେଉଁ ବନ୍ଧୁ ବାନ୍ଧବ ଦରକାର ବେଳେ କର୍ମରେ ଆସନ୍ତି ନାହିଁ, ସେମାନଙ୍କୁ ତ୍ୟାଗ କରିଦେବା ଉଚିତ । ଗୋଟିଏ ସୁନ୍ଦର ନର୍ତ୍ତକୀ ଧ୍ୟାନ ଆକର୍ଷଣ କରିପାରେ ତାର ଅର୍ଥ ନୁହେଁ ସମସ୍ତେ ତା ଆକର୍ଷଣରେ ନାଚିବେ । ଭଗବାନଙ୍କ ନିର୍ଦ୍ଦେଶରେ ଓ ତାଙ୍କ ନିର୍ଦ୍ଦେଶିତ ପଥରେ ନାଚିବା ଭଲ । ମନର ନିର୍ଦ୍ଦେଶରେ ନୁହେଁ । ସାଧୁ କହିଲେ ଜୀବନ ଅନୁକରଣ ପ୍ରୀୟ ହେଲେ ମଧ୍ୟ ନିଜର ପନ୍ଥା ନିଜକୁ ବାଛିବାକୁ ହେବ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜୀବନ ଯେକୌଣସି ମୁହୂର୍ତ୍ତରେ ଛୋଟ ହୋଇପାରେ । ଜୀବନ ଏକ ଫୁଲପରି; ଦୋଳିରେ ଖେଳୁଥାଏ । ଛୋଟ ଶିଶୁର ହସ ପରି ଓ ଗ୍ରୀଷ୍ମର ଥଣ୍ଡାମଳୟପରି । କିନ୍ତୁ ଦୁଃଖର ବିଷୟ ମନୁଷ୍ୟ ଟଙ୍କାକୁ ଖୁବ ସୁନ୍ଦର ଭାବି ପ୍ରେମ କରୁଛି । ଧନବାନ ଲୋକ ଅସୁରକ୍ଷିତ ଓ ଶଂସୟୀ ହୋଇଥାଏ । ଫୁଲର ସୁଗନ୍ଧ ଅଛି କିନ୍ତୁ ସେ ମଉଳି ଯାଏ, ଝଡ଼ିପଡ଼େ ଠିକ ମନୁଷ୍ୟର ଜୀବନ ପରି । ହେ ଅଶ୍ୱ ଓ ଘଣ୍ଟା ! ସଚେତନର ସହ ବଞ୍ଚିବାକୁ ଜୀବନ କୁହାଯାଏ । ଯେଉଁଠାରୁ ଆସିଛି ସେଠାକୁ ଫେରି ଯିବାକୁ ଜୀବନ କୁହାଯାଏ । ତେଣୁ ମଣିଷର ଆରମ୍ଭ ଓ ଶେଷ ସମାନ । ଶେଷ ଅର୍ଥ ଭଗବାନଙ୍କ ନିକଟକୁ ଫେରିବା । ଆମେ ପୃଥିବୀରେ ରହିବା ପୃଥିବୀ ଆମ ଭିତରେ ନୁହେଁ । ଡଙ୍ଗା ପାଣିରେ ଭାସେ । ପାଣିକୁ ଡଙ୍ଗା ଭିତରେ ପଶିବାକୁ ଦିଏ ନାହିଁ । ମା ପିଲାକୁ ଦୋଳିରେ ଛାଡ଼ି ସମସ୍ତ କାର୍ଯ୍ୟ କରେ । ଅଳସୁଆ ଓ ବିକ୍ଷିପ୍ତ ଚିନ୍ତାଧାରାର ମାନବ ଭଗବାନଙ୍କୁ ପାଇପାରେ ନାହିଁ । ନିରନ୍ତର ଭଗବାନଙ୍କୁ ପ୍ରାର୍ଥନା ଓ କର୍ମ କରିବାକୁ ଜୀବନ କୁହାଯାଏ ।


ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଦୁର୍ଗନ୍ଧମୟ ପରିବେଶରେ ଯୋଡା ପୌରପାଳିକା

**ଯୋଡା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ପୌରପାଳିକା ରେ ହେଉ ଥିବା ଯୋଡା ସହର ରେ ଦୁର୍ଗନ୍ଧ ମୟ ପରିବେଶ ଅଞ୍ଚଳ ବାସୀ ଙ୍କୁ ଅତିଷ୍ଟ କରି ପକାଇଛି । ଯୋଡା ପୌର ପାଳିକାରେ ଆ ।ବର୍ଜନ। ପରିଚାଳନା ଠିକ୍ ଭାବେ ହେଉ ନ ଥିବାରୁ ଏହିପରି ଦୁର୍ଗନ୍ଧ ମୟ ପରିବେଶ ସୃଷ୍ଟି ହେଉ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଯୋଡା ବସ ଷ୍ଟାଣ୍ଡ ନିକଟରେ , ପୁରୁଣା ଥାନା ପାର୍ଶ୍ୱରେ , ଡେଲି ମାର୍କେଟ ନିକଟ ସୁନା ନଦୀ ଅବବାହିକା ରେ,ଯୋଡା ଟାଟା କମ୍ପାନୀ ଗୋଲଡ୍ରେନ କ୍ୟାମ୍ପ ନିକଟରେ, ଯୋଡା ଆଜାଦ୍ ବସ୍ତି ଖେଳ ପଡିଆ ନିକଟରେ, ଉଲୀ ହଟିଂ ନିକଟରେ କୁଢ଼ କୁଢ଼ ମଇଳା ଆବର୍ଜନା ପକାଯାଉଛି । ତେବେ ପୁରୁଣା ଥାନା ପାର୍ଶ୍ୱରେ ଥିବା ମୁଖ୍ୟ ରାସ୍ତାରେ ଓ ସୁନା ନଦୀ ପୋଲ ପାର୍ଶ୍ୱରେ ପଡ଼ିଥିବା ଆବର୍ଜନା ରୁ ପ୍ରବଳ ଦୁର୍ଗନ୍ଧ ହେଉଥିବାରୁ ଜନସାଧାରଣଙ୍କ ରାସ୍ତାରେ ଚାଲିବା ମଧ୍ୟ ଦୁର୍ବିସହ ହୋଇ ପଡ଼ିଲାଣି । ପୁରୁଣା ଥାନା ସମ୍ମୁଖରେ ଥିବା ଓସାରିଆ ରାସ୍ତା କୁ ଠେଲା ଗାଡ଼ି,ଜଳ ଖିଆ ଦୋକାନୀ, ଫାଷ୍ଟ ଫୁଡ୍ ଦୋକାନୀ ମାନେ ଅଣଅଧିକୃତ ଭାବେ ଦୋକାନ ଖୋଲି ରାସ୍ତା କୁ ସଂକୁଚିତ କରି ଦେଲେଣି ଏବଂ ଅଇଁଠା ଖାଦ୍ୟ, ପଚାସଢ଼ା ଖାଦ୍ୟ କୁ ରାସ୍ତା କଡ଼ରେ ଫିଙ୍ଗି ଦେଉଛନ୍ତି । ସେହିପରି ମାଛ ବ୍ୟବସାୟୀ ମାନେ ପଚାସଢ଼ା ପାଣି ସୁନା ନଦୀ ପାର୍ଶ୍ୱରେ ଫିଙ୍ଗି ଦେଉଛନ୍ତି । ଏହାଦ୍ୱାରା ଦୁର୍ଗନ୍ଧ ମୟ ପରିବେଶ ଭିତରେ ଡେଲି ମାର୍କେଟ ରେ ପରିବା ବାଲା ବସିବା ପାଇଁ ବାଧ୍ୟ ହେଉଛନ୍ତି। ସେହିପରି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଜଳଖିଆ ଦୋକାନ ଓ ଫାଷ୍ଟ ଫୁଡ୍ ଦୋକାନ ପୁରୁଣା ଥାନା ନିକଟ ରେ ଚାଲୁଛି। ଏ ସଂକ୍ରାନ୍ତରେ ପୌର ପ ।ଳିକ। ର ପରିମଳ ଅଧିକାରୀ ମୋହନ ଚରଣ ବାରିକ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଉଠା ଦୋକାନୀ, ଏହିପରି ଦାୟିତ୍ୱ ହୀନତା ଥିବା ବ୍ୟବସାୟୀଙ୍କ ଉପରେ ପୌର ପ ।ଳିକ। ଜୋରିମାନା ଲଗାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ।ଯୋଡା ସହର ରେ ସଫେଇ କାର୍ଯ୍ୟ କୁ ଠିକାରେ ନେଇଥିବା ୩ଜଣ ଠିକାଦାର ଙ୍କୁ ସହର ରେ ସଫେଇ କାର୍ଯ୍ୟ କୁ ଠିକ୍ ଭାବେ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି ଏବଂ ୮୪ ଜଣ ଶ୍ରମିକ ସଫେଇ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଖୁବ୍ ଶୀଘ୍ର ସୂଚନା



ଫଳକ ଲଗାଯାଇ ସର୍ବ ସାଧାରଣ ଜାଗାରେ ଆବର୍ଜନା ନ ପକାଇବା ପାଇଁ ସଚେତନ କରାଯିବ । ଏତଦବ୍ୟତୀତ ଥାନା ସମ୍ମୁଖ ରାସ୍ତା ଟି କୁ ଓ୍ୱାନ ଓ୍ୱେ କରାଯାଇ ଠେଲା ଗାଡ଼ି ଫାଷ୍ଟ ଫୁଡ୍ ଗାଡ଼ି କୁ ଅନ୍ୟତ୍ର ବ୍ୟବସ୍ଥା କରାଯିବ । ତେବେ ବର୍ତ୍ତମାନ ପରିସ୍ଥିତିରେ ନାଳ ନର୍ଦ୍ଦମା କୁ ସଫା କରିବ।,ଦୁର୍ଗନ୍ଧ ମୟ ପରିବେଶ ରୁ ମୁକ୍ତ କରିବା ପୌର ପାଳିକ। ର ପ୍ରଥମ ଆଭିମୁଖ୍ୟ ହେବ। ଉଚିତ୍ ବୋଲି ଯୋଡା ସହର ର ପୂର୍ବତନ ନଗର ପାଳ ପୁରୁଷୋତ୍ତମ ଦାସ କହିଛନ୍ତି । ସାରା ରାଜ୍ୟରେ ସ୍ୱଚ୍ଛ ଅଭିଯାନ ଚାଲୁ ଥିବା ବେଳେ ଯୋଡା ସହର ରେ ବର୍ଜ୍ୟବସ୍ତୁ ପରିଚାଳନା କୁ ଠିକ୍ ଭାବେ କରାଯାଉ ବୋଲି ସହର ବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତ ରେ ଯୋଡା କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ କହିଛନ୍ତି ଯେ,ପୌର ପ ।ଳିକ। ଆଗାମୀ ଦିନରେ ଜୋରିମାନା ଲଗାଇ ମଇଳା ପକାଉ ଥିବା ବ୍ୟବସାୟୀ ମାନଙ୍କ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସବୁଜ ରସାୟନର ଆବଶ୍ୟକତା ପାଠଚକ୍ର

**ଆସିକା,(ମହାଭାରତ) :** ଆସିକା ବିଜ୍ଞାନ ମହାବିଦ୍ୟାଳୟ ରସାୟନ ବିଭାଗର ତତ୍ତ୍ୱାବଧାନରେ ଏକ ସବୁଜ ରସାୟନ (ଗ୍ରୀନ୍ କେମେଷ୍ଟ୍ରି) ପାଠଚ୍କ୍ର ସେମିନାର ହଲ୍ ଠାରେ ଆୟୋଜିତ ହୋଇଯାଇଛି। ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀ ପୌରହିତ୍ୟ କରିଥିବା ବେଳେ ରସାୟନ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ଚୌଧୁରୀ ସଂଯୋଜନା କରିଥିଲେ। ଶଶିଭୂଷଣ ରଥ ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର ରସାୟନ ବିଭାଗ ଏସୋସିଏଟ୍ ପ୍ରଫେସର ଡ. ସୁରଜ କୁମାର ପାଣିଗ୍ରାହୀ ସେମିନାର ରିସୋର୍ସ ପରସନ୍ ରୂପେ ମଞ୍ଚାସୀନ ଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ଗ୍ରୀନ୍ କେମେଷ୍ଟ୍ରିର ଆବଶ୍ୟକତା ଉପରେ ମାର୍ଗଦର୍ଶନ କରିଥିଲେ। ଏହି ପାଠଚ୍କ୍ରରେ ଆଧୁନିକ ଯୁଗରେ ସବୁଜ ରସାୟନର ମହତ୍ତ୍ୱ ଏବଂ ଉପାଦେୟତା ଉପରେ ଆଲୋଚ୍ନା ହୋଇଥିଲା। ସବୁଜ ରସାୟନ ଦ୍ୱାରା ମନୁଷ୍ୟର ଦୈନିକ ଜୀବନ କିପରି ଚଳଚଞ୍ଚଳ ହୋଇଥାଏ ଏବଂ ପୃଥିବୀ ପୃଷ୍ଠରେ ଜୀବଜଗତ କିପରି ଜୀବନଧାରଣ କରିଥାନ୍ତି ଏବଂ ଏହାର ଅପପ୍ରୟୋଗରେ କିପରି ଋତୁ ପରିବର୍ତ୍ତନରେ ଅନିୟମିତତା ଆସିଥାଏ, ତାହାର ବିସ୍ତୃତ ଆଲୋଚ୍ନା ହୋଇଥିଲା। ସବୁଜ ରସାୟନ ବିଜ୍ଞାନ ହେଉଛି ରାସାୟନିକ ଦ୍ରବ୍ୟ ଏବଂ ପ୍ରକ୍ରିୟାର ଡିଜାଇନ୍ ଯାହା ବିପଜ୍ଜନକ ପଦାର୍ଥର ବ୍ୟବହାର କିମ୍ବା ଉତ୍ପାଦନକୁ ହ୍ରାସ କିମ୍ବା ବିଲୋପ କରିଥାଏ ବୋଲି ସମସ୍ତ ମଞ୍ଚାସୀନ ଅତିଥି ବ୍ୟକ୍ତ କରିଥିଲେ। ସବୁଜ ରସାୟନ ବିଜ୍ଞାନ, ଏହାର ଡିଜାଇନ୍, ଉତ୍ପାଦନ, ବ୍ୟବହାର ଏବଂ ଚରମ ନିଷ୍କାସନ ସହିତ ଏକ ରାସାୟନିକ ଦ୍ରବ୍ୟର ଜୀବନଚକ୍ରରେ କିପରି ପ୍ରଯୁଜ୍ୟ ଏହି ସଂଦର୍ଭ ଉପରେ ମଧ ସମସ୍ତ ମଞ୍ଚାସୀନ ଅତିଥି ଆଲୋଚ୍ନା ପର୍ଯ୍ୟାଲୋଚନା କରିଥିଲେ। ରସାୟନ ବିଭାଗର ଯୁକ୍ତ ତିନି ଶେଷ ବର୍ଷର ଛାତ୍ର ପବନ କୁମାର ପଟ୍ଟନାୟକ ଏବଂ ରୋହିତ କୁମାର ପରିଡା ଗ୍ରୀନ୍ କେମିଷ୍ଟ୍ରିର ଉପାଦେୟତା ଉପରେ ଉପସ୍ଥାପନା କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ଜନାର୍ଦ୍ଦନ ସାହୁ ଗ୍ରୀନ କେମେଷ୍ଟ୍ରିର ମହତ୍ତ୍ୱ ପ୍ରତିପାଦନ କରିଥିବା ବେଳେ ଅଧ୍ୟାପକ ଚନ୍ଦନ ମାରାଣ୍ଡି, ଅଧ୍ୟାପିକା ମାଧୁରୀ ହେମ୍ବ୍ରମ୍, ଡେମନଷ୍ଟ୍ରେଟର ଧନଞ୍ଜୟ ମହାପାତ୍ର ଏବଂ କୃଷ୍ଣଚନ୍ଦ୍ର ପାତ୍ର ପାଠଚ୍କ୍ରରେ ସହଯୋଗ କରିଥିଲେ। ରସାୟନ ବିଭାଗର ସମସ୍ତ ଅନର୍ସ ଏବଂ ଜେନେରିକ୍ ଇଲେକ୍ଟିଭ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# କୃଷ୍ଣସାର ମୃଗ ସ୍ଥାନାନ୍ତରିତ ବିରୋଧ କରି ସାମ୍ବାଦିକ ସମ୍ମିଳନୀ

**ଆସିକା,(ମହାଭାରତ) :** କୃଷ୍ଣସାର ମୃଗ ସଂରକ୍ଷଣ ସମିତି ପକ୍ଷରୁ ଆସିକା ବହୁମୁଖୀ ସମବାୟ ସମିତି ସମ୍ମିଳନୀ କକ୍ଷରେ କୃଷ୍ଣସାର ମୃଗ ସଂରକ୍ଷଣ ସମିତିର ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ଏହି କୃଷ୍ଣ ସାର ମୃଗ ସ୍ଥାନାନ୍ତରଣକୁ ଘୋର ବିରୋଧ କରିଛନ୍ତି । ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ପକ୍ଷରୁ ଆସିକା ବନାଞ୍ଚଳରୁ କିଛି ମାଇ ଓ ଅଣ୍ଡିରା କୃଷ୍ଣସାର ମୃଗ ପୁରୀ ବନାଞ୍ଚଳର କୋଣାର୍କ ବାଲୁଖଣ୍ଡ ଅଭୟରଣ୍ୟ ଅଞ୍ଚଳକୁ ସ୍ଥାନାନ୍ତରିତ କରୁଥିବା ମସୁଧାକୁ ବିରୋଧ କରି ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । କୃଷ୍ଣସାର ମୃଗ ସ୍ଥାନାନ୍ତରଣ ହେଉଥିବା ସ୍ଥାନଟି ସମୁଦ୍ର ଅଞ୍ଚଳ ହୋଇଥିବାରୁ ଉକ୍ତ ସ୍ଥାନଟି ଏହି ମୃଗ ଙ୍କ ପାଇଁ ଅନୁକୂଳ ପରିବେଶ ନୁହେଁ ଯାହାଦ୍ୱାରା ସେମାନେ ସେଠାରେ ବଞ୍ଚିବା ସମ୍ଭବ ନୁହେଁ । ଏହି ପରିବେଶରେ ସେମାନଙ୍କ ସକାଶେ ଖାଦ୍ୟ ପ୍ରଯ୍ୟାପ୍ତ ପରିମାଣ ରେ ମିଳୁଛି । ଆମର ଏହି ବନାଞ୍ଚଳରେ କୃଷ୍ଣ ସାର ମୃଗବଂଶ ବିସ୍ତାର କରୁଛନ୍ତି । ଏଠିକାର ପାଣି ପାଗ ବଂଶ ବୃଦ୍ଧିରେ ବିଶେଷ ସହାୟକ ହୋଇଛି । ପୁରୀ ଅଞ୍ଚଳ ସମୁଦ୍ର କୁଳିଆ ଅଞ୍ଚଳ ହୋଇଥିବରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏଠାରେ ଅନେକ କୃଷ୍ଣସାର ମୃଗ ମରିବାର ସମ୍ଭାବନାକୁ ଆଡେଇ ଦିଆ ଯାଇପାରିବିନି। ରାଜ୍ୟ ସରକାରଙ୍କ ଏଭଳି ତରବରିଆ ନିଷ୍ପତି କୁ ମୃଗ ସୁରକ୍ଷା ସମିତି ବିରୋଧ କରୁଛନ୍ତି । ସଭାପତି ଅମୂଲ୍ୟ ଉପାଧ୍ୟାୟ ପ୍ରକାଶ କରିଛନ୍ତି ଯେ ଯଦି ଏହି କୃଷ୍ଣ ସାର ମୃଗ ସ୍ଥାନାନ୍ତର କରାଯାଏ ତେବେ ଆଗାମୀ ଦିନରେ ଏହାକୁ ଘୋର ବିରୋଧ କରାଯିବଳ ଆଜିକାର ଏହି ସାମ୍ବାଦିକ ସମ୍ମିଳନୀରେ ସମିତି ସଦସ୍ୟ କୃଷ୍ଣ ଗୌଡ଼, ପ୍ରଶାନ୍ତ ପାଳ,କୃଷ୍ଣ ଚନ୍ଦ୍ର ମହାନ୍ତି, ଓ୍ୱାର୍ଡ ସଭ୍ୟ ବୁଲୁ ଗୌଡ଼ ଉପସ୍ଥିତ ଥିଲେ ।



# ବିଦ୍ୟାଳୟ ସ୍ଥାନାନ୍ତରଣକୁ ବିରୋଧ କରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଧାରଣା



**ଆସିକା,(ମହାଭାରତ) :** ସରକାରଙ୍କ ପକ୍ଷରୁ ଗତ ୦୫/୦୪/୨୦୨୪ ମସିହା ପତ୍ର ସଂଖ୍ୟା ୬୭୦ ପ୍ରକାରେ ଆସିକା ବାବନପୁର ସ୍ଥିତ ନୂଆଗାଁ ଚିନିଶିଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦକୁ ବିରୋଧ କରି ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଧାରଣାରେ ବସିଛନ୍ତି। ଛାତ୍ର ଛାତ୍ରୀ ଓ ଅଭିଭାବକ ଏହି ସ୍କୁଲଟି ବନ୍ଦ କରିବାକୁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ଏହା ବନ୍ଦ ନ କରି ଯଥା ସ୍ଥାନ ରେ କାର୍ଯ୍ୟକାରୀ ହେଉ ବୋଲି ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଦାବୀ କରିଛନ୍ତି। ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ମାନେ ନା ଏବେ ପର୍ଯ୍ୟନ୍ତ ଟିସି ଉଠାଇଛନ୍ତି ନା ଅନ୍ୟ କେଉଁ ସ୍କୁଲ ରେ ନାମ ଲେଖାଇଛନ୍ତି । ଏହି ସ୍କୁଲ ଅଘୋଷିତ ଭାବେ ବନ୍ଦ କରିବାକୁ ବିରୋଧ କରି ଦୁଇ ଥର ଛାତ୍ରଛାତ୍ରୀ ଓ ଅଭିଭାବକ ଆନ୍ଦୋଳନ କରିଥିଲେ ବି କୌଣସି ସୁଫଳ ମିଳିନଥିବା ଯୋଗୁଁ ଆଜି ଏହିପରି ଶାନ୍ତିପୂର୍ଣ ଧାରଣା ରେ ବସିଛନ୍ତି । ଧାରଣାରତ ଛାତ୍ରଛାତ୍ରୀଙ୍କ ବିଷୟରେ, ବ୍ଲକ ଶିକ୍ଷା ଅଧିକାରୀ ମୁନୁ ରାଣୀ ମହାନ୍ତି ଉପରିସ୍ଥ ଅଧିକାରୀ ଙ୍କୁ ଏ ସମ୍ପର୍କ ରେ ଅବଗତ କରାଇ ଥିବା ନେଇ ସୂଚନା ଦେଇଛନ୍ତି। ସରକାରଙ୍କ ଅଜବ ନୀତି ଓ ବେଆଇନି ଭାବେ ସ୍କୁଲ ବନ୍ଦ କରିଛନ୍ତି। ଏ ସଂକ୍ରାନ୍ତରେ ପଲ୍ଲି ସଭା କିମ୍ବା ଗ୍ରାମସଭାରେ ଅନୁମୋଦନ ନ କରି ବା ପଞ୍ଚାୟତ କୁ କୌଣସି ସୂଚନା ପ୍ରଦାନ ନ କରି ସ୍କୁଲ ଟିକୁ ବନ୍ଦ କରିବା ଦୁଃଖ ଓ ପରିତାପର ବିଷୟ ବୋଲି ସ୍ଥାନୀୟ ସରପଞ୍ଚ ଜୟନ୍ତୀ ବେହେରା ଅଭିଯୋଗ ଆଣିଛନ୍ତି। ପ୍ରକାଶ ଥାଉକି ଏଥି ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ବରିଷ୍ଠ ଆଇନଜୀବି ଲଳିତ ମୋହନ ଦାସ, ବିଜେପି ନେତା ରାଘବ ସିଂ ଯୁବ ନେତା କାହ୍ନା ନାୟକ ପ୍ରମୁଖ ଭେଟି ବିଦ୍ୟାଳୟ ସ୍ଥାନାନ୍ତରଣ ବନ୍ଦ କରିବାକୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ବର୍ତ୍ତମାନ ଏହି କୋମଳ ମତି ଶିଶୁଙ୍କ ଭବିଷ୍ୟତ ସରକାରଙ୍କ ହାତରେ ।

# ଝିଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

**ଗଜପତି,(ମହାଭାରତ) :** ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଖାଣ୍ଡବା ଗ୍ରାମ ପଞ୍ଚାୟତର ପାଲାରସିଂ ଗ୍ରାମ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ଶ୍ରୀ ଦିଲ୍ଲିପ କୁମାର ବେହେରା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଖାଣ୍ଡବା ଗ୍ରାମ ପଞ୍ଚାୟତ ସମେତ ବୁଦୁରା, ଗୋରିବନ୍ଧ ଓ ଅଲଡ଼ା ପଞ୍ଚାୟତର ସମୁଦାୟ ମୋଟ- ୧୧୫ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୫୯ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୫୬ ଗୋଟି ଓ ଗୋଟିଏ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଶ୍ରୀମତୀ ବାଲା ଶାୟାମା , ଅଧକ୍ଷା,ପଞ୍ଚାୟତ ସମିତି କାଶୀନଗର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଦମ୍ବରୁଧର ମଲ୍ଲିକ, ତହସିଲଦାର ଶ୍ରୀ ଅଶୋକ କୁମାର ପ୍ରଧାନ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗର ଶ୍ରୀ ଭଗବତ ସାହୁ ଓ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ସିଏଚ.ମାଧବୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।




# ଦ୍ୱିତୀୟ ଶ୍ରାବଣରେ ଶୈବ ଭକ୍ତଙ୍କ ଜଳାଭିଷେକ

**ଗୋଲାମୁଣ୍ଡା,(ମହାଭାରତ) :** ଆଜି ହେଉଛି ଶ୍ରାବଣର ଦ୍ୱିତୀୟ ସୋମବାର। ସକାଳୁ ସକାଳୁ ପ୍ରତ୍ୟେକ ଶୈବ ପୀଠ ରେ କାଉଡିଆଙ୍କ ଭିଡ଼ ଦେଖିବାକୁ ମିଳିଛି। ବିଭିନ୍ନ ଜଳାଶୟରୁ କଉଡ଼ିରେ ଜଳ ଆଣି ମହାଦେବ ଙ୍କ ଲିଙ୍ଗ ରେ ଜଳାଭିଷେକ କରି ଆଶିଷ ଭିକ୍ଷା କରିଛନ୍ତି କାଉଡ଼ିଆ ଭକ୍ତ। ସୋମବାର ସକାଳ ୮ ଟା ରୁ ଗୋଲାମୁଣ୍ଡା ବ୍ଲକ ଖଲିଆକାନି ସ୍ଥିତ ଶୈବ ପୀଠ ନୀଳ କଣ୍ଠେଶ୍ୱର ମନ୍ଦିରରେ ମାନସିକ ଧାରୀ କାଉଡିଆ ମାନେ ନୀଳ କଣ୍ଠେଶ୍ୱର ମହାଦେବଙ୍କ ନିକଟରେ ଜଳାଭିଷେକ କରିଛନ୍ତି। ଅନେକ ଭକ୍ତ ମାଇଲ ମାଇଲ ବାଟ ଚାଲି ପାଣି ଭାର ଉଠାଇ ଶିବଙ୍କୁ ଜଳ ଲାଗି କରିଛନ୍ତି।



# ଖପରାମାଲରୁ ଆମପଡ଼ା ରାସ୍ତା ପାଲଟିଛି ମରଣଯନ୍ତା



**କୋକସରା,(ମହାଭାରତ) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମୂଷାପାଲି ଗ୍ରାମ ପଞ୍ଚାୟତ ଖପରାମାଲ ରୁ ଆମପଡ଼ା ରାସ୍ତା ପାଲଟିଛି ମରଣଯନ୍ତା। ଏହି ରାସ୍ତା ଦେଇ ତରାପୁର ,ଖୁଣ୍ଟିଆ, ପର୍ଲାକୁ ସଂଯୋଗ କରୁଥିବା ବେଳେ। ଏହି ରାସ୍ତା ଦେଇ ଅନେକ ଲୋକ ଗାଡ଼ି ମୋଟର ମଧ୍ୟ ଯିବା ଆସିବା କରୁଛନ୍ତି। ଏହି ରାସ୍ତାରେ ବଡ ବଡ ଖାଲଖମା ଥିବାରୁ ଓ ପାଣି ଜମି କାଦୁଅ ପଚ୍ ପଚ୍ କରୁଥିବାରୁ ଲୋକ ମାନେ ଯିବା ଆସିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛାତ୍ର ଛାତ୍ରୀ ମାନେ ମଧ୍ୟ ଏହି ରାସ୍ତାରେ ଯିବା ଆସିବା କରୁଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେବାର ମଧ୍ୟ ସମ୍ଭାବନା ରହିଛି। ପଞ୍ଚାୟତ ପ୍ରଶାସନ, ବ୍ଲକ୍ ପ୍ରଶାସନ ଜାଣିଶୁଣି ମଧ୍ୟ ନୀରବ ଦ୍ରଷ୍ଟା ସାଜିଛନ୍ତି । ମୂଷାପାଲି ସରପଞ୍ଚ ଅକ୍ଷୟ କୁମାର ନାଏକଙ୍କୁ ଯୋଗାଯୋଗ କରିବାରୁ ସେ ପୁର୍ବରୁ ଧର୍ମଗଡ ବିଧାୟକ, କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋକସରା ବ୍ଲକ ଉପାଧ୍ୟକ୍ଷ ଙ୍କୁ ଏ ସମସ୍ୟା ସମ୍ପର୍କରେ ଅବଗତ କରିଥିବା କହିଛନ୍ତି। ଏଣୁ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଏହି ରାସ୍ତା ମରାମତି କରିବାକୁ ସର୍ବ ସାଧାରଣରେ ଦାବୀ ହେଉଛି।

# ବଟେଶ୍ୱର ଉନ୍ନୟନ କମିଟି ଆନୁକୂଲ୍ୟରେ ଦାତବ୍ୟ ଚକ୍ଷୁ ପରୀକ୍ଷା ଶିବିର

**କଣ୍ଟାପଡ଼ା,(ମହାଭାରତ) :** ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଜୟର ଶାସନ ପଞ୍ଚବଟୀ ବଜାର ଠାରେ ଥିବା ବଟେଶ୍ୱର ମହାଦେବଙ୍କ ମଣ୍ଡପଠାରେ ବଟେଶ୍ୱର ଉନ୍ନୟନ କମିଟି ଆନୁକୂଲ୍ୟରେ ନେତ୍ରମ୍ ଗୁଡ ଭିଜନ ପକ୍ଷରୁ ଏକ ଦାତବ୍ୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବଟେଶ୍ୱର ଉନ୍ନୟନ କମିଟି ଅଧକ୍ଷ ସମାଜସେବୀ ମାଗୁଣି ସାହୁ ଏହାକୁ ଉଦ୍‌ଘାଟନ କରିଥିଲାବେଳେ ,ବଟେଶ୍ୱରମନ୍ଦିର ପରିଚାଳନା କମିଟି ସମ୍ପାଦକ ପୂର୍ବତନ ସରପଞ୍ଚ କେଲୁଚରଣ ଖୁଣ୍ଟିଆ, ମନ୍ଦିର ପରିଚାଳନା କମିଟି କୋଷାଧକ୍ଷ କିଶୋର କୁମାର ସାହୁ ଟ୍ୱିନସିଟି ପ୍ରେସ କ୍ଲବର ସଭାପତି ବରିଷ୍ଠ ସାମ୍ବାଦିକ ସନାତନ ପରିଜା, ନେସନାଲ ନିୟୁଜ ଚାନେଲ ଇ୧ ଟିଭିର କଟକ ଜିଲ୍ଲା ମୁଖ୍ୟ ଡ଼. ଭବାନୀ ଶଙ୍କର ପାତ୍ର, ବରିଷ୍ଠ ସାମ୍ବାଦିକ ଗୁରୁପ୍ରସାଦ ମହାପାତ୍ର, ସବୁଦିନ ଟିଭିର ଅଧକ୍ଷ ହୃଦାନନ୍ଦ ସାହୁ, ଅନିଲ କୁମାର ସାହୁ, ଧିରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ନେତ୍ରମ୍ ଗୁଡ ଭିଜନ ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ କୋର୍ଡିନେଟର ଶିଶିର କୁମାର ଦାସଙ୍କ ନେତୃତ୍ୱରେ ୭୦ଜଣଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ସହ ସ୍ୱଳ୍ପ ମୂଲ୍ୟରେ ଚଷମା ବଣ୍ଟନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବଟେଶ୍ୱର ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

# ଝିଅକୁ ହତ୍ୟା କରି ବାପାର ଆତ୍ମହତ୍ୟା

- ଶିଶୁକୁ ବିଷ ପ୍ରୟୋଗ ନା ତଣ୍ଟି ଚିପି ହତ୍ୟା
- ମୃତକଙ୍କ ପରିବାର ଲୋକଙ୍କ ଦେଖାମିଳୁନି
- ପୁଲିସ ପାଖରେ ଘର ଚାବି

**ନୟାଗଡ଼,(ମହାଭାରତ) :** ନୟାଗଡ଼ ଟାଉନ ଥାନା ଅଧୀନ ଦେବୋତ୍ତର କଲୋନିରେ ଘଟିଥିବା ଅଭାବନୀୟ ଘଟଣାକୁ ନେଇ ଏବେ ବି ଚର୍ଚ୍ଚା ଲାଗି ରହିଛି। ପାରିବାରିକ ଅଶାନ୍ତି ନା ଅନ୍ୟ କେଉଁ କାରଣରୁ ପୁଲକ୍ ବିଶ୍ୱାଳ ଏମିତି ନିଷ୍ଠୁର ପଦକ୍ଷେପ ନେଲେ, ଏହା ଏବେ ବି ରହସ୍ୟ ଘେରରେ ରହିଛି। ପୁଲକ୍‌ଙ୍କ ମୃତ ୫ ବର୍ଷୀୟ କୁନିଝିଅ ପଲକ୍ କୁ ବିଷ ଦେଇ ନା ତଣ୍ଟି ଚିପି ହତ୍ୟା କରାଯାଇଛି, ଏହା ଜାଣିବା ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ପୁଲିସ ଅପେକ୍ଷା କରିଛି। ରିପୋର୍ଟ ଯେପରି ତୁରନ୍ତ ଆସିବ ସେନେଇ ଡାକ୍ତରଙ୍କ ସହ ପୁଲିସ ଆଲୋଚନା କରିଛି। ମାତ୍ର ଏପର୍ଯ୍ୟନ୍ତ ପୁଲକ୍‌ଙ୍କ ପରିବାର ଲୋକ କେହି ବି ପୁଲିସ ସହ ଆଲୋଚନା ପାଇଁ ନ ଆସିବା ଚର୍ଚ୍ଚାର ବିଷୟ ପାଲଟିଛି। ଏବେ ବି ସେହି ଦୁଇ ମହଲା ଘରଟିରେ ତାଲା ଝୁଲୁଛି। ଘରର ଚାବି ପୁଲିସ ପାଖରେ ରହିଛି। ଗତ ବୁଧବାର ରାତିରୁ ପୁଲିସ ଘଟଣା ସମ୍ପର୍କରେ ଦିଲ୍ଲୀରେ ରହୁଥିବା ପୁଲକ୍‌ଙ୍କ ଭାଇଙ୍କୁ ଜଣାଇଥିଲେ। ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟ କରୁଥିବା ପୁଲକ୍‌ଙ୍କ ଭାଇଙ୍କୁ ଛୁଟି ମିଳିବାରେ ସମସ୍ୟା ହେଉଥିବା ପୁଲିସକୁ କହିଥିଲେ। ଏହାକୁ ବାଦ୍ ଦେଲେ ପୁଲକ୍ ଙ୍କର ତିନି ଭଉଣୀଙ୍କର ମଧ୍ୟ ଦେଖାନାହିଁ। ତିନି ଭାଇଙ୍କ ମଧ୍ୟରେ ପୁଲକ୍ ସାନ ହୋଇଥିବା ବେଳେ ବଡ଼ ଭାଇଙ୍କର ପରଲୋକ ହୋଇଯାଇଛି। ଏହା ସହ ତାଙ୍କ ବାପା-ମା’ ଓ ପ୍ରଥମ ପତ୍ନୀ ମଧ୍ୟ ଆଗପଛ ହୋଇ ଚାଲିଯାଇଛନ୍ତି। ଘରର ଚାବି କାହାକୁ ଦିଆଯିବ, ଏହାକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। କେହି ନ ଆସିବାରୁ ପୁଲକ୍ ଙ୍କର ଦ୍ୱିତୀୟ ପତ୍ନୀଙ୍କ ଭାଇ ମୁଖାଗ୍ନି ଦେଇଛନ୍ତି। ଏବେ ଦ୍ୱିତୀୟ ପତ୍ନୀ ତାଙ୍କ ଘରେ ପୁଲକ୍ ଙ୍କ ଶୁଦ୍ଧିକ୍ରିୟା କରାଉଥିବା ଜଣାପଡ଼ିଛି। ଏଣୁ ବର୍ତ୍ତମାନ ତାଙ୍କର ଦ୍ୱିତୀୟ ପତ୍ନୀଙ୍କର ଏହି ଘର ଉପରେ ଅଧିକାର ରହିବ ନା ନାହିଁ, ବ୍ୟାଙ୍କରେ ଥିବା ସୁନା ଗହଣା ଓ ସମ୍ପତ୍ତିର ମାଲିକ କିଏ ହେବ, ଏହାକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସମୟରେ ପୁଲକ୍ ଙ୍କ ପରିବାର ଲୋକ ନିଜକୁ ଏହି ମାମଲା ଠାରୁ ଦୂରେଇ ରଖୁଥିବାରୁ ଏହାକୁ ନେଇ ସ୍ୱାଭାବିକ ଭାବେ ସମସ୍ତଙ୍କ ସନ୍ଦେହ ବଢ଼ିବାରେ ଲାଗିଛି। ପୁଲକ୍ ତାଙ୍କ ଝିଅକୁ କେମିତି ମାରିଲେ, ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ବିଷ ଦେଇ ପଲକ୍ କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଥିଲେ ମଧ୍ୟ ଘରୁ କୌଣସି ପ୍ରକାର ବିଷ ବୋତଲ ଜବତ ହୋଇ ନାହିଁ। କେଉଁଥିରେ ପୁଲକ୍ ବିଷ ମିଶାଇଥିଲେ ତାହା ମଧ୍ୟ ଜଣାପଡ଼ିନାହିଁ। ମାତ୍ର ଖଟ ଉପରେ ପଡ଼ିଥିବା ଶିଶୁର ମୃତଦେହକୁ ତନ୍ନ ତନ୍ନ କରି ପୁଲିସ ଦେଖିଥିଲେ ମଧ୍ୟ ଶରୀର ଗଳିତ ହୋଇଯାଇଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ପଲକ୍ ର ବେକରେ କିନ୍ତୁ ଏକ ବଡ଼ ନୀଳ ଦାଗ ପଡ଼ିଥିବାରୁ ପୁଲକ୍ ତାକୁ ବେକ ଚିପି ହତ୍ୟା କରିଥିବା ମଧ୍ୟ ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏ ସମସ୍ତ ଘଟଣା ସ୍ପଷ୍ଟ ହୋଇଯିବ ବୋଲି ଥାନା ଇନ୍‌ସପେକ୍ଟର ରଶ୍ମୀରଂଜନ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।




ମହାଭାରତ ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା




# ନୟାଗଡ଼ରୁ ହାୱଡ଼ା ଓ ବିଶାଖାପାଟଣା ରେଳ ଚଳାଚଳ ଦାବି

ନୟାଗଡ଼, ( ମହାଭାରତ ) : ଦୀର୍ଘ ଦିନର ପ୍ରତୀକ୍ଷା ପରେ ୨୦୧୭ରୁ ନୟାଗଡ଼ ଜିଲ୍ଲା ରେଳ ମାନଚିତ୍ରରେ ସ୍ଥାନ ପାଇଥିବା ବେଳେ ଅଦ୍ୟାବଧି ଅନେକ ଦାବି ପୂରଣ ହୋଇପାରି ନାହିଁ। ୨୦୧୭ ଜୁନ୍ ୧୯ ତାରିଖରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ଅଂଶ ସ୍ୱରୂପ ନୟାଗଡ଼ ଟାଉନ ଷ୍ଟେସନ ତତ୍କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଇତି ମଧ୍ୟରେ ଦୀର୍ଘ ୭ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିବା ବେଳେ ନୟାଗଡ଼ ଜିଲ୍ଲାବାସୀ ସର୍ବନିମ୍ନ ରେଳ ସୁବିଧା ପାଇ ପାରିଲେ ନାହିଁ ବୋଲି ନୟାଗଡ଼ ନାଗରିକ ମଞ୍ଚ୍ ପକ୍ଷରୁ ଅଭିଯୋଗ କରାଯିବା ସହ ସାତ ଦଫା ଦାବିପତ୍ର ପୂର୍ବତଟ ରେଳପଥ ସାଧାରଣ




ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଟାଉନ ଷ୍ଟେସନ ମ୍ୟାନେଜର ସୁଖେନ୍ଦୁ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ମଞ୍ଚ୍‌ର ଅଭିଯୋଗ ମୁତାବକ, କେବଳ ଦଶପଲ୍ଲା ରୁ ଭୁବନେଶ୍ୱର, ପୁରୀ ଏବଂ ଭଦ୍ରକ ମଧ୍ୟରେ ତିନିଟି ଟ୍ରେନ ଚଳାଚଳ କରୁଥିବା ବେଳେ ରାଜ୍ୟର ଅନ୍ୟ ସ୍ଥାନ ଏବଂ ରାଜ୍ୟ ବାହାରକୁ ଜିଲ୍ଲାରୁ କୌଣସି ଟ୍ରେନ ସୁବିଧା ନାହିଁ। ନୟାଗଡ଼ ଜିଲ୍ଲାରୁ ବ୍ୟବସାୟିକ କାର୍ଯ୍ୟ, ପରିଭ୍ରମଣ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅଧିକାଂଶ ଲୋକ ରାଜ୍ୟ ବାହାରକୁ, ଯଥା: କୋଲକାତା, ବାଙ୍ଗାଲୋର, ବିଶାଖାପାଟଣା, ମୁମ୍ବାଇ ଆଦି ସ୍ଥାନକୁ ଯାଇଥାନ୍ତି। ମୁଖ୍ୟତଃ ଜିଲ୍ଲାର ଅଧିକାଂଶ ବ୍ୟବସାୟୀ ମାଲ୍ ପାଇଁ କୋଲକାତା ଏବଂ ବିଶାଖାପାଟଣା ଉପରେ ନିର୍ଭର କରିଥାନ୍ତି। ତେବେ ନୟାଗଡ଼ରୁ ଏହି ସବୁ ସ୍ଥାନ ଗୁଡ଼ିକ ସହିତ ସିଧାସଳଖ ରେଳ ସଂଯୋଗ ନଥିବାରୁ ବ୍ୟବସାୟୀ ମାନେ ହଇରାଣ ହେଉଛନ୍ତି। ତେଣୁ ନୟାଗଡ଼ରୁ ହାୱଡ଼ା ଏବଂ ବିଶାଖାପଟଣାକୁ ତୁରନ୍ତ ରେଳ ସଂଯୋଗ ଦାବି କରାଯାଇଛି। ସେହିପରି ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନକୁ ପାରାଦୀପ ପର୍ଯ୍ୟନ୍ତ ସଂପ୍ରସାରଣ କରିବା, କେନ୍ଦୁଝର-ଖୋର୍ଦ୍ଧା ରୋଡ୍ ପାସେଞ୍ଜର ଟ୍ରେନକୁ ନୟାଗଡ଼ ପର୍ଯ୍ୟନ୍ତ ଚଳାଇବା, ଦଶପଲ୍ଲାରୁ ପୁରୀ ଯାଉଥିବା ପାସେଞ୍ଜର ଟ୍ରେନକୁ ବଦଳାଇ ମେମୁ ଟ୍ରେନ ପ୍ରଚଳନ କରିବା, ଟ୍ରେନ୍ ଗୁଡ଼ିକର ବଗି ସଂଖ୍ୟା ବୃଦ୍ଧି କରିବା ତଥା ନୟାଗଡ଼ ଟାଉନ ଷ୍ଟେସନ ପରିସର ଏବଂ ଏହାର ପରିବେଶ ସଫାସୁତରା ରଖିବା ଆଦି ଦାବି କରାଯାଇଛି। ଏ ନେଇ ଆସନ୍ତା ୧୫ ଦିନ ମଧ୍ୟରେ ରେଳ ବିଭାଗ ପଦକ୍ଷେପ ନେବାକୁ ନାଗରିକ ମଞ୍ଚ୍ ପକ୍ଷରୁ ନିବେଦନ କରାଯାଇଛି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନାଗରିକ ମଞ୍ଚ୍ ପକ୍ଷରୁ କୁହାଯାଇଛି। ନୟାଗଡ଼ ନାଗରିକ ମଞ୍ଚ୍‌ର ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ଦାବିପତ୍ର ଷ୍ଟେସନ ମ୍ୟାନେଜରଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିବା ବେଳେ ଉପସଭାପତି ପ୍ରଦୀପ କୁମାର ସାହୁ, ସହସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ସମେତ ସଦସ୍ୟ ଲକ୍ଷ୍ମୀଧର ମହାପାତ୍ର, ତ୍ରିନାଥ ସାହୁ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଦୀପ କୁମାର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ରାୟଗଡ ମୁଖ୍ୟ ଡାକ୍ତରଖାନାରେ ସିଟି ସ୍କାନ ବ୍ୟବସ୍ଥାକୁ ଉଦ୍‌ଘାଟନ କଲେ ଜିଲ୍ଲାପାଳ



ରାୟଗଡ(ମହାଭାରତ): ଆଜି ରାୟଗଡ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଠାରେ ଜିଲ୍ଲାପାଳ ରାୟଗଡ ଶ୍ରୀ ମନୋଜ ସତ୍ୟବାନ ମହାଜନ ସିଟି ସ୍କାନ ବ୍ୟବସ୍ଥାକୁ ଉଦଘାଟନ କରିଛନ୍ତି । ଓଡିଶା ସରକାର ଓ ସ୍ପନ୍ଦନ ଡ଼ାଇଗ୍ନଷ୍ଟିକ ପ୍ରାଇଭେଟ ସଂସ୍ଥା ପିପିପି ମାଧ୍ୟମରେ ଏହା କାର୍ଯ୍ୟକାରୀ ହେବ । ରୋଗୀ ମାନଙ୍କ ନିମନ୍ତେ ଏହି ସ୍ୱାସ୍ଥ୍ୟ ସେବା ବିନା ଶୁଳ୍କ ତଥା ୨୪ ଘଣ୍ଟିଆ ଅନବରତ ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବ। ଜିଲ୍ଲା ରେ ଏହି ସ୍ୱାସ୍ଥ୍ୟ ସୁବିଧା ନଥିବାରୁ, ରୋଗୀ ମାନେ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଥିଲେ, ବର୍ତ୍ତମାନ ଆମ ଜିଲ୍ଲା ରେ ଏହି ସେବା ଉପଲବ୍ଧ ହେଉଥିବାରୁ ଜିଲ୍ଲାବାସୀ ବହୁ ପରିମାଣ ରେ ଉପକୃତ ହେବେ । ସମସ୍ତ ମସ୍ତିଷ୍କ ଆଘାତ ଓ ଟ୍ରମା କେଶ ଭଳି ଜରୁରୀ ସ୍ୱାସ୍ଥ୍ୟାବସ୍ଥା ଗୁଡିକ ପରୀକ୍ଷା କରାଯାଇ ଦୁଇ ଘଂଟାରେ ମଧ୍ୟରେ ତାହାର ରିପର୍ଟ ପ୍ରଦାନ କରାଯିବ । ବାକି ଅନ୍ୟ ନିୟମିତ ପରୀକ୍ଷା ଗୁଡିକ ଯାହାକି ସକାଳ ୮ଘଂଟାରୁ ସନ୍ଧ୍ୟା ୬ଘଣ୍ଟା ମଧ୍ୟରେ ପରୀକ୍ଷା କରାଯାଇଛି ତାହାର ରିପର୍ଟ ୬ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ ଏବଂ ସନ୍ଧ୍ୟା ୬ଘଟିକାରୁ ସକାଳ ୮ଘଟିକା ମଧ୍ୟରେ ଯେଉଁ କେଶ ପରୀକ୍ଷା କରାଯିବ ତାହା ୧୨ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ । ପରୀକ୍ଷା ରିପୋର୍ଟ ହାର୍ଡ କପି ଦିଆଯିବ ।ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ର ଡିପିଏମ ରାଜେଶ୍ୱର ରାୟ ପଟ୍ଟନାୟକ, ସିଟିସ୍କାନ ପରିଚାଳନା ପାଇଁ ନିଯୋଜିତ ବୈଷୟିକ ଟିମ, ସ୍ପନ୍ଦନ ଡ଼ାଇଗ୍ନଷ୍ଟିକ୍ସ ସଂସ୍ଥାର କର୍ମକର୍ତ୍ତା ଆଦି ଉପସ୍ଥିତ ଥିଲେ ।

# ମୃତ ଯୁବକଙ୍କ ଚକ୍ଷୁଦାନ କଲେ ପରିବାର ଲୋକ

ବେଗୁନିଆ,,(ମହାଭାରତ) : ମୃତ୍ୟୁ ପରେ ମଣିଷ ଅଙ୍ଗଦାନ କରି ଅମର ହେଉଛନ୍ତି। ଏହି ମହତ ଉଦ୍ଦେଶ୍ୟ ଯୋଗୁଁ ଅନ୍ୟର ଶରୀରରେ ଏହା ପ୍ରତିରୋପଣ କରାଯାଇପାରୁଛି। ଏଭଳି ଏକ ମହତ ଘଟଣା ଘଟିଛି ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମା ପଞ୍ଚାୟତସ୍ଥିତ ଆଖୁପଦର ଗ୍ରାମର ସମାଜସେବୀ ଶେଷଦେବ ବାରିକଙ୍କ କ୍ଷେତ୍ରରେ। ଶେଷଦେବ ବାରିକଙ୍କ ଯୁବ ବୟସରେ ଅକାଳ ମୃତ୍ୟୁ ଘଟିଛି। ଏହି ଅବସରରେ ସେ ତାଙ୍କର ଚକ୍ଷୁଦାନ କରିଛନ୍ତି। ତାଙ୍କ ପରିବାରର ସ୍ୱୀକୃତି ଥିବାରୁ ଭୁବନେଶ୍ୱରସ୍ଥିତ 'ଚକ୍ଷୁଦାନ ଆଇ ବ୍ୟାଙ୍କ'ର ଡାକ୍ତରଙ୍କ ସହାୟତାରେ ଏହି ଚକ୍ଷୁଦାନ କାର୍ଯ୍ୟ ସମ୍ପାଦନ କରାଯାଇଥିଲା ।ସ୍ୱର୍ଗତଃ ଶେଷଦେବଙ୍କ ମୃତ୍ୟୁରେ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଥିଲେ ହେଁ ତାଙ୍କର ଚକ୍ଷୁଦାନ ପାଇଁ ଶୁଭେଚ୍ଛୁମାନେ ପ୍ରଶଂସା କରିଛନ୍ତି ।

# ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ

କପ୍ତିପଦା (ମହାଭାରତ): ସାପ କାମୁଡ଼ାରେ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି ସୂଚନା ମୁତାବକ କପ୍ତିପଦା ବ୍ଲକ ରାଣୀପୋଖରୀ ପାଣ୍ଡୁ ସାହି ଗ୍ରାମର କେଦାର ବରି ଙ୍କ ସ୍ତ୍ରୀ ନନ୍ଦୀ ହୋ ୨୮ ତାରିଖ ରାତିରେ ଘରେ ଶୋଇଥିବା ସମୟରେ ରାତ୍ରି ପ୍ରାୟ ୯. ୩୦ ମିନିଟ ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେବାରୁ ସେ ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ ସକାଳ ୭ ଘଟିକା ସମୟରେ ଘର ଲୋକେ ତାଙ୍କୁ ପ୍ରଥମେ ଶରତ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ପରେ ଉଦଳା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ତେବେ ଶରତ ରେ ଏକ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଥିଲେବି ସେଠାରେ ପ୍ରାଥମିକ ଚିକିତ୍ସା ପାଇଁ ଉପଯୁକ୍ତ ସରଞ୍ଜାମ, ଉତ୍ତମାନର ସ୍ୱାସ୍ଥ୍ୟ ସେବା ଏବଂ ସାପ କାମୁଡା ପ୍ରତିଷେଧକ ଟୀକା ମିଳିପାରୁନାହିଁ, ଯାହାଦ୍ୱାରା ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଏହି ଶରତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଏବଂ ଉପଯୁକ୍ତ ଚିକିତ୍ସା ମିଳିପାରିଲେ ଲୋକମାନେ ମୃତ୍ୟୁବରଣ କରିବେ ନାହିଁ ବୋଲି ଜନସାଧାରଣରେ ଦାବି ହୋଇଛି ନନ୍ଦୀ ହୋ ର ଶବ ବ୍ୟବଚ୍ଛେଦ ପରେ ତାଙ୍କର ଘର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି, ଗାଁ ରେ ମୃତ ଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ ,(ମହାଭାରତ): ଆଜି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ତାଳଚେର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୧୬୮ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୩୭ଟି ବ୍ୟକ୍ତିଗତ ଓ ୩୧ଟି ଗ୍ରାମ୍ୟ ଭିତ୍ତୀକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଡି ଏସ୍ ପି ଶ୍ରୀ ବିରଞ୍ଚି ବାଗ, ତାଳଚେର ଉପଜିଲ୍ଲାପାଳ ଶ୍ରୀ ମନୋଜ କୁମାର ତ୍ରିପାଠୀ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିନ୍ମୟୀ ଚେତନା ଦାସଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ବିନା ସୁରକ୍ଷାବାଡ଼ରେ ଲାଗିଲା ଝାଉଁ, ଗ୍ରାମବାସୀ ଆଣିଲେ ଅଭିଯୋଗ

ଅସ୍ତରଙ୍ଗ, (ମହାଭାରତ): ଉପକୂଳ ଓଡିଶା ର ସୁରକ୍ଷା କବଚ ଜଙ୍ଗଲ, ପ୍ରତ୍ୟେକ ବର୍ଷ ଅସ୍ତରଙ୍ଗ ଉପକୂଳ ଜଙ୍ଗଲ ର ସୁରକ୍ଷା ପାଇଁ ସରକାର ଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିପରି ଜଙ୍ଗଲ ନିର୍ମାଣ ହେବ କିପରି ଏହାକୁ ସୁରକ୍ଷା ଦିଆଯିବ ତାହାକୁ ନେଇ ଜଙ୍ଗଲ ବିଭାଗ ତରଫରୁ ଅନେକ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କିନ୍ତୁ ଏଠି ଜଙ୍ଗଲ ନିର୍ମାଣ ନାମ ରେ ହେଉଛି ଅନେକ ଠକେଇ, ଛୋଟ ବଡ଼ ଅନେକ ଦୁର୍ନୀତି ଉପରେ ଉଚ୍ଚପଦସ୍ଥ ତଦନ୍ତ ଯଦି ହୁଅନ୍ତା ତାହେଲେ ଅସ୍ତରଙ୍ଗ ବନବିଭାଗ ରେ ଚାଲିଥିବା ଅନେକ ଦୁର୍ନୀତି ର ପର୍ଦ୍ଦାଫାଶ ହୋଇପାରନ୍ତା,ଏଠି ଯେଉଁ ଝାଉଁ ଗଛ ଗୁଡିକ ବିଭାଗ ନିୟମ ଅନୁସାରେ ନିର୍ଦ୍ଧାରିତ ସମୟ ହୋଇଥିବ ଉକ୍ତ



କାଠ ଗୁଡିକ ପୁରୀ ଶ୍ରୀ ଜଗନ୍ନାଥ ଙ୍କ ରୋଷଶାଳା ଓ ସ୍ୱର୍ଗଦ୍ୱାର କୁ ପଠାଯାଏ, ଉକ୍ତ ଖାଲି ସ୍ଥାନରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଯୋଜନା ଆରମ୍ଭ ହୁଏ ଆଉ ଝାଉଁ ବୃକ୍ଷ ରୋପଣ କରାଯାଏ, ଗଙ୍ଗାଦେବୀ ଉପକୂଳ ଅଞ୍ଚଳ ରେ ହେକ୍ଟର ହେକ୍ଟର ଜଙ୍ଗଲ ଜମି ରେ ନୂତନ ଝାଉଁ ବୃକ୍ଷ ରୋପଣ ହୋଇଛି ସତ କିନ୍ତୁ ବୃକ୍ଷ ଗୁଡିକ ର ସୁରକ୍ଷା ପାଇଁ କୌଣସି ସୁରକ୍ଷା ବାଡ଼ ଲଗାହୋଇନି, ଏ ନେଇ ସ୍ଥାନୀୟ ସଅନ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ ଅଭିଯୋଗ ଯେ ଜଙ୍ଗଲ ରେ ବୃକ୍ଷ ରୋପଣ ପୂର୍ବରୁ ଜଙ୍ଗଲ ସଫେଇ ହେବା ସହ ପ୍ରଥମେ ସୁରକ୍ଷା ବାଡ଼ କରାଯାଏ ଆଉ ତାପରେ ବୃକ୍ଷ ରୋପଣ ହୁଏ କିନ୍ତୁ ଇକୋ ଟୁରିଜିମ୍ ନିକଟରେ ଥିବା ଜଙ୍ଗଲ ରେ ଏଯାଏ କୌଣସି ସୁରକ୍ଷା ବାଡ଼ ଲଗାହୋଇନି କିପରି ବିଭାଗୀୟ ଅଧିକାରୀ ଖୋଲା ମେଲା ରେ ଝାଉଁ ବୃକ୍ଷ ରୋପଣ କରିଛନ୍ତି। ତେବେ ଏହି ବୃକ୍ଷ ର ସୁରକ୍ଷା କିପରି ସମ୍ଭବ, ବାସ୍ତବ ରେ ସରକାର ଙ୍କ ଅର୍ଥ କୁ ଉପଯୁକ୍ତ ପ୍ରକ୍ରିୟା ରେ ଖର୍ଚ୍ଚ କରାଯାଉନାହିଁ, ଏହା ଉପରେ ଉପରିସ୍ଥ ତଦନ୍ତ କରିବା ପାଇଁ ସଅନ ଗ୍ରାମ ର ଶରତ ବେହେରା, କାଳନ୍ଦୀ ସେଠି, ଅକ୍ଷୟ ସେନାପତି ମନୋଜ ନାୟକ ଓ ଅନେକ ଗ୍ରାମବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଜଙ୍ଗଲ ପରିବେଶ ବିଭାଗ କୁ ଅନୁରୋଧ କରିଛନ୍ତି, ତଦନ୍ତ ପରେ ବାସ୍ତବ ରେ ସୁରକ୍ଷା ବାଡ଼ କେତେ ଯୁକ୍ତିଯୁକ୍ତ ତାହା ସାମ୍ନା କୁ ଆସିବ ବୋଲି ବୁଦ୍ଧିଜୀବୀ ଆସ୍ଥା ପ୍ରକଟ କରିଛନ୍ତି ।

# ବିଧାୟକଙ୍କ ସବୁଜ କୋରେଇ ଅଭିଯାନ ପ୍ରସ୍ତୁତି ବୈଠକ

କୋରେଇ(ମହାଭାରତ): କୋରେଇର ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ ସବୁଜ କୋରେଇ ଅଭିଯାନ ଆସନ୍ତା ଅଗଷ୍ଟରୁ ଆରମ୍ଭ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ବିଧାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଏହି ମହତ ଅଭିଯାନର ପ୍ରସ୍ତୁତି ବୈଠକରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଦଳୀୟ କର୍ମୀ ଓ ନେତୃବୃନ୍ଦ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ ଶ୍ରୀ ଦାସନାୟକ କହିଥିଲେ; ବର୍ତ୍ତମାନ ସମୟର ଆହ୍ୱାନ ହେଉଛି ପରିବେଶକୁ ବଞ୍ଚାଇବା । ଏଥିଲାଗି ସବୁଠାରୁ ବଡ଼ ଉପାଦାନ ହେଉଛି




ଗଛରୋପଣ। ବର୍ତ୍ତମାନ ଚାରିପାଖରେ କୋଠାବାଡି, କଂକ୍ରିଟ ରାସ୍ତା ଏବଂ ଶିକ୍ଷାନୁଷ୍ଠାନ ପାଇଁ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ତାପମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷର ଏକ ପ୍ରମୁଖ ଭୂମିକା ରହିଛି। ଜଣେ ସୁସ୍ଥ ମଣିଷ ପାଇଁ ୧ ବର୍ଷରେ ପାଖାପାଖି ୭ କିଲୋ ଅମ୍ଳଜାନ ଦରକାର ଏବଂ ଏହି ଅମ୍ଳଜାନ ପାଇଁ ପାଖାପାଖି ୧୦ଟି ଗଛର ଆବଶ୍ୟକତା ଥାଏ। ଆମର ଉପର ପିଢୀଙ୍କ ପାଇଁ ଏକ ସୁସ୍ଥ ପରିବେଶ ଗଠନ କରିବା ଦିଗରେ ଗଛରୋପଣ କରିବା ଏବଂ ବୃକ୍ଷକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ପ୍ରକାଶ କରିବା ସହ ପୂର୍ବ ବର୍ଷମାନଙ୍କରେ ମିଶନ ସବୁଜ କୋରେଇ ଅଭିଯାନକୁ ଯେଉଁମାନେ ସୂଚାରୁ ରୂପେ ତୁଲାଇଥିଲେ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ଏଥିସହ 'ହାତ ମିଳେଇବା, ପାଦ ପକେଇବା ଓ ପୁରୁଣା ଘରକୁ ନୂଆ କରି ଗଢ଼ିବା, ଭଙ୍ଗାନିଡ଼କୁ ସଜାଡ଼ିବା, ସାରା କୋରେଇରେ ସବୁଜ ବଳୟ ସୃଷ୍ଟି କରିବା' ଏହା ହେଉ ଆମର ଲକ୍ଷ୍ୟ ବୋଲି ନାରା ଦେଇଥିଲେ।

# ଗ୍ରାମ କେନାଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କପ୍ତିପଦା -(ମହାଭାରତ ):କପ୍ତିପଦା -ଗ୍ରାମ କେନାଲ ରୁ ମିଳିଲା ବ୍ୟକ୍ତିଙ୍କ ମୃତଦେହ। ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଲା ପୋଲିସ। ଉଦଳା ଥାନା ଚୁଳିଆପୋଷି ଗ୍ରାମରେ ଥିବା କେନାଲରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଆଜି ସ୍ଥାନୀୟ ଲୋକେ ସକାଳୁ ଦେଖିବାକୁ ପାଇଥିଲେ। ପରେ ଏ ନେଇ ପୋଲିସ କୁ ଖବର ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି କେନାଲରୁ ମୃତଦେହ ଉଦ୍ଧାର କରିଥିଲା। ମୃତଦେହ ଉଦ୍ଧାର ହେବା ପରେ ମୃତକ ଜଣକ ସ୍ଥାନୀୟ ଥାନା ଉପରଖୁଣ୍ଟାପାଳ ଗ୍ରାମର ବାଦଲ ମହାକୁଡ଼ ବୋଲି ଜଣାଯାଇଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବାଦଲଙ୍କ ଘର ଉପର ଖୁଣ୍ଟାପାଳ ଗ୍ରାମରେ ହୋଇଥିବା ବେଳେ ଚୁଳିଆପୋଷି ଗ୍ରାମରେ ତାଙ୍କ ଶଳାଙ୍କ ଘର। ସେ ଗ୍ରାମକୁ ବୁଲିବାକୁ ଆସିଥିବା ବେଳେ ଏଭଳି ଅଘଟଣ ଘଟିଛିୟ କେମିତି ସେ କେନାଲରେ ପଡିଲେ ଏବଂ କେମିତି ତାଙ୍କର ମୃତ୍ୟୁ ହେଲା ତାହାର ଖୋଳତାଡ଼ କରୁଛି ପୋଲିସ।

# ଏମ.ସି.ଏଲ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ପ୍ରତିବାଦ

ଅନୁଗୋଳ ,(ମହାଭାରତ): ଭରତପୁର କୋଇଲାଖଣିର ଦୁଇ ବରିଷ୍ଠ କାର୍ଯ୍ୟରତ ଅଧିକାରୀ ଙ୍କୁ ଆକ୍ରମଣ ଏବଂ ଲଖନପୁର ଝାରସୁଗୁଡ଼ା କୋଇଲାଖଣିର କାର୍ଯ୍ୟରତ ମହାପ୍ରବନ୍ଧକ ସଂଜୟ ଝା ଙ୍କୁ ମାଡ଼ ପିଟି କରିବା ଏବଂ ଦୁଃବ୍ୟବହାର କରିବା ଘଟଣାରେ ନାଲକୋ ଅଫିସର ସଂଘ ଦୃଢ଼ନିନ୍ଦା କରିବା ସହ ନେସନାଲ କନ୍ ଫେଡ଼ରେସନ୍ ଅଫ୍ ଅଫିସର ଆସୋସିଏସନ ର ଉପାଧ୍ୟକ୍ଷ ବନମାଳୀ ସେଠୀ ଏହାକୁ ଦୃଢ଼ନିନ୍ଦା କରିଛନ୍ତି। ଓଡ଼ିଶା ଭଳି ଏକ ଶାନ୍ତି ପ୍ରିୟ ରାଜ୍ୟରେ ହିଂସା ସୃଷ୍ଟି କରିବା, ଆଦୌ ଗ୍ରହଣୀୟ ନୁହେଁ । ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ସମସ୍ତ ରାଷ୍ଟ୍ରୀୟତ ଉଦ୍ୟୋଗର ଅଧିକାରୀ ମାନଙ୍କୁ ନିରାପତ୍ତା ଏବଂ ସୁରକ୍ଷା ଯୋଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଛନ୍ତି ।

## ବାଲିଗୁଡା ନୂତନ ବସଷ୍ଟାଣ୍ଡ ନିର୍ମାଣ ଅନିଶ୍ଚିତତା ମଧ୍ୟରେ

# ପୁରୁଣା ବସଷ୍ଟାଣ୍ଡ ନ ଭାଗିଂବାକୁ ଆଦାଲତରୁ ଷ୍ଟେ ଅର୍ଡର ଆଣିଲା ବଣିକ ସଂଘ



କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲାରେ ବସଷ୍ଟାଣ୍ଡ ଗୁଡିକର ଆଧୁନିକରଣ, ଉନ୍ନତି ପାଇଁ ସରକାର ଦେଇଛନ୍ତି ଅନୁଦାନ ।କିନ୍ତୁ ଏହି ଅନୁଦାନ ଖର୍ଚ୍ଚ ହେବକି ଫେରିଯିବ ସନ୍ଦେହ ଘେରରେ ରହିଥିବା ଜଣାପଡିଛି ।ବାଲିଗୁଡା ଜନସାଧାରଣ ସିଟି ସ୍କୁଲ ନିକଟ ଦଣ୍ଡପଦର ଠାରେ ରହିଥିବା ବିରାଟକାୟ ସ୍ଥାନରେ ନୂତନ ବସଷ୍ଟାଣ୍ଡ ହେଲେ ଏହା ବାଲିଗୁଡା ଜନସାଧାରଣଙ୍କ ପାଇଁ ଉପଯୁକ୍ତ ସୁବିଧା ହୋଇପାରିବ ବୋଲି ବୁଦ୍ଧିଜିବି ମାନେ ମତ ରଖିଛନ୍ତି ।ବାଲିଗୁଡା ପୁରୁଣା ବସଷ୍ଟାଣ୍ଡ ବ୍ୟବସାୟୀ ସଂଘ ମଧ୍ୟ ପୁରୁଣା ବସଷ୍ଟାଣ୍ଡ କୁଞ୍ଜ୍‌ନ ଭଗାଂଯାଇ ଦଣ୍ଡପଦରର ସିଟି ସ୍କୁଲ ନିକଟରେ ଥିବା ବୃହତ୍ତ ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ହୋଉବୋଲି ଦାବୀକରିଛି ।ସେଥିପାଇଁ ପୁରୁଣା ବସଷ୍ଟାଣ୍ଡକୁ ନ ଭଗାଂଯିବାକୁ ବଣିକ ସଂଘ ପକ୍ଷରୁ ଆଦାଲତର ଆଶ୍ରୟ ନେଇ କୋର୍ଟରୁ ଷ୍ଟେ ଅର୍ଡର ଆଣିଥିବା ସୂଚନା ମିଳିଛି ।ଯେତେବେଳେ ବାଲିଗୁଡା ଜନସାଧାରଣ ଓ ପୁରୁଣା ବସଷ୍ଟାଣ୍ଡର ବଣିକ ସଂଘ ଏହି ପୁରୁଣା ବସଷ୍ଟାଣ୍ଡକୁ ନ ଭାଗିଂ ଦଣ୍ଡପଦର ଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ହୋଉବୋଲି ଚାହୁଁଛନ୍ତି କାହା ଚାପରେ ଚେପା ହୋଇଯାଇ ନିଜ ଜିଦରେ ଅଟଳ ଅଛି ପ୍ରଶାସନ ।ଏଠାରେ ବସଷ୍ଟାଣ୍ଡ ହେବ ବୋଲି ଏଠାରେ ଥିବା ପୁରୁଣା ନିଳଗିରି ଗଛକୁ ହାଣି ସେହି ସ୍ଥାନକୁ ସଫାକରି ତାରବାଡ ଦେଇଥିଲେ ପ୍ରଶାସନ କିନ୍ତୁ ଆଜି ସେହି ସ୍ଥାନରେ କାହିଁକି ବସଷ୍ଟାଣ୍ଡ କରାଯିବ ନାହିଁ ତାହା ଉପରେ ଉଠିଛି ପ୍ରଶ୍ନ ।ସମସ୍ତ ବିଷୟକୁ ଦୃଷ୍ଟିଦେଇ ଜନସାଧାରଣଙ୍କ ହିତ ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନିଜ ଆଭିମୁଖ୍ୟ ବଦଳାଇ ସିଟି ସ୍କୁଲ ନିକଟରେ ଥିବା ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରନ୍ତୁ ବୋଲି ଦାବୀ ହୋଉଛି ।ଅପର ପକ୍ଷରେ ଦେଖିଲେ ବାଲିଗୁଡା ସହରରେ ଦିନକୁ ଦିନ ଗାଡି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ଯାହାଫଳରେକି ପୁରୁଣା ବସଷ୍ଟାଣ୍ଡରେ ସେତିକି ପରିମାଣର ଜାଗା ନାହିଁ ,ବସ ଗୁଡିକ ବୁଲାଇବାକୁ ଅସୁବିଧା ସୃଷ୍ଟି ହୋଉଅଛି। ତେଣୁ ପ୍ରଶାସନ ନୂତନ ବସଷ୍ଟାଣ୍ଡ ନିର୍ମାଣ ଦଣ୍ଡପଦରର ନିକଟରେ କରିବାକୁ କହିଛନ୍ତି ବାଲିଗୁଡା ଜନସାଧାରଣ ।ତେଣୁ ନୂତନ ମୋହନ ସରକାର ଙ୍କ ପରିବହନ ମନ୍ତ୍ରୀ ଓ ସଚିବ ଏହା ଉପରେ ପୁନଃ ବିଚାର କରିବାକୁ ଦାବି କରିଛନ୍ତି ବାଲିଗୁଡାବାସୀ।

## ନୟାଗଡ଼ରେ ମାତିଛନ୍ତି ଗୋରୁ ମାଫିଆ

# ଛତିଶଗଡ଼ରୁ-ପଶ୍ଚିମବଙ୍ଗଙ୍କୁ ଲମ୍ୱିଛି ଚେର

ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ମାତିଛନ୍ତି ଗୋରୁ ମାଫିଆ। ଦୁଇ ଦିନରେ ଟାଉନ ଓ ସଦର ଥାନା ଦୁଇଟି ଗାଡ଼ି ଜବତ କରିଥିବା ବେଳେ ୧୦ଟି ମଇଁଷି ଜବତ କରିଛି। ସଦର ଥାନା ଜବତ କରିଥିବା ଗାଡ଼ିର ଚାଳକ ଓ ସେଥିରେ ଥିବା ଅନ୍ୟ ଯୁବକ ମାନେ ଫେରାର ହୋଇଯାଇଛନ୍ତି। ଫଳରେ ଗାଡ଼ିକୁ ଜବତ କରି ପୁଲିସ ଏହାର ମାଲିକଙ୍କ ନାଁରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନୟାଗଡ଼ର ଜଣେ ମାଫିଆ ହିଁ ଏହି କାର୍ଯ୍ୟ ଚଳାଇଥିବା ଜଣାପଡ଼ିଛି। ବାରମ୍ବାର ବିଭିନ୍ନ ଥାନାରେ ତା'ର ଗାଡ଼ି ଗୁଡ଼ିକ ଧରାପଡୁଥିଲେ ମଧ୍ୟ ତା' ଉପରେ କିଛି ଫରକ ପକାଉନାହିଁ। ମିଳିଥିବା ସୂଚନା ମୁତାବକ, ଗତ ସପ୍ତାହରେ ନୟାଗଡ଼ ସଦର ଥାନା ଗୋଟିଏ ଗୋରୁ ବୋଝେଇ ଗାଡ଼ି ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରିବା ସହିତ ୫ଟି ମଇଁଷିଙ୍କୁ ଉଦ୍ଧାର କରିଥିଲା। ଏହାର ଦୁଇ ଦିନ ପରେ ସଦର ଥାନା ପୁଲିସ ଆଉ ଏକ ଗାଡ଼ି ଜବତ କଲାୟ ନୟାଗଡ଼ ବରପଲ୍ଲୀ ଅଞ୍ଚଳର ଜଣେ ମାଫିଆ ପ୍ରଚ୍ଛଦପଟରେ ରହି ଏହି ଗାଡ଼ି ଗୁଡ଼ିକୁ ଚଳାଉଛି। ସେ ଦୀର୍ଘ ଦିନ ହେଲା ଏହି ବେପାରରେ ରହିଥିବା ଜଣାପଡ଼ିଛି। ଛତିଶଗଡ଼ରୁ ଗୋରୁ ଓ ମଇଁଷି ସଂଗ୍ରହ କରି ନୟାଗଡ଼କୁ ଆଣି ବିଭିନ୍ନ ସ୍ଥାନରେ ଲୁଚାଇ ରଖି ବ୍ୟବସାୟ କରୁଛି। ଏଠାରେ ପଶ୍ଚିମବଙ୍ଗର ବ୍ୟବସାୟୀ ମାନେ ପହଞ୍ଚି ଟଙ୍କା ଦେବା ପରେ ରାତାରାତି ଗୋରୁ ମାନଙ୍କୁ ଚାଲାଣ କରାଯାଉଛି। ସେମାନେ ସ୍ଥାନୀୟ ବିଭିନ୍ନ ଥାନା ଅଧିକାରୀଙ୍କୁ ହାତରେ ରଖି ଏପରି କାର୍ଯ୍ୟ ଚାଲୁ ରଖିଛନ୍ତି। ଯେତେବେଳେ ଏହି ବେପାରକୁ ବିରୋଧ କରୁଥିବା ଅନୁଷ୍ଠାନ ସବୁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ଗାଡ଼ି ଗୁଡ଼ିକୁ ଅଟକ ରଖି ଥାନାକୁ ଖବର ଦେଉଛନ୍ତି, ସେତେବେଳେ ହିଁ ସେମାନଙ୍କୁ ଗିରଫ କରାଯାଉଛି । ଗୋରୁ ମାନଙ୍କୁ ଉଦ୍ଧାର କରାଯାଉଛି। ଅନ୍ୟ ସମୟରେ କିନ୍ତୁ ଏହି ମାଫିଆ ମାନେ ବେଧଡ଼କ ଭାବେ ଗୋରୁ ବୋଝେଇ ଗାଡ଼ି ନେଇଚ୍ଛୁ ମାରୁଛନ୍ତି। ସବୁକିଛି ସମସ୍ତଙ୍କ ଜାଣତରେ ଚାଲିଥିବା ବେଳେ ଖାଲି ନାଁକୁ ମାତ୍ର ଏହି ଗିରଫଦାରୀ ଚାଲିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛ। ଗୋରୁ ମାନଙ୍କୁ ଏହି ମାଫିଆ ମାନେ ଯେମିତି ଢଙ୍ଗରେ ପିକ୍‌ଅପ୍ ଭ୍ୟାନ୍‌ରେ ଖୁନ୍ଦିଖାଦି ନେଉଛନ୍ତି, ଦେଖିଲେ ଯିଏ କେହି ବି ବିଚଳିତ ହୋଇପଡ଼ିବ। ଏହି କାରବାର କରୁଥିବା ମାଫିଆ ମାନେ ଆଦୌ ସାମ୍ନାକୁ ନ ଆସି, ଅନ୍ୟ ମାନଙ୍କ ଦ୍ୱାରା ଗୋରୁ ଗାଡ଼ି ଗୁଡ଼ିକୁ ପାର୍ କରାଉଛନ୍ତି। ଏମିତିକି ପୁଲିସ ଗିରଫ କରୁଥିବା ଗାଡ଼ି ଚାଳକ ହୁଅନ୍ତୁ ବା ସେମାନଙ୍କ ସହଯୋଗୀ ମାନଙ୍କୁ ଜାମିନରେ ଆଣି ପୁଣି ଥରେ ଏହି କାରବାରରେ ସାମିଲ୍ କରୁଛନ୍ତି। ପୁଲିସ ମଧ୍ୟ ଏହି ଘଟଣାକୁ ସେତେଟା ଗୁରୁତ୍ୱ ପ୍ରଦାନ କରୁନାହିଁ। ଖାଲି ଗିରଫ କରି ନିଜର କାମ ଶେଷ କରିଦେଉଛି। ପ୍ରକୃତରେ ସେମାନେ କେଉଁଠୁ ଏତେ ପରିମାଣରେ ଗୋରୁ ଆଣୁଛନ୍ତି ଓ କାହାକୁ ଦେଉଛନ୍ତି, ଏହାର ତଦନ୍ତ ହେଉନାହିଁ। ଏହାକୁ ନେଇ ପଶୁପ୍ରେମୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହେଉଛି। ଏସବୁ ଦିଗରେ ବରିଷ୍ଠ ପୁଲିସ ଅଧିକାରୀମାନେ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଆଦିବାସୀ ପାରମ୍ପାରିକ ମୁଖ୍ୟଙ୍କୁ ଭତ୍ତା ପ୍ରଦାନ ଓ ଅଲଚିକି ଅଧ୍ୟାପକ ନିଯୁକ୍ତି ନେଇ ରାଜ୍ୟପାଳଙ୍କୁ ଦାବି

**କରଞ୍ଜିଆ,(ମହାଭାରତ) :** ଓଡ଼ିଶାରେ ଆଦିବାସୀଙ୍କ ପାରମ୍ପାରିକ ବିଚାର ବ୍ୟବସ୍ଥା ମାଝୀ ପାରଗାନା, ମାନକି ମୁଣ୍ଡା, ପାହାଡି ପ୍ରଧାନି ଆଦି ବ୍ୟବସ୍ଥାକୁ ସ୍ୱୀକୃତି ଦେବା ସଙ୍ଗେସଙ୍ଗେ ପାରମ୍ପାରିକ ମୁଖ୍ୟଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଓଡ଼ିଶାରେ ସାନ୍ତାଳୀ, ହୋ ଓ ମୁଣ୍ଡାରୀ ଭାଷାକୁ ଦ୍ୱିତୀୟ ରାଜ୍ୟଭାଷା ଏବଂ ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ, ଏମ୍.ପି.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷା ପାଇଁ ନିୟମିତ ଅଧ୍ୟାପକ ପଦବୀ ସୃଷ୍ଟି କରିବା ଦାବୀରେ ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍(ମାରିସା) ପକ୍ଷରୁ ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ସୋମବାର ଦିନ ଓଡିଶାର ମହାମୋହିମ ରାଜ୍ୟପାଳ ଶ୍ରୀ ରଘୁବର ଦାସଙ୍କୁ ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଖୁବ୍ ଶୀଘ୍ର ଏ ଦିଗରେ ବିଚାର କରି ଦାବିଗୁଡିକ ପୂରଣ କରାଯିବବୋଲି ମହାମୋହିମ ରାଜ୍ୟପାଳ ପ୍ରତିଶୃତି ଦେଇଛନ୍ତି ବୋଲି ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ କହିଛନ୍ତି । ଓଡିଶାରେ ସ୍ମରଣାତୀତ କେଉଁ ଯୁଗରୁ ଆଦିବାସୀମାନେ ବସବାସକରି ଆସୁଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଓଡିଶାରେ ସ୍ୱତନ୍ତ୍ର ଭାଷା, ପ୍ରଥା, ପରମ୍ପରା ଓ ଧର୍ମୀୟ ବିଶ୍ୱାସ ସହ ୬୨ ପ୍ରକାରର



ଆଦିବାସୀମାନେ ଦେଖିବାକୁ ମିଳନ୍ତି ସେମାନଙ୍କ ମଧ୍ୟରୁ ସାନ୍ତାଳ, ହୋ ଓ ମୁଣ୍ଡାମାନେ ମୁଖ୍ୟ ଆଦିବାସୀ ଗୋଷ୍ଠୀ ଅଟନ୍ତି । ସେମାନେ ସାନ୍ତାଳୀ, ହୋ ଓ ମୁଣ୍ଡାରୀ ପରି ସ୍ୱତନ୍ତ୍ର ଭାଷା ବ୍ୟବହାର କରନ୍ତି। ସାନ୍ତାଳୀ ହେଉଛି ଏକମାତ୍ର ଭାଷା ଯାହା ସମ୍ବିଧାନର ଅଷ୍ଟମ ଅନୁସୂଚିରେ ୨୦୦୩-୦୪ରେ ଅନ୍ତର୍ଭୁକ୍ତ ହୋଇ ସ୍ୱୀକୃତି ଲାଭ କରିଛି । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧିନରେ ଥିବା ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ୨୦୦୫ରେ ମାନ୍ୟତା ଲାଭ କରିଛି । ଅନ୍ୟପକ୍ଷରେ ହୋ ଓ ମୁଣ୍ଡାରୀ ଭାଷା ଅଣସ୍ୱୀକୃତ ପ୍ରାପ୍ତ ଭାଷା ଅଟନ୍ତି । ଏହି ଭାଷା ଗୁଡିକର ଏବେ ମଧ୍ୟ ଉଲ୍ଲେଖନୀୟ ବିକାଶ ହୋଇପାରିନାହିଁ । ଏହି ଭାଷାଗୁଡିକର ସ୍ୱତନ୍ତ୍ର ଲିପି ରହିଛି ଓ ଏହି ଲିପି ଗୁଡିକ ଏହି ଭାଷା କହୁଥିବା ଲୋକଙ୍କ ମଧ୍ୟରେ ବ୍ୟାପକ ଭାବେ ଭଲ ପ୍ରସାର କରିନାହିଁ ଓ ଏହାର କାରଣ ହେଉଛି - ସରକାରଙ୍କ ପୃଷ୍ଟପୋଷକତାର ଅଭାବ, ସରକାରଙ୍କ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ନ ରହିବା ତଥା ବିଦ୍ୟାଳୟ , ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ପାଠ୍ୟକ୍ରମରେ ସାମିଲ ନ କରିବା ଇତ୍ୟାଦି । ଯଦିଓ ସାନ୍ତାଳୀ ଭାଷା ଓଡ଼ିଶାର କେତେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ପ୍ରଚଳନ କରାଯାଇଛି । କିନ୍ତୁ ଆବଶ୍ୟକ ଭିତ୍ତିଭୂମୀ ଯଥା- ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ଆବଶ୍ୟକ ସାନ୍ତାଳୀ ଅଧ୍ୟାପକ ନିଯୁକ୍ତି ଓ ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳରେ ଥିବା ମହାବିଦ୍ୟାଳୟ ଗୁଡିକରେ ସାମଗ୍ରିକଭାବେ ସାନ୍ତାଳ ଭାଷାର ପ୍ରଚଳନ ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଇନାହିଁ । ସାନ୍ତାଳୀ ଭାଷାପାଇଁ ନିୟମିତ ଶିକ୍ଷକ ପଦବୀ ଗୁଡିକ ମଧ୍ୟ ଏମ୍.ପି.ସି ସ୍ୱୟଂଶାସିତ ମହାବିଦ୍ୟାଳୟ,ବାରିପଦା ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦାରେ ବାରମ୍ବାର ଛାତ୍ରଛାତ୍ରୀ ତଥା ବିଭିନ୍ନ ସଂଗଠନ ଦ୍ୱାରା ଦାବୀସ୍ୱତ୍ତେ ସୃଷ୍ଟି କରାଯାଇନାହିଁ । ଏଣୁ ଓଡ଼ିଶାରେ ସାନ୍ତାଳୀ, ହୋ ଓ ମୁଣ୍ଡାରୀ ଭାଷାର ବିକାଶ ପାଇଁ ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ଏବଂ ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ ଆବଶ୍ୟକତା ଅଟେ । ଆଦିବାସୀଙ୍କ ପାରମ୍ପାରିକ ବିଚାର ବ୍ୟବସ୍ଥା ମାଝୀ ପାରଗାନା, ମାନକି ମୁଣ୍ଡା, ପାହାଡି ପ୍ରଧାନି ଆଦି ବ୍ୟବସ୍ଥାକୁ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ ପାରମ୍ପାରିକ ମୁଖ୍ୟଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରାଯାଉ ଦାବିମାନ ଅନ୍ତର୍ଭୁକ୍ତ । ୧୯୯୨ରେ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପରେ ପରେ ପଞ୍ଚାୟତରାଜ ବ୍ୟବସ୍ଥାରେ ଆଦିବାସୀମାନଙ୍କ ଏହି ବ୍ୟବସ୍ଥାକୁ ସ୍ୱୀକୃତି ଦେବାପାଇଁ ୧୯୯୬ ମସିହାରେ ପେସା ଅଧିନିୟମ ଜାରି ହୋଇଥିଲା । କେବଳ ବିଚାର ବ୍ୟବସ୍ଥା ନୁହେଁ ଗ୍ରାମରେ ଥିବା ଜଳ, ଜଙ୍ଗଲ, ଜମି, ଖଣି ଇତ୍ୟାଦି ପ୍ରାକୃତିକ ସମ୍ପଦର ମାଲିକାନାକୁ ମଧ୍ୟ ଏହି ପାଞ୍ଚ ପଞ୍ଚାୟତର ପାରମ୍ପରିକ ଗ୍ରାମସଭାକୁ ସ୍ଥାନାନ୍ତରିତ କରିବା ଉଦ୍ଦେଶ୍ୟ ରହିଛି । ଆଦିବାସୀ ପାରମ୍ପରିକ ମୁଖ୍ୟ ମାଝୀ-ପାରଗାନା,ମାନକୀ-ମୁଣ୍ଡା, ପାହାଡି-ପଧାନ ଇତ୍ୟାଦିକୁ ଆବଶ୍ୟକ ସ୍ୱୀକୃତି ଦେବାର ଉଦ୍ୟମ କରି ଝାଡଖଣ୍ଡ ସରକାର ତାଙ୍କ ପାଇଁ ଭତ୍ତା ଦେବାର ବନ୍ଦବସ୍ତ କରିଛନ୍ତି । ପେସା ଅଧିନୀୟମ ଅନୁଯାୟୀ ଆଗାମୀ ଦିନରେ ତାଙ୍କୁ ଅଧିକ କ୍ଷମତା ଦେବାପାଇଁ ଉଦ୍ୟମ ଚାଲିଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଓଡିଶା ସରକାର ଏହି ପାରମ୍ପରିକ ବିଚାର ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାପାଇଁ ଅଧାବଧି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏଥିରେ ମାରିସାର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସହ ମୟୂରଭଞ୍ଜ ଜିଲ୍ଲା ଯୁବ ସଭାପତି ତୋଫାନ୍ ହେମ୍ବ୍ରମ୍ ଓ ଉପସଭାପତି ରବିନ୍ଦ୍ର ମାର୍ଣ୍ଡି, ମୟୂରଭଞ୍ଜ ଜିଲ୍ଲା ଛାତ୍ର ସମ୍ପାଦକ ଅରବିନ୍ଦ ଟୁଡୁ ସାମିଲଥିଲେ ।

# ଟାଟା ଷ୍ଟିଲ୍ ପକ୍ଷରୁ ଭାରତ ରତ୍ନ ଜେଆରଡି ଟାଟାଙ୍କ ଜୟନ୍ତୀ ପାଳିତ



**ଯୋଡ଼ା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଯୋଡ଼ା ଟାଟା ଷ୍ଟିଲ୍ ପକ୍ଷରୁ, ଭାରତ ରତ୍ନ ଜେହାଙ୍ଗୀର ରତନଜୀ ଦାଦାଭୋୟ (ଜେ ଆର ଡି) ଟାଟା ଙ୍କ ୧୨୦ ତମ ଜୟନ୍ତୀ ସୋମବାର ଯୋଡା ଠାରେ ପାଳନ କରାଯାଇଛି ।ଏହି ସମାରୋହରେ, ଜେସିଓ ଠାରେ କମ୍ପାନୀ ର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ୍ ପ୍ରତିନିଧିଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ ଯୋଡ଼ାର ମୁଖ୍ୟ ରାଜେଶ କୁମାର ଏହି କିଦମ୍ବନ୍ତୀ ବ୍ୟକ୍ତିତ୍ୱ ତଥା ଭାରତୀୟ ବିମାନ ଚଳାଚଳ କ୍ଷେତ୍ରର ଜନକଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ଜୟନ୍ତୀ ପାଳନର ଶୁଭାରମ୍ଭ କରିଥିଲେ। ସେହିପରି, ଯୋଡ଼ା ଇଷ୍ଟ୍ ଖଣି, ଖଣ୍ଡବନ୍ଧ ଖଣି, ମାଙ୍ଗାନିଜ୍ ଗ୍ରୁପ୍ ଅଫ୍ ମାଇନ୍ସ୍, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ, ବିଛାକୁଣ୍ଡି, ନୀଳାଚଳ ମାଇନ୍ସ ଅଫିସଓ ଯୋଡ଼ା ଫେରୋ ଆଲଏଜ୍ କାରଖାନାରେ ମଧ୍ୟ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଦିବସକୁ ପାଳନ କରିବା ଲାଗି କଂପାନିର ଅନ୍ୟ କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ଚାରା ରୋପଣ, କୁଇଜ୍ ପ୍ରତିଯୋଗିତା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ



**ଭବାନୀପାଟଣା,(ମହାଭାରତ) :** କଳମପୁର ବ୍ଲକସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୧୪୩ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୨୫ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୧୦ଟି ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଥିଲା।

# ସଇଡା ଗ୍ରାମ ପଞ୍ଚାୟତରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଦେବଗଡ଼,(ମହାଭାରତ) :** ସୋମବାର ଦିନ ଦେବଗଡ ଜିଲ୍ଲା, ବାରକୋଟ ବ୍ଲକ୍ ସଇଡା ଗ୍ରାମ ପଞ୍ଚାୟତର ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଆସିଥିବା ୮୮ ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକୀୟ ପଦକ୍ଷେପ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣୀ ଶିବିରରେ ୭୫ ଟି ବ୍ୟକ୍ତିଗତ ସମସ୍ୟା ଏବଂ ୧୩ ଟି ସାମୁହିକ ସମସ୍ୟା ରହିଥିଲା। ରାସ୍ତା ମରାମତି, ବିଦ୍ୟୁତ୍ ସମସ୍ୟା, ଶିକ୍ଷକ ନିଯୁକ୍ତି, ପ୍ରଧାନମନ୍ତ୍ରୀ ଆବାସିକ ଗୃହ, ୦.୦୪ ଜମିର ପଟ୍ଟା,



ରାସନ୍ କାର୍ଡ, ପାଇଖାନା, ଜନସାଧାରଣ ମାନେ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଗୁଡ଼ିକ ଶୁଣିବା ପରେ ଏଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ସଂପୃକ୍ତ ବିଭାଗ ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ଅନୁପମା ଜେମସ୍, ବନଖଣ୍ଡ ଅଧିକାରୀ ମଗରଧନାଜୀ ରାଓସ୍ୱ,ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ତହସିଲଦାର ବବ୍ରୁବାହାନ ଦତ୍ତ,ଡେପୁଟୀ କଲେକ୍ଟର ଅଞ୍ଜୁନି କୁଜୁର ଓ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ପୂର୍ବତନ କ୍ରୀଡା ଶିକ୍ଷକ ନକୁଳ ବେହେରାଙ୍କ ପରଲୋକ

**ପାରାଦୀପ,(ମହାଭାରତ) :** ପାରାଦୀପ ଅଞ୍ଚଳର ଜଣାଶୁଣା ଭଲିବଲ୍ ଖେଳାଳୀ ତଥା ବେଥାନୀ କନ୍‌ଭେଣ୍ଟ ସ୍କୁଲର ପୂର୍ବତନ କ୍ରୀଡା ଶିକ୍ଷକ ନକୁଳ ଚରଣ ବେହେରା ଙ୍କର ସୋମବାର ଭୋର ଚାରି ଘଣ୍ଟିକା ସମୟରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଯାଇଛି । ସେ ପ୍ରାୟ ପନ୍ଦରଦିନ ହେବ ମୃତ୍ୟୁ ସହ ସଂଘର୍ଷ କରୁଥିଲେ । ସେ ରକ୍ତଚାପ , ହୃଦ୍‌ଘାତ ଭଳି ଅନେକ ରୋଗରେ ପିଡିତ ଥିଲେ। ସେ ଜଣେ ଜାତୀୟ ଭଲିବଲ୍ ଖେଳାଳୀ ଓ ରେଫରି ମଧ୍ୟ ଥିଲେ। ଦିର୍ଘ ଚାଳିଶ ବର୍ଷରୁ ଉର୍ଦ୍ଧ୍ୱ ସେ ପାରାଦ୍ୱୀପର ବେଥାନି କନ୍‌ଭେଣ୍ଟ ସ୍କୁଲର କ୍ରୀଡା ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ସୋମବାର ଅପରାହ୍ନ ରେ



ଗୋପବନ୍ଧୁ ଷ୍ଟାଡିୟମ ଠାରେ ପାରାଦ୍ୱୀପ ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ଏକ ଶୋକ ସଭା କରାଯାଇ ଅମର ଆତ୍ମାର ସଦଗତି ନିମନ୍ତେ କାମନା କରାଯାଇଥିଲା । ଏଥିରେ ଗୋପବନ୍ଧୁ କ୍ରୀଡା ସଂସଦ ର କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ,ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ପୂର୍ବତନ ଭଲିବଲ ଖେଳାଳୀ ତଥା ବରିଷ୍ଠ ପ୍ରଶିକ୍ଷକ ସଞ୍ଜୟ କୁମାର ଦାସ, ଧ୍ରୁବ ଚନ୍ଦ୍ର ତରାଇ,ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ,ଦୀପକ ଦାସ, କାଳନ୍ଦୀ ଚରଣ ନାଥ, ଅଜିତ ଦାସଙ୍କ ସମେତ ଅନେକ କ୍ରୀଡ଼ାବିତ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ଗଭୀର ଶୋକ ପ୍ରକାଶ କରିବା ସହିତ ଅମର ଆତ୍ମାର ଶଦଗତି ନିମନ୍ତେ କାମନା କରିଥିଲେ। ସେହିପରି ବେଥାନୀ କନଭେଣ୍ଟ ସ୍କୁଲ ରେ ସ୍ୱର୍ଗତ ବେହେରାଙ୍କ ଉଦ୍ଦେଶ୍ୟରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍କୁଲ ର ଅଧକ୍ଷ ଫାଦର ସୁନୀଲ ଲାକ୍ରା, ଉପାଧକ୍ଷା ସିଷ୍ଟର ଅନୁଜ୍ୟୋତି, ଶିକ୍ଷୟିତ୍ରୀ ମୋନି ଲାଲ, ଜୋଛନା ଦାସ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ମାନେ ସ୍ୱତନ୍ତ୍ର ପ୍ରାର୍ଥନା ସଭାରେ ଉପସ୍ଥିତ ରହି ଦିବଗନ୍ତ ଆତ୍ମାର ସଦଗତି କାମନା କରିଥିଲେ।

# ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଭେଟିଲେ ବନ୍ଦର ଡିଏଲଆର କର୍ମଚାରୀ

**ପାରାଦୀପ,(ମହାଭାରତ) :** ପାରାଦୀପ ବନ୍ଦରରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଡିଏଲଆର କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ଓ ଦାବୀ ଅଦ୍ୟାବଧି ପୂରଣ ହୋଇପାରିନାହିଁ । ତେବେ ଗତ ୨୮ ତାରିଖ ରବିବାର ଦିନ ଡିଏଲଆର ସଂଘର ବହୁ ସଦସ୍ୟ ପାରାଦ୍ୱୀପ ସର୍କିଟ ହାଉସ ଠାରେ ପାରାଦ୍ୱୀପ ର ବିଧାୟକ ତଥା ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରି ଦାବିପତ୍ର ଦେବାସହ ସେ ସମ୍ପର୍କରେ ଆଲୋଚନା କରିଥିଲେ । ମାନ୍ୟବର ମନ୍ତ୍ରୀ ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ ହେଲାପରେ ସମସ୍ତ ଡିଏଲଆର



କର୍ମଚାରୀଙ୍କୁ ଏକାଠି ହୋଇ ଅସଜଡ଼ା ଡିଏଲଆର ସଙ୍ଘକୁ ସଜାଡି ନୂତନ କମିଟି କରି ସଙ୍ଘ ମାଧ୍ୟମରେ ସମସ୍ତ ଦାବିକୁ ଉପସ୍ଥାପନ କଲେ ସେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ଦୃଢ଼ ପ୍ରତିଶୃତି ଦେଇଥିଲେ । ସେ କହିଥିଲେ ଯେ ଡିଏଲଆର ଶ୍ରମିକ ମାନଙ୍କ ସହଯୋଗରେ ପାରାଦୀପ ବନ୍ଦର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଉଛି । ତେଣୁ ବନ୍ଦର କର୍ତୃପକ୍ଷଙ୍କ ସହ ଆଲୋଚନା କରି ଡିଏଲଆର ମାନଙ୍କ ସମସ୍ୟା ନିଶ୍ଚିତ ଭାବରେ ସମାଧାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ସାକ୍ଷାତ ଆଲୋଚନାରେ ଡିଏଲଆର ସଂଘର ଧର୍ମେସ୍ୱର ସାହୁ, ସୁରେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ କୁମାର ମିଶ୍ର, ସୁମନ୍ତ କୁମାର ସ୍ୱାଇଁ, ନୃସିଂହ ଚରଣ ଦାସ, ଅକ୍ଷୟ ପରିଡା, ଶରତ ଚନ୍ଦ୍ର ଦାସ, ନରେଶ ସାହୁ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଗଙ୍ଗାଧର ସାହୁ, ଲକ୍ଷ୍ମୀଧର ମଲ୍ଲିକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନ ଅଭିଯୋଗ

**ଯାଜପୁର,(ମହାଭାରତ) :** ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ନିଖିଲ ପବନ କଲ୍ୟାଣ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭିନିତ୍ ଅଗ୍ରୱାଲ,ଜାଜପୁରଙ୍କ ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଯାଇଅଛି ।ଉକ୍ତ ଶିବିରରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ନିଖିଲ ପବନ କଲ୍ୟାଣ ଯୋଗଦେଇ କହିଲେ ଯେ ରାଜ୍ୟ ସରକାରଙ୍କ ଜନ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଏକ ସୁଦୂର ପ୍ରସାରି କାର୍ଯ୍ୟ କ୍ରମ ଯେଉଁଥିରେ ଜନସାଧାରଣ ବହୁଳ ମାତ୍ରାରେ ସରକାରଙ୍କର ବିଭିନ୍ନ ଯୋଜନାର ସଫଳ ଫାଇଦା ପାଇ ପାରୁଛନ୍ତି । ପ୍ରଶାସନ ଲୋକ ମାନଙ୍କ ନିକଟତର ହୋଇ ସେମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଜନଶୁଣାଣୀ ଶିବିର ମାଧ୍ୟମରେ ସମାଧାନ କରି ସେମାନଙ୍କୁ ତ୍ୱରିତ ସେବା ଯୋଗାଇଦେବା ଏବଂ ମହିଳା ମାନଙ୍କୁ ସଶକ୍ତି କରଣ କରିବା ମୂଳ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ପ୍ରକାଶ କରିବାସହ ବିଭାଗୀୟ ଅଧିକାରୀ ମାନଙ୍କୁ ପଠାଯାଉଥିବା ଦରଖାସ୍ତ ଗୁଡ଼ିକୁ ସଂପୃକ୍ତ ଅଧିକାରୀ ମାନେ ବିଳମ୍ବ ନକରି ଆପତ୍ତି ଅଭିଯୋଗ ଗୁଡ଼ିକର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାସହ କୌଣସି ଅଧିକାରୀଙ୍କ ନିକଟରେ ଯେଭଳି ଗୋଟିଏ ଅଭିଯୋଗ ସମାଧାନରେ ବିଳମ୍ବ ନ



ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗ ନଗର ଶ୍ରୀ ଲଙ୍କେଶ୍ୱର ଅମାତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଯାଜପୁର ଶ୍ରୀ ଅଶୋକ କୁମାର ବେହୁରିଆ ,ବି ଡି ଓ, ସୁକିନ୍ଦା ଶ୍ରୀ ଅଭିଷେକ ସ୍ୱାଇଁ, ତହସିଲଦାର ସୁକିନ୍ଦା ସୁଶ୍ରୀ ଦମୟନ୍ତୀ ସାହୁ , ସହକାରୀ ଜିଲ୍ଲାପାଳ, ସାଧାରଣ ଓ ବିବିଧ ଶ୍ରୀ ଅଶୋକ କୁମାର ବେହେରା ମଞ୍ଚା ସୀନ ଥିଲେ। ଆଜିର ଅଭିଯୋଗ ପ୍ରକୋଷ୍ଟରେ ମୋଟ ୮୦ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ୩୦ ଗୋଟି ଅଭିଯୋଗ, ସମୂହ ୭ ଗୋଟି ଅଭିଯୋଗ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ଜନିତ ୨୩ ଗୋଟି ଅଭିଯୋଗ, ରେଡକ୍ରସ ପାଣ୍ଠିରୁ ସାହାଯ୍ୟ ନିମନ୍ତେ ୨୦ ଗୋଟି ଅଭିଯୋଗ ଆସିଥିଲା । ୪୩ ଗୋଟି ବିଭିନ୍ନ ଅଭିଯୋଗର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଜନଶୁଣାଣୀ ଶିବିରରେ ତତ୍କାଳୀନ ସମାଧାନ କରିଥିଲେ। ୯ ଜଣ ଅଭିଯୋଗ କାରୀ ଆଜି ଅଭିଯୋଗ ପ୍ରକୋଷ୍ଟରେ ଅନୁପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ମହାରଣା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସବିତା ଚ୍ୟାଉ ପଟ୍ଟନାୟକ,ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନିବେଦିତା ପାଣି, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ମହାନ୍ତି,, ଅଧିକ୍ଷଣ ଯନ୍ତ୍ରୀ, ଜଳନିଷ୍କାସନ ଖଣ୍ଡ ଦିଲ୍ଲୀପ ନନ୍ଦନ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଅରୁଣ କୁମାର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ରବୀନ୍ଦ୍ର କୁମାର ବେହେରା,ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ବେହେରା, ଅବକାରୀ ଅଧିକ୍ଷକ ଶ୍ରୀ ଅମରେନ୍ଦ୍ର ଜେନା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ କର, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ଶ୍ରୀ ପ୍ରଦୀପ କୁମାର ପଟ୍ଟନାୟକ , ଅବକାରୀ ଅଧିକ୍ଷକ ଶ୍ରୀ ଅମରେନ୍ଦ୍ର କୁମାର ଜେନା,ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟର ଯନ୍ତ୍ରୀ ମାନେ ଯୋଗଦେଇ ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସହଯୋଗ ପ୍ରଦାନ କରିଥିଲେ।

# ତେନ୍ତୁଳିଖୁଣ୍ଟି ମୁଖ୍ୟ ରାସ୍ତା ଅତି ଶୋଚନୀୟ ଅବସ୍ଥା



**ଜୁନାଗଡ଼,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚାରଭାଟି ତେନ୍ତୁଳିଖୁଣ୍ଟି ମୁଖ୍ୟ ରାସ୍ତା ଅତି ଶୋଚନୀୟ ଅବସ୍ଥା ଥିବା ଦେଖିବାକୁ ମିଳିଛି। ଚାରଭାଟି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରୁ ତେନ୍ତୁଳିଖୁଣ୍ଟି ଚାରି ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଗତ କେଇମାସ ତଳେ ନିର୍ମାଣ କାର୍ଯ୍ୟ କର୍ଯାଇଥିଲା, ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ ସହ ବେପରୁଆ ସମ୍ପାଦନା ଯୋଗୁଁ ରାସ୍ତା ଲୋକଙ୍କ ସୁବିଧା କରିବା ବଦଳରେ ଖାଲ ଖମାରେ ଅସୁବିଧା ସୃଷ୍ଟି କରୁଛି । କେନାଲ ଠାରୁ ଗାଁକୁ ଆସୁଥିବା ଗ୍ରାମ ରାସ୍ତା ମଧ୍ଯ ଆଣ୍ଠୁଏ କାଦୁଅ ଯୋଗୁଁ ଲୋକେ ବିଭିନ୍ନ ପ୍ରକାର ହଇରାଣ ହେବା ସହ ନିଜ ଚାଷ ଜମିକୁ ହଲ ନଗଲ ନେବା ସହ ସମସ୍ୟା ଭୋଗୁଛନ୍ତି । ଚାରଭାଟି ଗ୍ରାମ ପଂଚାୟତର ସରପଂଚ ନିଜେ ତେନ୍ତୁଳିଖୁଣ୍ଟି ଗ୍ରାମ ବାସିନ୍ଦା ହୋଇଥିବା ବେଳେ ସଂପୃକ୍ତ ଗ୍ରାମର ମୁଖ୍ୟ ରାସ୍ତା ଓ ଗ୍ରାମ୍ୟ ରାସ୍ତାର ହାଲ ବେହାଲ ହୋଇଥିବା ଯୋଗୁଁ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏନେଇ ଯଥା ଶୀଘ୍ର ଏହି ରାସ୍ତାର ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନକୁ ଦାବି କରିଛନ୍ତି।

# ଶେଷ ମିନିଟରେ ଗୋଲ କରି ମ୍ୟାଚ୍ ଡ୍ର ରଖିଲା ଭାରତୀୟ ହକି ଟିମ

**ପ୍ୟାରିସ, ୨୯।୭(ଏଜେନ୍ସି):** କଡ଼ା ସଂଘର୍ଷ କରି ଭାରତୀୟ ପୁରୁଷ ହକି ଟିମ ଆର୍ଜେଣ୍ଟିନା ସହ ମ୍ୟାଚ୍ ଡ୍ର ରଖିବାକୁ ସକ୍ଷମ ହୋଇଛି। ଆରମ୍ଭରୁ ୦-୧ରେ ପଛରେ ପଡ଼ିଥିବା ଭାରତୀୟ ହକି ଟିମ ଶେଷ ମିନିଟରେ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ସ୍ଥିତି ୧-୧ କରିବାକୁ ସକ୍ଷମ ହୋଇଛି। ଏଥିସହ ପ୍ୟାରିସ ଅଲିମ୍ପିକ୍ସରେ ଆଗକୁ ଯିବା ପାଇଁ ଆଶା ଉଜ୍ଜୀବିତ ରଖିଛି।



ପ୍ରଥମେ ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡକୁ ୩-୨ରେ ହରାଇଥିବା ଭାରତୀୟ ଟିମକୁ ଆର୍ଜେଣ୍ଟିନା ଟିମ ଆଜି ପାଣି ପିଆଇ ଦେଇଥିଲା। ଭାରତ ପାଖରେ ବଲ ପୋଜିସନ ଅଧିକ ରହିଥିଲେ ହେଁ ଆର୍ଜେଣ୍ଟିନା ସୁଯୋଗ ପାଇବା ମାତ୍ରେ କାଉଣ୍ଟର ଆଟାକ କରିବାକୁ ପଛାଇ ନଥିଲା। ଏପରି ସ୍ଥିତିରେ ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା।

ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନାକୁ ଘନଘନ ପେନାଲ୍ଟି କର୍ଣ୍ଣର ମିଳିଥିଲା। କିନ୍ତୁ ଏହାକୁ ଦଳ ଗୋଲରେ ପରିଣତ କରିପାରି ନଥିଲା ତଥାପି ଆର୍ଜେଣ୍ଟିନା ଭାରତୀୟ ଖେଳାଳିଙ୍କ ଉପରେ ଚାପ ପକାଇ ଚାଲିଥିଲା। ଏହାର ଫାଇଦା ଦଳକୁ ୨୨ତମ ମିନିଟରେ ମିଳିଥିଲା। ଦଳର ଷ୍ଟାର ଖେଳାଳି ଲୁକାସ ମାର୍ଟିନେଜ ୨୨ତମ ମିନିଟରେ ଫିଲ୍ଡ ଗୋଲ କରି ଆର୍ଜେଣ୍ଟିନାକୁ ୧-୦ରେ ଆଗୁଆ କରି ଦେଇଥିଲେ। ସ୍ଥିତି ବରାବର କରିବାକୁ ଭାରତ ଚେଷ୍ଟା କରିଥିଲେ ହେଁ କୌଣସି ସୁଫଳ ମିଳି ନଥିଲା ବରଂ ଆର୍ଜେଣ୍ଟିନାକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା ତଥାପି ମାର୍ଟିନେଜ ଏହାକୁ ଗୋଲରେ ପରିଣତ କରି ପାରିଥିଲେ ତୃତୀୟ କ୍ୱାର୍ଟର ସୁଦ୍ଧା ମ୍ୟାଚ୍ ଆର୍ଜେଣ୍ଟିନା ସପକ୍ଷରେ ରହିଥିଲା। ୪ର୍ଥ କ୍ୱାର୍ଟରର ପ୍ରଥମ ୧୦ ମିନିଟ ମଧ୍ୟ ଭାରତ କୌଣସି ଛାପ ଛାଡ଼ିବାକୁ ସକ୍ଷମ ହୋଇ ନଥିଲା। ମ୍ୟାଚ୍ ଶେଷ ହେବାକୁ ପ୍ରାୟ ୪ ମିନିଟ ସମୟ ଥିବା ବେଳେ ଭାରତ ଗୋଲ କିପର ଶ୍ରୀଜେଶଙ୍କୁ ବାହାର କରି ଅତିରିକ୍ତ ଖେଳାଳିଙ୍କୁ ମିଡ ଫିଲ୍ଡକୁ ଛାଡ଼ି ଥିଲା ତଥାପି ଭାରତୀୟ ଖେଳାଳି ଆର୍ଜେଣ୍ଟିନାର ଡିଫେନ୍ସକୁ ଭେଦ କରି ପାରି ନଥିଲେ।

ଏସବୁ ଭିତରେ ଆସିଥିଲା ବଡ଼ ଟ୍ୱିଷ୍ଟ ମ୍ୟାଚ୍ ସରିବାକୁ ୧ ମିନିଟ ଥିବା ବେଳେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣର ପ୍ରଥମ ୩ଟି ପ୍ରୟାସରେ ଅଧିନାୟକ ହରମନପ୍ରୀତ ସିଂହ ଏହାକୁ ଗୋଲରେ ପରିଣତ କରି ପାରି ନଥିଲେ। କିନ୍ତୁ ୪ର୍ଥ ପ୍ରୟାସରେ ସେ ଗୋଲ କରି ଭାରତକୁ ଏକ ନିଶ୍ଚିତ ପରାଜୟରୁ ଉଦ୍ଧାର କରିଥିଲେ। ଶେଷରେ ମ୍ୟାଚ୍ ୧-୧ରେ ଶେଷ ହୋଇଥିଲା ଭାରତ ମଧ୍ୟ ହାରୁ ହାରୁ ମ୍ୟାଚ୍‌କୁ ଆର୍ଜେଣ୍ଟିନା ସହ ଡ୍ର ରଖିବାକୁ ସକ୍ଷମ ହୋଇଥିଲା।

## ୨୦୨୫ ଓ ୨୦୨୭ରେ ଭାରତରେ ଏସିଆ କପ୍

କୋଲକାତା, ୨୯।୭: ଟି-୨୦ ବିଶ୍ୱକପ ପରେ ଦେଶରେ କ୍ରିକେଟ୍‌ର ରୋମାଞ୍ଚ ଜାରି ରହିଛି। ସମ୍ପ୍ରତି ଟିମ୍ ଇଣ୍ଡିଆ ଶ୍ରୀଲଙ୍କା ଗସ୍ତରେ ଅଛି। ଦଳ ସେଠାରେ ଟି-୨୦ ଏବଂ ଏକଦିବସୀୟ ସିରିଜ୍ ଖେଳୁଛି। ଆସନ୍ତାବର୍ଷ ଫେବୃଆରୀରେ ଏକଦିବସୀୟ ଚାମ୍ପିଅନ୍ସ ଟ୍ରଫି ମଧ୍ୟ ଆୟୋଜିତ ହେବ ଏ ସମ୍ପର୍କରେ ପାକିସ୍ତାନରେ ପ୍ରସ୍ତୁତି ଚାଲିଛି। ଏହି ସମୟରେ, ଆସନ୍ତା ୨୦୨୫ ବର୍ଷରେ ହେବାକୁ ଥିବା ଏସିଆ କପ୍ ଏବଂ ୨୦୨୭ରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ବିଷୟରେ ଏକ ବଡ଼ ଅପଡେଟ୍ ଆସିଛି।

ମିଡିଆ ରିପୋର୍ଟ ଅନୁଯାୟୀ, ଏସିଆ କପ୍ ୨୦୨୫ ଭାରତ ଦ୍ୱାରା ଆୟୋଜିତ ହେବ। ୩୪ ବର୍ଷ ପରେ ଭାରତ ପୁଣି ଏହା ଆୟୋଜନ କରିବ ୧୯୯୦-୯୧ରେ ଭାରତ ଏସିଆ କପ୍ ଆୟୋଜନ କରିଥିଲା। ଏହା ଟି-୨୦ ଫର୍ମାଟରେ ହେବ ସେହିପରି ବାଂଲାଦେଶ ୨୦୨୭ ଏସିଆ କପ୍ ଆୟୋଜନ କରିବ। ଯାହା ଏକଦିବସୀୟ ଫର୍ମାଟରେ ହେବ ଏସୀୟ କ୍ରିକେଟ୍ ପରିଷଦ (ଏସିସି) ଦ୍ୱାରା ଜାରି କରାଯାଇଥିବା ଏକ ତଥ୍ୟ ଏହି ରିପୋର୍ଟରେ ଦର୍ଶାଯାଇଛି।

ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ଏସିସି ପ୍ରାୟୋଜକ ଅଧିକାର ପାଇଁ ଆବେଦନକୁ ଆମନ୍ତ୍ରଣ କରିଛନ୍ତି। ଏସିଆ କପ୍‌ର ୨୦୨୩ ସଂସ୍କରଣ ମିଳିତ ଭାବେ ପାକିସ୍ତାନ ଏବଂ ଶ୍ରୀଲଙ୍କା ଦ୍ୱାରା ଆୟୋଜିତ ହୋଇଥିଲା। ସେହି ସମୟରେ ଭାରତ ପାକିସ୍ତାନ ଯିବାକୁ ମନା କରିଦେଇଥିଲା। ତେଣୁ ଶ୍ରୀଲଙ୍କାରେ ଭାରତର ସମସ୍ତ ମ୍ୟାଚ୍ ଖେଳାଯାଇଥିଲା। ଏହା ଏକଦିବସୀୟ ଫର୍ମାଟରେ ଅନୁଷ୍ଠିତ ହୋଇଥିଲା। ରିପୋର୍ଟ ଅନୁଯାୟୀ, ଏସିଆ କପ୍ ୨୦୨୫ ଏବଂ ୨୦୨୭ ସଂସ୍କରଣ ସମୟରେ ଏହି ଟୁର୍ନାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିବେ। ଭାରତ ସହିତ ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ଆଫଗାନିସ୍ତାନର ଦଳ ଏଥିରେ ଅଂଶଗ୍ରହଣ କରିବେ। ଷଷ୍ଠ ଦଳ ଯୋଗ୍ୟତା ଇଭେଣ୍ଟ ମାଧ୍ୟମରେ ନିଷ୍ପତ୍ତି ନିଆଯିବ। ଉଭୟ ଟୁର୍ନାମେଣ୍ଟରେ ୧୩ ଟି ମ୍ୟାଚ୍ ହେବ। ଏଥି ସହିତ ମହିଳା ଏସିଆ କପ୍ ସମ୍ବନ୍ଧରେ ଏକ ଅପଡେଟ୍ ମଧ୍ୟ ରିପୋର୍ଟରେ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଆଗାମୀ ମହିଳା ଏସିଆ କପ୍ ସମୟରେ ୧୫ଟି ମ୍ୟାଚ୍ ହେବ। ଏହା ମଧ୍ୟ ଟି-୨୦ ଫର୍ମାଟରେ ଖେଳାଯିବ। ଏହା ୨୦୨୬ରେ ହେବ ଅନ୍ୟପକ୍ଷରେ ଅଣ୍ଡର-୧୯ ଏସିଆ କପ୍ ସମ୍ବନ୍ଧୀୟ ସୂଚନା ମଧ୍ୟ ସାମ୍ନାକୁ ଆସିଛି। ଅଣ୍ଡର-୧୯ ଏସିଆ କପ୍‌ର ଚାରୋଟି ସଂସ୍କରଣ ହେବ। ପ୍ରତ୍ୟେକ ସଂସ୍କରଣରେ ୧୫ଟି ମ୍ୟାଚ୍ ରହିବ।

## ତୀରନ୍ଦାଜୀ : ମହିଳାଙ୍କ ପରେ ପୁରୁଷ ଟିମ ଅଲିମ୍ପିକ୍ସରୁ ଆଉଟ୍

ପ୍ୟାରିସ, ୨୯।୭: ଅଲିମ୍ପିକ୍ସରେ ଦୀର୍ଘ ୩୬ ବର୍ଷ ହେଲା ତୀରନ୍ଦାଜିରୁ ପଦକ ଆଶା ରଖିଥିବା ଭାରତକୁ ଜୋରଦାର ଝଟକା ଲାଗିଛି। ପ୍ରଥମେ ମହିଳା ତୀରନ୍ଦାଜି ଟିମ ଅପ୍ରତ୍ୟାଶିକ ଭାବେ କ୍ୱାର୍ଟର ଫାଇନାଲରେ ହାରିଥିଲା ଆଜି ପୁରୁଷ ଟିମ ମଧ୍ୟ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ଦଳ ତୁର୍କୀ ଠାରୁ ୬-୨ରେ ହାରି ପଦକ ରେସ୍‌ରୁ ଆଉଟ ହୋଇଯାଇଛି।




ପ୍ରବୀଣ ଯାଦବ, ଧୀରଜ ଓ ତରୁଣଦୀପ ରାୟଙ୍କୁ ନେଇ ଗଠିତ ଭାରତୀୟ ଟିମ ଆଶା ଅନୁସାରେ ଆଦୌ ପ୍ରଦର୍ଶନ କରି ନଥିଲେ ପ୍ରଥମ ସେଟକୁ ତୁର୍କୀ ୫୭-୫୩ରେ ଜିତି ନେଇଥିଲା। ଦ୍ୱିତୀୟ ସେଟ ମଧ୍ୟ ୫୫-୫୨ ପଏଣ୍ଟରେ ତୁର୍କୀ ସପକ୍ଷରେ ଯାଇଥିଲା।

ତୃତୀୟ ସେଟରେ ଭାରତ କମବ୍ୟାକ କରି ୫୫-୫୪ରେ ଜିତି ନେଇଥିଲା ଫଳରେ ସ୍ଥିତି ୪-୨କୁ ଆସିଥିଲା। ୫ମ ସେଟରେ ଭାରତ ପ୍ରଥମ ୩ଟି ଶଟ ପରେ ୨୮ ପଏଣ୍ଟ ହାସଲ କରିଥିବା ବେଳେ ତୁର୍କୀ ଟ୍ରିପଲ ଶଟ ପରେ ମଧ୍ୟ ସମାନ ୨୮ ପଏଣ୍ଟ ପାଇଥିଲା। ପରବର୍ତ୍ତୀ ୩ଟି ଶଟ ପରେ ଭାରତ ସ୍କୋର ୫୪ ରହିଥିଲା ପ୍ରବୀଣ ୧୦ ଓ ତୁରଣଦୀପ ୯ ସ୍କୋର କରିଥିଲେ ହେଁ ଧୀରଜଙ୍କ ତୀର ୭ ପଏଣ୍ଟରେ ବାଜିଥିଲା। ଏହାପରେ ତୁର୍କୀ ଏହାକୁ ବେଶ ସହଜରେ ଅତିକ୍ରମ କରି ସ୍କୋରକୁ ୫୭ରେ ପହଞ୍ଚାଇ ମ୍ୟାଚ୍‌କୁ ଜିତି ନେଇଥିଲା।

## ବେଲଜିୟମ ଖେଳାଳିଙ୍କୁ ମାତ ଦେଇ ଆଗେଇଲେ ଲକ୍ଷ୍ୟ

ପ୍ୟାରିସ, ୨୯।୭: ପ୍ୟାରିସ ଅଲିମ୍ପିକ୍ସରେ ଭାରତର ଷ୍ଟାର ଶଟଲର ଲକ୍ଷ୍ୟ ସେନଙ୍କ ଦବଦବା ଜାରି ରହିଛି। ପ୍ୟାରିସ ଅଲିମ୍ପିକ୍ସରେ ସେ ପ୍ରଥମ ମ୍ୟାଚ୍ ଗୁଏତଲାମା ଖେଳାଳିଙ୍କ ଠାରୁ ଜିତିଥିଲେ ହେଁ ଏହାକୁ ଡିଲିଟ କରି ଦିଆଯାଇଥିଲା। ଗୁଏତମାଲାର ଖେଳାଳି ଅଲିମ୍ପିକ୍ସରୁ ଓହରି ଯିବାରୁ ଲକ୍ଷ୍ୟଙ୍କ ବିଜୟକୁ ରେକର୍ଡ ବୁକରୁ ହଟାଇ ଦିଆଯାଇଥିଲା।



ତେଣୁ ସେ ଆଜି ପୁଣି ମୂଳରୁ ନିଜର ଅଲିମ୍ପିକ୍ସ ଅଭିଯାନ ଆରମ୍ଭ କରିଥିଲେ। ଆଜିର ମ୍ୟାଚ୍‌ରେ ସେ ବେଲଜିୟର ଜୁଲିଏନ କାରାଗିଙ୍କୁ ବେଶ ଚମତ୍କାର ଢଙ୍ଗରେ ୨-୦ରେ ହରାଇ ଦେଇଛନ୍ତି। ଏଥିସହ ନିଜର ଦ୍ୱିତୀୟ ଗ୍ରୁପ ମ୍ୟାଚ୍ ଖେଳିବାକୁ ଆଗକୁ ବଢ଼ିଛନ୍ତି। କୋର୍ଟ ୩ରେ ଖେଳା ଯାଉଥିବା ଆଜିର ମ୍ୟାଚ୍ ଆରମ୍ଭରୁ ଲକ୍ଷ୍ୟ ସେନ ବ୍ୟାକଫୁଟରେ ରହିଥିଲେ। ପ୍ରଥମ ସେଟର ହାଫ ଷ୍ଟେଜ ସୁଦ୍ଧା ଲକ୍ଷ୍ୟ ସେନଙ୍କ ଠାରୁ କାରାଗି ଆଗେଇ ଯାଇଥିଲେ। ସ୍ଥିତି ୧୨-୮ରେ କାରାଗିଙ୍କ ସପକ୍ଷରେ ରହିଥିଲା। କିନ୍ତୁ ଲକ୍ଷ୍ୟ ସେନ ଜବରଦସ୍ତ କମବ୍ୟାକ କରିଥିଲେ। ସେ ଦମଦାର ପ୍ରଦର୍ଶନ କରି ପ୍ରଥମ ସେଟକୁ ୨୧-୧୯ରେ କବଜା କରି ନେଇଥିଲେ। ଦ୍ୱିତୀୟ ସେଟରେ ଲକ୍ଷ୍ୟ ନିଜର ଲୟ ହାସଲ କରିବାକୁ ସକ୍ଷମ ହୋଇଥିଲେ। ଜବରଦସ୍ତ ନେଟ ପ୍ଲେ ଓ ଶାମସ ଜରିଆରେ ସେ କାରାଗିଙ୍କୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ସେ ଦ୍ୱିତୀୟ ସେଟକୁ ୨୧-୧୪ରେ ଜିତି ମ୍ୟାଚକୁ ବାଜିମାତ କରି ନେଇଥିଲେ। ପ୍ରଥମ ସେଟକୁ ୨୨ ମିନିଟ ଓ ଦ୍ୱିତୀୟ ସେଟକୁ ୨୧ ମିନିଟରେ ଲକ୍ଷ୍ୟ ଶେଷ କରିଛନ୍ତି। ଶେଷ ଗ୍ରୁପ କେଭିନ ଆହତ ସମସ୍ୟା କାରଣରୁ ପ୍ୟାରିସେ ଅଲିମ୍ପିକ୍ସରୁ ଓହରି ଯାଇଛନ୍ତି।


ଅଲିମ୍ପିକ୍ସ.ଓଟ କମରେ କୁହାଯାଇଛି ଯେ କେଭିନ ପ୍ୟାରିସରେ ଚାଲିଥିବା ଅଲିମ୍ପିକ୍ସରୁ ନିଜ ନାଁକୁ ପ୍ରତ୍ୟାହାର କରିନେଇଛନ୍ତି ଏଥିପାଇଁ ଗ୍ରୁପ ଏଲରେ ସେ ଖେଳିବାକୁ ଥିବା ଦୁଇଟି ଯାକ ମ୍ୟାଚକୁ ବାତିଲ କରି ଯାଇଛି ସେ

### ଲକ୍ଷ୍ୟଙ୍କ ପ୍ରଥମ ବିଜୟକୁ ରେକର୍ଡ ବୁକରୁ ହଟାଇ ଦିଆଗଲା

ମ୍ୟାଚ୍‌ରେ ଲକ୍ଷ୍ୟ ସେନଙ୍କ ମୁକାବିଲା ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କ ସହ ହେବ।

ଶନିବାର ଗୁଏତମାଲାର କେଭିନ କୋର୍ଡନଙ୍କୁ ଭାରତର ଲକ୍ଷ୍ୟ ସେନ ଦମଦାର ଢଙ୍ଗରେ ୨-୦ରେ ହରାଇ ଦେଇଥିଲେ। ତେବେ ଉକ୍ତ ମ୍ୟାଚ୍ ପରେ ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟି ଓ ବେଲଜିୟ ଜୁଲିଏ କାରାଗିଙ୍କ ସହ ମ୍ୟାଚ୍ ଖେଳିବେ ନାହିଁ। ସେହିପରି ଗ୍ରୁପ ଷ୍ଟେଜରେ ସେ ଲକ୍ଷ୍ୟ ସେନଙ୍କ ବିରୋଧରେ ଖେଳିଥିବା ମ୍ୟାଚ୍‌କୁ ମଧ୍ୟ ଡିଲିଟ କରି ଦିଆଯାଇଛି। ଏହି ବିଜୟକୁ ଗ୍ରୁପ ରାଙ୍କିଙ୍ଗ ଚୟନ ବେଳେ ଗଣତି କରାଯିବ ନାହିଁ।

## ପଦକ ଜିତିବାରୁ ଅଳ୍ପକେ ରହିଗଲେ ଅର୍ଜୁନ



ପ୍ୟାରିସ, ୨୯।୭: ମନୁ ଭାକରଙ୍କ ପରେ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପାଇଁ ବନ୍ଧୁକ ଚାଳନାରେ ପଦକ ଜିତିବାର ଅତି ନିକଟକୁ ଆସି ନିରାଶ କରିଛନ୍ତି ଅର୍ଜୁନ ବବୁତା। ସେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଦେଶ ପାଇଁ ପଦକ ଜିତିବାର ଆଶା ସୃଷ୍ଟି କରିଥିଲେ।

ଏପରି କି ଫାଇନାଲ ଇଭେଣ୍ଟର ୧୮ମ ଶଟ ଯାଏ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ହେଲେ ୧୯ତମ ଶଟ ସବୁ କିଛି ଓଲଟ ପାଲଟ କରି ଦେଇଥିଲା। ପୂର୍ବରୁ ଦ୍ୱିତୀୟ ସ୍ଥାନରେ ରହିଥିବା ଅର୍ଜୁନ ସିଧା ୪ର୍ଥକୁ ଖସି ଆସିଥିଲେ। ଏହାପରେ ୨୦ତମ ଶଟରେ ମଧ୍ୟ ସେ ସ୍ୱିଜରଲ୍ୟାଣ୍ଡ ଖେଳାଳିଙ୍କ ଠାରୁ କମ ସ୍କୋର କରିଥିଲେ। ଏଥିଯୋଗୁ ୨୦ତମ ଶଟ ପରେ ତାଙ୍କୁ ବାହାରର ରାସ୍ତା ଦେଖିବାକୁ ପଡ଼ିଥିଲା। ଅର୍ଜୁନ ମୋଟ ୨୦୮.୪ ପଏଣ୍ଟ ସ୍କୋର କରିଛନ୍ତି।

ଯୋଗ୍ୟତା ପର୍ଯ୍ୟାୟରେ ୪ର୍ଥ ସ୍ଥାନରେ ରହି ଫାଇନାଲକୁ ଯାଇଥିବା ଅର୍ଜୁନ ଆରମ୍ଭରୁ ନିଜର ଦମ ଦେଖାଇଥିଲେ। ସେ କ୍ରମାଗତ ଭାବେ ୧୦ ଇନର ପଏଣ୍ଟ ହାସଲ କରି ଚାଲିଥିଲେ।

୧୩ତମ ଶଟ ଯାଏ ସେ ମାତ୍ର ୦.୧ ପଏଣ୍ଟ କମ ବଳରେ ୧ନଂରେ ଥିବା ଚାଇନା ଖେଳାଳିଙ୍କ ପଛରେ ଥିଲେ। କିନ୍ତୁ ୧୪ତମ ଶଟ ସେ ୯.୯ ସ୍କୋର କରିଥିଲେ। ହେଲେ ଚାଇନାର ସେଙ୍ଗ ୧୦ ଇନର ପଏଣ୍ଟ ହାସଲ କରି ଅର୍ଜୁନ ଠାରୁ ଅରଗେଇ ଯାଇଥିଲେ।

ତାଙ୍କୁ ଅତିକ୍ରମ କରିବାକୁ ଅର୍ଜୁନ ଚେଷ୍ଟା କରିଥିଲେ ହେଁ ସେ ସିଧା ୪ର୍ଥକୁ ଖସି ଆସିଥିଲେ। ଏହି ଇଭେଣ୍ଟରେ ଚାଇନାର ସେଙ୍ଗ ସ୍ୱର୍ଣ୍ଣ ଜିତିଥିବା ବେଳେ ସ୍ୱିଜରଲ୍ୟାଣ୍ଡର ଖେଳାଳି ରୌପ୍ୟ ଓ କ୍ରୋଏସିଆ ଖେଳାଳିଙ୍କୁ ବ୍ରୋଞ୍ଜ ପଦକ ମିଳିଛି।

ଶନିବାର ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମନୁ ଭାକର ପ୍ରଥମ ଭାରତୀୟ ମହିଳା ଭାବେ ଦେଶ ପାଇଁ ଅଲିମ୍ପିକ୍ସର ବନ୍ଧୁକ ଚାଳନାରେ ବ୍ରୋଞ୍ଜ ପଦକ ଜିତିଥିଲେ।

## ନିରାଶ କଲେ ରମିତା



ପ୍ୟାରିସ, ୨୯।୭: ମହିଳା ୧୦ ମିଟର ଏୟାର ରାଫଲ ଇଭେଣ୍ଟରୁ ଭାରତକୁ ପଦକ ମିଳିବା ଆଶା ମଉଳିଛି। ଦୀର୍ଘ ୨୦ ବର୍ଷ ପରେ ଏହି ଇଭେଣ୍ଟର ଫାଇନାଲରେ ଭାରତର ରମିତା ଜିନ୍ଦଲ ପ୍ରବେଶ କରି ଇତିହାସ ରଚିଥିଲେ। କିନ୍ତୁ ଫାଇନାଲରେ ସେ ସମସ୍ତଙ୍କୁ ନିରାଶ କରିଛନ୍ତି ଫାଇନାଲରେ ୮ ଜଣ ପ୍ରତିଯୋଗୀ ରହିଥିବା ବେଳେ ରମିତା ୭ମ ସ୍ଥାନରେ ରହି ନିଜ ଅଭିଯାନ ଶେଷ କରିଛନ୍ତି।

ଫାଇନାଲରେ ରମିତା ଦମଦାର ଆରମ୍ଭ କରିଥିଲେ। ପ୍ରଥମ ୫ଟି ଶଟ ପରେ ସେ ୪ର୍ଥ ସ୍ଥାନରେ ରହିଥିଲେ କିନ୍ତୁ ପରବର୍ତ୍ତୀ ୫ ଶଟ ପରେ ତାଙ୍କୁ ୭ମ ସ୍ଥାନକୁ ଖସିବାକୁ ପଡ଼ିଥିଲା। ଏଠାରୁ ପ୍ରତି ଦୁଇଟି ଶଟ ପରେ ଅରରମ୍ଭ ହୋଇଥିଲା ଏଲିମିନେସନ। ପ୍ରଥମ ଏଲିମିନେସନରୁ ରମିତା ଅଳ୍ପକେ ବର୍ତ୍ତି ଯାଇଥିଲେ। କିନ୍ତୁ ୧୪ତମ ଶଟ ପରେ ତାଙ୍କୁ ବାହାର ରାସ୍ତା ଦେଖିବାକୁ ପଡ଼ିଥିଲା। ସେ ୧୪ଟି ଶଟରୁ ମୋଟ ୧୪୫.୩ ପଏଣ୍ଟ ସ୍କୋର କରିବାକୁ ସକ୍ଷମ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ଇଭେଣ୍ଟରେ ଦକ୍ଷିଣ କୋରିଆରର ଶୁଟର ବାନ ହାୟୋଜିନ ଚାଇନରର ବିଶ୍ୱ ରେକର୍ଡ ସହ ସମକକ୍ଷ ହୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଚାଇନାର ହୁଆଙ୍ଗ ୟୁଟିଙ୍ଗ ରୌପ୍ୟ ପଦକ ଓ ସ୍ୱିଜରଲ୍ୟାଣ୍ଡର ଆଣ୍ଡ୍ରେ ଗୋଗନିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ମନୁ ଭାକରଙ୍କ ଟ୍ରେନିଂ ପାଇଁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ସରକାର ?



ପ୍ୟାରିସ, ୨୯।୭(ଏଜେନ୍ସି): ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପାଇଁ ଐତିହାସିକ ବ୍ରୋଞ୍ଜ ଜିତିଛନ୍ତି ଯୁବ ଶୁଟର ମନୁ ଭାକର। ସେ ପ୍ରଥମ ଭାରତୀୟ ମହିଳା ଭାବେ ବନ୍ଧୁକ ଚାଳନାରେ ପଦକ ହାତେଇଛନ୍ତି। ପଦକ ଜିତିବା ପରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ମନୁ ଭାକରଙ୍କ ତାଲିମ ପଛରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ତାର ତଥ୍ୟ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ମାଣ୍ଡଭୀୟ କହିଛନ୍ତି, ପ୍ୟାରିସେ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରଥମ ବ୍ରୋଞ୍ଜ ପଦକ ଜିତି ମନୁ ଭାକର ଭାରତକୁ ଗର୍ବିତ କରିଛନ୍ତି। ତାଙ୍କ ସହ କଥାବାର୍ତ୍ତା କରିବା ବେଳେ ମନୁ କହିଛନ୍ତି ଯେ ସେ ଖେଲୋ ଇଣ୍ଡିଆର ଅଂଶବିଶେଷ ଥିଲେ ମୁଁ ଆପଣମାନଙ୍କୁ କହିବାକୁ ଚାହୁଁଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖେଲୋ ଇଣ୍ଡିଆ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଦେଶରେ କ୍ରୀଡ଼ା ଭିତ୍ତିଭୂମି, ଅଧିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ସ୍କୁଲ ଓ କଲେଜରୁ ପ୍ରତିଭାବାନ ଖେଳାଳିଙ୍କୁ ବଛା ଯାଇଥିଲା। ପ୍ରତିଭାବାନ ଖେଳାଳିଙ୍କୁ ତାଲିମ ଦେବା ପାଇଁ ଭଲ କୋଚଙ୍କୁ ଅଣା ଯାଇଛି। ସେମାନଙ୍କୁ ଟିଓପିଏସ୍ ସ୍କିମ ଜରିଆରେ ଉତ୍ତମ ଟ୍ରେନିଂ ଦିଆଯାଉଛି। ପ୍ରତିଭାବାନ ଖେଳାଳିମାନେ ଯେମିତି କୌଣସି ଆର୍ଥିକ ସମସ୍ୟାର ସମ୍ମୁଖୀନ ନ ହେବେ, ତାର ବ୍ୟବସ୍ଥା କରାଯାଇଛି।

ମାଣ୍ଡଭୀୟ ଖୁଲାସା କରିଛନ୍ତି ଯେ ମନୁଙ୍କ ତାଲିମ ପାଇଁ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ଭଲ ଟ୍ରେନିଂ ପାଇଁ ତାଙ୍କୁ ଜର୍ମାନୀ ଓ ସ୍ୱିଜରଲ୍ୟାଣ୍ଡ ପଠାଯାଇଥିଲା ତାଙ୍କ ପସନ୍ଦ ଅନୁସାରେ କୋଚଙ୍କୁ ଅଣାଯାଇଥିଲା। ଆମେ ସବୁ ଖେଳାଳିଙ୍କୁ ଏ ପ୍ରକାରର ସୁବିଧା ଯୋଗାଇ ଆସୁଛୁ। କାରଣ ସେମାନେ ଯେମିତି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭଲ କରପାରିବେ, ଆମେ ତାକୁ ନିଶ୍ଚିତ କରିବାକୁ ଚାହୁଁଛୁ ବୋଲି ସେ କହିଛନ୍ତି। ଏଥିସହ ଦେଶର ଆଥଲେଟମାନେ ପ୍ୟାରିସ ଅଲିମ୍ପିକ୍ସରେ ମଧ୍ୟ ଭଲ କରିପାବେ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ରଖିଛନ୍ତି।

## ବିଶ୍ୱରେକର୍ଡ କଲା ଟିମ ଇଣ୍ଡିଆ

କଲମ୍ବୋ, ୨୯।୭: ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଏକ ତିନି ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳାଯାଉଛି ସିରିଜର ୨ଟି ମ୍ୟାଚ ଶେଷ ହୋଇଛି ଏବଂ ଉଭୟ ମ୍ୟାଚ ଜିତି ଟିମ ଇଣ୍ଡିଆ ଏକ ବଡ଼ ଅଗ୍ରଣୀ ହାସଲ କରିଛି। ଏହି ଅଗ୍ରଣୀ ସହିତ ଟିମ ଇଣ୍ଡିଆ ଏକ ସ୍ୱତନ୍ତ୍ର ରେକର୍ଡ ହାସଲ କରିଛି ଟିମ ଇଣ୍ଡିଆ ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଏହି ରେକର୍ଡ ସୃଷ୍ଟି କରିଛି। ଏହାପୂର୍ବରୁ ଏମଏସ ଧୋନୀ, ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଭଳି କିମ୍ବଦନ୍ତୀ ଅଧିନାୟକ ଏହି ରେକର୍ଡରେ ପହଞ୍ଚିପାରି ନ ଥିଲେ। ୭୭ ସଂଖ୍ୟା ସହିତ ଏକ ରେକର୍ଡର ଏକ ବିଶେଷ ସମ୍ପର୍କ ଅଛି।

ଟିମ ଇଣ୍ଡିଆ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି-୨୦ରେ ବିଜୟ ସହ ଅନ୍ତର୍ଜାତୀୟ ଟି-୨୦ରେ ୭୭ତମ ଦ୍ୱିପାକ୍ଷିକ ସିରିଜ ଜିତିଛି। ଅନ୍ତର୍ଜାତୀୟ ଟି-୨୦ରେ ୭୭ ଦ୍ୱିପାକ୍ଷିକ ସିରିଜ ଜିତିବା ଯେକୌଣସି ଦଳ ପାଇଁ ସର୍ବାଧିକ। ଏହିପରି ଟିମ ଇଣ୍ଡିଆ ଏହାର ନାମ ୭୭ ଚିତ୍ର ସହିତ ବିଶ୍ୱ ରେକର୍ଡ କରିଛି।

## ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସ

ଢେଙ୍କାନାଳ, ୨୯।୭: ଦୀର୍ଘ ବର୍ଷର ବ୍ୟବଧାନ ପରେ ବିଦ୍ୟାଳୟ ସ୍ତରରେ ଫୁଟ୍‌ବଲ୍ ଖେଳର ଆଦୃତି ଓ ପ୍ରସାର ପାଇଁ ଟାଉନ୍ କ୍ଲବ୍ ଢେଙ୍କାନାଳ ଓ ଜିଲ୍ଲା କ୍ରୀଡା ସଂଘର ସଂଯୁକ୍ତ ପ୍ରୟାସରେ ଢେଙ୍କାନାଳ ଷ୍ଟାଡିୟମ୍ ଠାରେ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମେମୋରିଆଲ୍ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଢେଙ୍କାନାଳ ସେଂଟ୍ ଜାଭିୟର୍ସ ହାଇସ୍କୁଲ ସହିତ ପରଜଙ୍ଗ ବ୍ଲକ୍ ଫୁଟ୍‌ବଲ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଦ୍ୱିତୀୟ ଦିନର ପ୍ରତିଯୋଗିତାରେ ଗିରିଜାକାନ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ମ୍ୟାଚ୍‌ରେ ଢେଙ୍କାନାଳ ଜାଭିୟର୍ସ ହାଇସ୍କୁଲ୍ ୭-୦ ଗୋଲ୍‌ରେ ପରଜଙ୍ଗ ବ୍ଲକ୍ ଟିମ୍‌କୁ ପରାସ୍ତ କରିଛି। ଉକ୍ତ ମ୍ୟାଚ୍‌କୁ ରେଫରୀ ଭାବେ ମହେଶ ପ୍ରଧାନ ପରିଚାଳନା କରିଥିଲେ ଏବଂ ସର୍ବେଶ୍ୱର ସେଠୀ, ଶୁଭ୍ରଜିତ୍ ସ୍ୱାଇଁ ଏବଂ ଦେବରାଜ ସ୍ୱାଇଁ ସହଯୋଗ କରିଥିଲେ। ମ୍ୟାଚ୍ କମିସନର ଭାବେ ମାୟାଧର ସାହୁ ଉପସ୍ଥିତ ଥିଲେ। ଟାଉନ୍ କ୍ଲବ୍‌ର କାର୍ଯ୍ୟକର୍ତ୍ତା ପ୍ରଦୀପ୍ତ ତ୍ରିପାଠୀ, ଅଭିଜିତ୍ ମିଶ୍ର, ଶିବସାଇ ମହାପାତ୍ର, ସଞ୍ଜୀବ ତ୍ରିପାଠୀ, ସୁଭ୍ରାଂଶୁ ଦଳେଇ, ଅସିମ୍ କୁମାର ଦାସ, ରାମକୃଷ୍ଣ ବେହେରା, ଦେବକାନ୍ତ ମିଶ୍ର ଏବଂ ସମସ୍ତ ସଭ୍ୟବୃନ୍ଦଙ୍କର ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ଅବସରରେ ଜିଲ୍ଲା କ୍ରୀଡା ସଂଘର ସଂପାଦକ ନଳିନୀ ଦାସ, ସୁନିଲ୍ ପଣ୍ଡା, ସଞ୍ଜୟ ଭଞ୍ଜ, ଗୌରାଙ୍ଗ ସେଠୀ, ପ୍ରଦ୍ୟୁମ୍ନ ପାଢୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟମାନେ ଉପସ୍ଥିତ ରହିଥିଲେ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ